RNI No.ODIODI/2010/33031
୧୭ ବର୍ଷ | Volume-17
ISSUE -84 | ସଂଖ୍ୟା-୮୪
ଭୁବନେଶ୍ୱର, ମଙ୍ଗଳବାର ୦୯ ଜୁନ୍ ୨୦୨୬
Bhubaneswar, Tuesday 09 June, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ | ଦୈନିକ ସମ୍ବାଦପତ୍ର



# ମୟୂରଭଞ୍ଜ ଜିଲ୍ଲାକୁ ଏକାଧିକ ପ୍ରକଳ୍ପ ଭେଟି

- ୪୩୦ କୋଟିର ପ୍ରକଳ୍ପ ସହ ୬୫୦ ଶଯ୍ୟାର ନୂଆ ଟିଚିଙ୍ଗ୍ ହସ୍ପିଟାଲ ଲୋକାର୍ପିତ
- ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲର ନୂତନ ବିଲ୍ଡିଂ ଭେଟି ଦେଲେ ମୁଖ୍ୟମନ୍ତ୍ରୀ
- ୩୯ ପ୍ରକଳ୍ପର ଶୁଭାରମ୍ଭ, ୧୦୦ କୋଟିର ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ
- ୨୫୮ କୋଟିର ସ୍ୱାସ୍ଥ୍ୟ ଭିତ୍ତିଭୂମି: ଉତ୍ତର ଓଡ଼ିଶାର ପ୍ରମୁଖ ରେଫରାଲ୍ ସେଣ୍ଟର

ଭୁବନେଶ୍ୱର/ବାରିପଦା,୮।୬(ନି.ପ୍ର.): ମୟୂରଭଞ୍ଜ ଏବଂ ସମଗ୍ର ଉତ୍ତର ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଜି ଏକ ନୂତନ ଐତିହାସିକ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ବାରିପଦା ଗସ୍ତରେ ଯାଇ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ନୂତନ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଙ୍ଗ୍ ହସ୍ପିଟାଲ ଉଦ୍‌ଘାଟନ କରିବା ସହିତ ଏହି ଅବସରରେ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ୪୩୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ ମଧ୍ୟ କରିଛନ୍ତି ।

ସୂଚନାଯୋଗ୍ୟ ଯେ, ମୟୂରଭଞ୍ଜ ଜିଲ୍ଲାର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ମୋଟ ୪୩୦.୨୬ କୋଟି ଟଙ୍କା ବିନିଯୋଗ କରାଯାଉଛି। ଏହି ବୃହତ ବ୍ୟୟବରାଦ ଅଧୀନରେ ଗମନାଗମନ, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଜନକଲ୍ୟାଣକାରୀ କ୍ଷେତ୍ର ସହିତ ଜଡ଼ିତ ୩୯ଟି ପ୍ରମୁଖ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ଫଳରେ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ସୁଧାର ଆସିବ, ଯାହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ପ୍ରକାଶ ପାଇଛି।

ଏହି ବିଶାଳ ବିକାଶମୂଳକ କାର୍ଯ୍ୟକ୍ରମ ମଧ୍ୟରେ ୨୮୨ କୋଟିରୁ ଅଧିକ ଟଙ୍କା ମୂଲ୍ୟର ୨୧ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ ୧୪୯ କୋଟିରୁ ଅଧିକ ଟଙ୍କା ମୂଲ୍ୟର ୧୮ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରାଯାଇଛି। ବିଶେଷ ଭାବେ ପ୍ରାୟ ୧୦୦ କୋଟି ଟଙ୍କା ବିନିଯୋଗରେ ନିର୍ମିତ ୮୩ଟି ପାନୀୟ ଜଳ ପ୍ରକଳ୍ପ ଆଜି ଉଦ୍‌ଘାଟିତ ହୋଇଛି, ଯାହା ଦ୍ୱାରା ଏହି ସବୁ ଅଞ୍ଚଳରେ ଦୀର୍ଘ ଦିନର ପାନୀୟ ଜଳ ସମସ୍ୟା ଦୂର ହେବ ଏବଂ ଜନସାଧାରଣଙ୍କ ଦୈନନ୍ଦିନ ଜୀବନରେ ବ୍ୟାପକ ସୁଧାର ଆସିବ। ଏହି ସମସ୍ତ ପ୍ରକଳ୍ପ ଜିଲ୍ଲାବାସୀଙ୍କୁ ସମସ୍ତ ମୌଳିକ ସେବା ଯୋଗାଇଦେବାରେ ସହାୟକ ହେବ।

ଏହି ସାର୍ବଜନୀନ ବିକାଶ କାର୍ଯ୍ୟକ୍ରମ ମଧ୍ୟରେ ସବୁଠାରୁ ପ୍ରମୁଖ ଆକର୍ଷଣ ଥିଲା ୬୫୦ ଶଯ୍ୟା ବିଶିଷ୍ଟ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲର ନୂତନ ବିଲ୍ଡିଂର ଲୋକାର୍ପଣ। ଏହି ଅତ୍ୟାଧୁନିକ ବହୁମୁଖୀ ଚିକିତ୍ସାଳୟ କେବଳ ବାରିପଦା କିମ୍ବା ମୟୂରଭଞ୍ଜ ଜିଲ୍ଲା ନୁହେଁ, ବରଂ ସମଗ୍ର ଉତ୍ତର ଓଡ଼ିଶା ଏବଂ ଏହାର ପଡ଼ୋଶୀ ଅଞ୍ଚଳର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ନୂଆ ବିପ୍ଳବ ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ପ୍ରାୟ ୨୫୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଆଧୁନିକ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଙ୍ଗ୍ ହସ୍ପିଟାଲ ଉତ୍ତର ଓଡ଼ିଶାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରକଳ୍ପମାନଙ୍କ ମଧ୍ୟରୁ ଗୋଟିଏ। ଆଧୁନିକ ସୁବିଧା, ଉନ୍ନତ ନିଦାନ ସେବା, ବିଶେଷଜ୍ଞ ଚିକିତ୍ସା ବିଭାଗ, ଗୁରୁତର ଚିକିତ୍ସା ସୁବିଧା, ଜରୁରୀକାଳୀନ ସେବା ଏବଂ ଉନ୍ନତ ଶିକ୍ଷାଦାନ ଭିତ୍ତିଭୂମି ସହିତ ଏହି ହସ୍ପିଟାଲ ଅଞ୍ଚଳର ସ୍ୱାସ୍ଥ୍ୟସେବାକୁ ଅନେକ ଗୁଣରେ ଶକ୍ତିଶାଳୀ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଏହି ନୂତନ ଟିଚିଙ୍ଗ୍ ହସ୍ପିଟାଲ କେବଳ ମୟୂରଭଞ୍ଜର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବ ନାହିଁ, ବରଂ ପଡ଼ୋଶୀ ଜିଲ୍ଲା, ପଡ଼ୋଶୀ ରାଜ୍ୟ ଏବଂ ଆଖପାଖର ଜନଜାତି ଅଞ୍ଚଳର ରୋଗୀମାନଙ୍କୁ ମଧ୍ୟ ବହୁଳ ଭାବେ ଉପକୃତ କରିବ। ବୃଦ୍ଧି ପାଇଥିବା ଶଯ୍ୟା ସଂଖ୍ୟା, ବିଶେଷଜ୍ଞ ଚିକିତ୍ସା ସୁବିଧା ଏବଂ ଅତ୍ୟାଧୁନିକ ଭିତ୍ତିଭୂମି ଯୋଗୁ ଏହା ଉତ୍ତର ଓଡ଼ିଶାର ଏକ ପ୍ରମୁଖ ରେଫରାଲ୍ ସେଣ୍ଟର ଭାବେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଯେଉଁ ଉନ୍ନତ ଚିକିତ୍ସା ସେବା ପାଇଁ ପୂର୍ବରୁ ଲୋକମାନଙ୍କୁ ଦୂର ସହରକୁ ଯିବାକୁ ପଡୁଥିଲା, ସେହି ସେବା ଏବେ ଘର ନିକଟରେ ଉପଲବ୍ଧ ହେବ, ଯାହାଦ୍ୱାରା ରୋଗୀଙ୍କ ପରିବାରର ଆର୍ଥିକ ଓ ଶାରିରୀକ କଷ୍ଟ ଦୂର ହେବା ସହିତ ସଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା ସୁବିଧା ମିଳିପାରିବ। ମୟୂରଭଞ୍ଜ ଜିଲ୍ଲାରେ ବହୁ ସଂଖ୍ୟାରେ ଜନଜାତି ଭାଇ ଭଉଣୀ ବାସ କରୁଥିବାରୁ କମ୍ୟୁନିଟି ହେଲ୍‌ଥ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟସେବା, ଜନସ୍ୱାସ୍ଥ୍ୟ ଗବେଷଣା ଏବଂ ଜନଜାତି ବର୍ଗଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ଏହି ମେଡିକାଲ କଲେଜ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ଦୃଢ ଆଶା ବ୍ୟକ୍ତ କରିଛନ୍ତି ।

ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆୟୁଷ୍ମାନ ଭାରତ- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ୧.୩୦ କୋଟି ପରିବାରର ୩.୪୬ କୋଟି ବ୍ୟକ୍ତିଙ୍କୁ ଦେଶର ବିଭିନ୍ନ ନାମିଦାମୀ ସରକାରୀ ଓ ବେସରକାରୀ ହସ୍ପିଟାଲରେ ମାଗଣାରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ବର୍ତ୍ତମାନର ସରକାର ଆସିବାର ମାତ୍ର ୨୦ ମାସ ମଧ୍ୟରେ ଯାଜପୁର, କନ୍ଧମାଳ ଓ ତାଳଚେରରେ ୩ଟି ନୂଆ ମେଡିକାଲ କଲେଜ କାର୍ଯ୍ୟକ୍ଷମ କରାଯାଇଛି। ଗତ ଫେବୃଆରୀ ମାସରେ ନବରଙ୍ଗପୁରରେ ମେଡିକାଲ କଲେଜ ସ୍ଥାପନ ପାଇଁ ଶୁଭ ଦିଆଯାଇଥିବା ବେଳେ ଖୁବ୍ ଶୀଘ୍ର ଢେଙ୍କାନାଳ, ଜଗତସିଂହପୁର ଓ ଭଦ୍ରକରେ ମଧ୍ୟ ମେଡିକାଲ କଲେଜ ସ୍ଥାପନ ହେବ। ସେହିପରି ଆୟୁଷ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଗଜପତି, ମାଲକାନଗିରି, ରାୟଗଡାରେ ୩ଟି ନୂଆ ଆୟୁର୍ବେଦିକ ମେଡିକାଲ କଲେଜ ସହିତ ନୟାଗଡ ଓ ନୂଆପଡାରେ ୨ଟି ନୂଆ ହୋମିଓପାଥିକ ମେଡିକାଲ କଲେଜ ଖୋଲିବା ପାଇଁ ପଦକ୍ଷେପ ନିଆଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିଦର୍ଶନ କରି ଡାକ୍ତରୀ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ସହିତ କଥା ହୋଇଥିଲେ ।

ମେଡିକାଲ କଲେଜର ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଡାକ୍ତରୀ କେବଳ ଏକ ବୃତ୍ତି ବା ଜୀବିକା ନୁହେଁ, ଏହା ଏକ ପବିତ୍ର ଈଶ୍ୱରୀୟ ବ୍ରତ। ସମାଜ ଡାକ୍ତରମାନଙ୍କୁ 'ଭଗବାନଙ୍କ ଦ୍ୱିତୀୟ ରୂପ' ଭାବେ ଗ୍ରହଣ କରିଥାଏ, କାରଣ ଜନ୍ମ ଓ ମୃତ୍ୟୁ ମଧ୍ୟରେ ଜୀବନକୁ ସୁରକ୍ଷିତ ରଖିବାର ଦାୟିତ୍ୱ ସେମାନଙ୍କ ହାତରେ ଥାଏ। ଡାକ୍ତରଙ୍କ ଷ୍ଟେଥୋସ୍କୋପ୍ ଏବଂ କଲମରେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାର ଅସୀମ ଶକ୍ତି ରହିଛି ଏବଂ ମୁମୂର୍ଷୁ ରୋଗୀର ଆଖିରୁ ଲୁହ ପୋଛିବା ହିଁ ଜଣେ ଚିକିତ୍ସକଙ୍କ ଜୀବନର ସବୁଠାରୁ ବଡ଼ ସଫଳତା।

ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ ମହାନ ସମାଜ ସଂସ୍କାରକ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ତ୍ୟାଗ ଓ ଆଦର୍ଶକୁ ମନେ ପକାଇଥିଲେ। ସେ କହିଥିଲେ ଯେ ମୟୂରଭଞ୍ଜ ହେଉଛି ସରଳ ଓ ନିଷ୍କପଟ ଜନଜାତି ଭାଇଭଉଣୀଙ୍କ ମାଟି। ତେଣୁ ଏହି ଅନୁଷ୍ଠାନରୁ ଶିକ୍ଷାଲାଭ କରୁଥିବା ଭବିଷ୍ୟତର ଡାକ୍ତରମାନେ ପାଠପଢ଼ା ଶେଷ କରିବା ପରେ ସମାଜର ସବୁଠାରୁ ଶେଷ ଧାଡ଼ିରେ ଥିବା ଗରିବ, ଦଳିତ, ଅବହେଳିତ ଏବଂ ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକଙ୍କ ସେବାକୁ ନିଜର ପ୍ରଥମ କର୍ତ୍ତବ୍ୟ ଭାବେ ଗ୍ରହଣ କରିବା ଉଚିତ।

ସନାତନ ସଂସ୍କୃତିରେ 'ସେବା ହିଁ ପରମ ଧର୍ମ' ବାର୍ତ୍ତାକୁ ଦୋହରାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରକୃତ ଡାକ୍ତରୀ ଶିକ୍ଷା ହେଉଛି ବିଜ୍ଞାନ ଓ କାରୁଣ୍ୟର ଏକ ଅପୂର୍ବ ସମନ୍ୱୟ। ଆଧୁନିକ ମେଡିକାଲ ଯନ୍ତ୍ରପାତି ରୋଗୀର କଷ୍ଟ ବୁଝିପାରେ ନାହିଁ, ମାତ୍ର ଡାକ୍ତରଙ୍କ ମୁହଁର ମିଠା କଥା ଓ ସହାନୁଭୂତିପୂର୍ଣ୍ଣ ବ୍ୟବହାର ରୋଗୀକୁ ଆନ୍ତରିକ ସୁସ୍ଥତା ପ୍ରଦାନ କରେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମକୁ ପ୍ରଶଂସା କରିବା ସହ ସେମାନେ ଓଡ଼ିଶାକୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦେଶର ଶ୍ରେଷ୍ଠ ରାଜ୍ୟ ଭାବେ ଗଢ଼ିବାର ପ୍ରଧାନ ସାରଥୀ ହେବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି।




## ଓମାନ ଉପକୂଳ ନିକଟରେ ଜାହାଜରେ ଲାଗିଲା ନିଆଁ

ନୂଆଦିଲ୍ଲୀ : ଓମାନ ଉପକୂଳ ନିକଟସ୍ଥ ଷ୍ଟ୍ରେଟ ଅଫ୍ ହର୍ମୁଜରେ 'ଏମଟି ମାରିଭେକ୍ସ' ମାଲବାହୀ ଜାହାଜ ଉପରେ ଆକ୍ରମଣ ହୋଇଛି। ଏହି ଜାହାଜରେ ଅତିକମରେ ୨୪ ଜଣ ଭାରତୀୟ ନାବିକ ଥିଲେ। ଆକ୍ରମଣ ଯୋଗୁଁ ଇଞ୍ଜିନ୍ ରୁମ୍‌ରେ ଭୀଷଣ ନିଆଁ ଲାଗିଯାଇଛି ଏବଂ ଜାହାଜରେ ପାଣି ପଶିବାକୁ ଲାଗିଛି। ବର୍ତ୍ତମାନ ସୁଦ୍ଧା ସମସ୍ତ ନାବିକ ସୁରକ୍ଷିତ ଅଛନ୍ତି ଏବଂ ଘଟଣାସ୍ଥଳରେ ସହାୟତା ତଥା ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ଓମାନ ଉପକୂଳ ନିକଟସ୍ଥ ଷ୍ଟ୍ରେଟ ଅଫ୍ ହର୍ମୁଜ ପାଖରେ ସୋମବାର ଏକ ବାଣିଜ୍ୟିକ ମାଲବାହୀ ଜାହାଜ ଉପରେ ସନ୍ଦିଗ୍ଧ ଡ୍ରୋନ କିମ୍ବା ମିସାଇଲ ଆକ୍ରମଣ ହୋଇଛି। ଏହି ଜାହାଜରେ ଅତିକମରେ ୨୪ ଜଣ ଭାରତୀୟ ନାବିକ ଥିଲେ। କୁହାଯାଉଛି ଯେ ଆକ୍ରମଣ ପରେ ଜାହାଜର ଇଞ୍ଜିନ୍ ରୁମ୍‌ରେ ଜୋରଦାର ବିସ୍ଫୋରଣ ହୋଇଥିଲା, ଯାହାଫଳରେ ଭୀଷଣ ନିଆଁ ଲାଗିଯାଇଥିଲା। ଏହି ସମୟରେ କ୍ରୁ ମେମ୍ବରଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ପଶ୍ଚିମ ଏସିଆରେ ବଢୁଥିବା ସୁରକ୍ଷା ଚିନ୍ତା ମଧ୍ୟରେ ଏହି ଘଟଣା ଘଟିଛି, ଯେଉଁଠାରେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ପୁଣି ଥରେ ଯୁଦ୍ଧ ଆରମ୍ଭ ହୋଇଯାଇଛି। ସୂଚନା ଅନୁଯାୟୀ, ପଲାଉର ପତାକା ଥିବା ଏହି ମାଲବାହୀ ଜାହାଜଟି ଓମାନ ଉପକୂଳରୁ ପ୍ରାୟ ୧୫ ସାମୁଦ୍ରିକ ମାଇଲ୍ ଦୂରରେ ଥିବାବେଳେ ତା' ଉପରେ ଆକ୍ରମଣ ହୋଇଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଜାହାଜର ଇଞ୍ଜିନ୍ ରୁମ୍‌ରେ ଏକ ବଡ଼ କଣା ହୋଇଯାଇଥିଲା। ଯାହାଫଳରେ ଜାହାଜରେ ଦ୍ରୁତ ଗତିରେ ପାଣି ପଶିବାକୁ ଲାଗିଲା ଏବଂ ଏହାର ସନ୍ତୁଳନ ବିଗିଡ଼ିଗଲା। ବିସ୍ଫୋରଣ ପରେ ଇଞ୍ଜିନ୍ ରୁମ୍‌ରେ ଭୀଷଣ ନିଆଁ ଲାଗିଯାଇଛି।

## ବ୍ୟାଙ୍କ ଋଣ ଆଣି ହଟହଟା ହିତାଧିକାରୀ : ସମୟ ପରେ ଘର ସିଲ୍‌କୁ ବିରୋଧ

କୁକୁଡାଖଣ୍ଡି, ୮।୬: ନିଜର ଏକ ଛୋଟ ଉଦ୍ୟୋଗ ଗଢ଼ି ଉଠାଇବା ସହ କିଛି ଲୋକଙ୍କୁ ରୋଜଗାର ଯୋଗାଇବାର ସ୍ୱପ୍ନ ଦେଖିଥିଲେ ଅଙ୍କୁଶପୁର ଗ୍ରାମ ର ଶିଶିର ଦାସ(୪୫)। ହେଲେ ଆଜି ସେହି ସ୍ୱପ୍ନ ତାଙ୍କ ପାଇଁ ଦୁଃସ୍ୱପ୍ନ ରେ ପରିଣତ ହୋଇଛି। ବ୍ୟାଙ୍କ ରୁ ଆଣିଥିବା ଋଣ ପରିଶୋଧ କରିବାରେ ଅସମର୍ଥ ହେବା ପରେ ଘର ଓ ବ୍ୟବସାୟ ହରାଇବାର ଆଶଙ୍କାରେ ସେ ଦିନ କାଟୁଛନ୍ତି।ସୂଚନା ଅନୁଯାୟୀ, ଶିଶିର ଦାସ ପ୍ରଥମେ ଅଙ୍କୁଶପୁର ଗ୍ରାମ ରେ ରହି ଏକ ଭଡା ଘରେ ଦୁପକାଠି ତିଆରି ଯନ୍ତ୍ର ସ୍ଥାପନ ପାଇଁ ବ୍ରହ୍ମପୁର ଇଣ୍ଡିଆନ ବ୍ୟାଙ୍କ ରୁ ଛଅ ଲକ୍ଷ ଟଙ୍କା ମୁଦ୍ରା ଲୋନ୍ ନିଜର ବ୍ୟବସାୟ ଆରମ୍ଭ କରିଥିଲେ। ବ୍ୟବସାୟ ଭଲ ଚାଲିବା ପରେ ପୁଣି ତିନି ଲକ୍ଷ ପଚାଶ ହଜାର ଟଙ୍କା ମୁଦ୍ରା ଲୋନ୍ ଆଣିଥିଲା। ପରେ ଶିଶିର ଙ୍କ ଟଙ୍କା କାରବାର ଭଲ ଦେଖି ବ୍ୟାଙ୍କ ନିଜ ଆଡୁ ଶିଶିର କୁ ହୋମ୍ ଲୋନ୍ ନେବାକୁ କହିଥିଲେ। ଶିଶିର ର ବ୍ୟବସାୟ ଭଲ ହେବା ପରେ ଅଙ୍କୁଶପୁର ଗ୍ରାମ ଭଗବତୀ ନଗର ରେ ନିଜ ନାମରେ ଜମି କିଣିବା ଏବଂ ଘର ନିର୍ମାଣ ପାଇଁ ବ୍ରହ୍ମପୁର ଇଣ୍ଡିଆନ ବ୍ୟାଙ୍କ ରୁ ୩୫ ଲକ୍ଷ ୯୭ ହଜାର ଟଙ୍କାର ହୋମ୍ ଲୋନ୍ ଗ୍ରହଣ କରିଥିଲେ।କିନ୍ତୁ ସମୟ ସହିତ ପରିସ୍ଥିତି ବଦଳି ଯାଇଥିଲା। କିଛି ବର୍ଷ ପରେ ଶିଶିର ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ି ବା ସହ ବ୍ୟବସାୟ ରେ ଅଧିକ କ୍ଷତି ଦେଖାଦେଇଥିଲା। ଯାହା ଫଳସ୍ୱରୂପ ସେ ମାସିକ ଋଣ କିସ୍ତି ପରିଶୋଧ କରିବାରେ ଅସମର୍ଥ ହୋଇପଡ଼ିଥିଲେ। ବ୍ୟାଙ୍କ ପକ୍ଷରୁ ବାରମ୍ବାର ଫୋନ୍ ଏବଂ ଘରକୁ ଯାଇ ଋଣ ପରିଶୋଧ ପାଇଁ ଚାପ ପକାଯାଉଥିବା ସାମ୍ବାଦିକ ସମ୍ମିଳନୀ କରି ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି।ଶିଶିର ନେଇଥିବା ଋଣର ସୁଧ ହାର କମାଇବା ସହ କିସ୍ତି ପରିଶୋଧ ପାଇଁ ଅଧିକ ସମୟ ଦେବାକୁ ବ୍ୟାଙ୍କ ଅଧିକାରୀ ଙ୍କୁ ଅନୁରୋଧ କରିଥିଲେ। ଏନେଇ ସେ ଲିଖିତ ଆବେଦନ ମଧ୍ୟ ବ୍ୟାଙ୍କ ରେ ଦାଖଲ କରିଥିଲେ। ତେବେ ତାଙ୍କ ଅନୁରୋଧ କୁ ବ୍ୟାଙ୍କ ପକ୍ଷ ରୁ ଗୁରୁତ୍ୱ ଦିଆଯାଇନଥିବା ସେ ଅଭିଯୋଗ କରିଛନ୍ତି।ପରିସ୍ଥିତି ଅଧିକ ଜଟିଳ ହେବା ପରେ ବ୍ୟାଙ୍କ ଜିଲ୍ଲାପାଳ ଙ୍କୁ ଚିଠି ମଧ୍ୟ ରେ ଜଣାଇଥିଲେ ଏବଂ ଜିଲ୍ଲାପାଳ ଚିଠି କୁ ଗୁରୁତ୍ୱ ଦେଇ ଶିଶିର କୁ ଷାଠିଏ ଦିନ ସମୟ ଦେଇଥିବା ବେଳେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବହେଳା କରି ଶିଶିର ଙ୍କୁ ଅଠାବନ ଦିନ ରେ ନୋଟିସ ପଠେଇ ଥିବା ଶିଶିର କହିଛନ୍ତି। କିନ୍ତୁ ବ୍ୟାଙ୍କ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ଜାରି କରିବା ସହ ଜିଲ୍ଲାପାଳ ଙ୍କ ନୋଟିସ କୁ ଅବମାନନା କରି ଶିଶିର ଙ୍କ ଘରକୁ ୬୨ ଦିନ ରେ ପହଞ୍ଚି ଉକ୍ତ ଘର ସିଲ୍ କରିବାକୁ ଚେଷ୍ଟା କରୁଥିଲେ ବ୍ୟାଙ୍କ କର୍ମଚାରୀ। କିନ୍ତୁ ଜିଲ୍ଲାପାଳ ଦେଇଥିବା ସମୟ ଅତିବାହିତ ହୋଇଥିବା ସହ ଶିଶିର ଯେଉଁ ଘରେ ରହୁଛି ସେଠାରେ ଗୋମାତା ରଖିଦେଇଥିବା ରୁ ବ୍ୟାଙ୍କ କର୍ମଚାରୀ ଏବଂ ତହସିଲଦାର କିଛି ଉପାୟ ନପାଇ ଶିଶିର ଙ୍କୁ ପନ୍ଦର ଦିନ ମଧ୍ୟରେ ଉକ୍ତ ଘରକୁ ଖାଲି କରିବା ପାଇଁ ତହସିଲଦାର ଲିଖିତ ଆକାରରେ ଶିଶିର କୁ ଦେବାରୁ ଶିଶିର ଆପତ୍ତି ଥାଇ ତହସିଲଦାର ଙ୍କ ଚାପ ରେ ଦସ୍ତଖତ କରିଥିଲେ।ପରେ ତହସିଲଦାର ଏବଂ ବ୍ୟାଙ୍କ କର୍ମଚାରୀ ନିରାଶ ହୋଇ ଫେରି ଥିବା ଶିଶିର ଅଭିଯୋଗ କରିଛନ୍ତି।ଋଣ ପରିଶୋଧ କରିବାକୁ ସେ ରାଜି ଥିବା ବେଳେ ମାନବିକ ଦୃଷ୍ଟିକୋଣରୁ କିଛି ଅଧିକ ସମୟ ଦିଆଯାଉ ବୋଲି ନିବେଦନ କରିଛନ୍ତି ଶିଶିର।

## ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟରର ଜରୁରୀ ଅବତରଣ

ପୁରୀ: କାଳବୈଶାଖୀର ପ୍ରଚଣ୍ଡ ତାଣ୍ଡବ ମଧ୍ୟରେ ଜରୁରୀ ଅବତରଣ କଲା ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର। ମୟୂରଭଞ୍ଜ ଗସ୍ତ ଶେଷ କରି ରାଜଧାନୀ ଭୁବନେଶ୍ୱର ଫେରୁଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହେଲିକପ୍ଟର ଝଡ଼ ଓ ପ୍ରବଳ ବର୍ଷା ଯୋଗୁଁ ଭୁବନେଶ୍ୱରରେ ଅବତରଣ କରିପାରି ନଥିଲା। ପରିସ୍ଥିତି ଗମ୍ଭୀର ହେବାରୁ ପାଇଲଟ୍ ଶେଷ ମୁହୂର୍ତ୍ତରେ ହେଲିକପ୍ଟରକୁ ପୁରୀ ଅଭିମୁଖେ ଡାଇଭର୍ଟ କରିଥିଲେ ଏବଂ ସେଠାରେ ସୁରକ୍ଷିତ ଭାବେ ଜରୁରୀ ଅବତରଣ କରାଇଥିଲେ।

## ଡ୍ରଗ୍ସ ବେପାରୀଙ୍କ ଘର ଭାଙ୍ଗିଲା ଜିଲ୍ଲା ପ୍ରଶାସନ



ରାଉରକେଲା: ଚାରି ନିଶା ବେପାରୀ ପରିବାରଙ୍କ ସାତ ଘର ଭଙ୍ଗା ଯାଉଛି କ୍ଷ ଉତ୍ତ ?ଜନାକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ଦୀର୍ଘ ମାସ ଧରି ମିନାପଡ଼ାରେ ଡ୍ରଗ୍ସ କାରବାର ଚାଲିଥିଲା କ୍ଷ ଗତ ମେ ୨୪ ତାରିଖରେ ପୁଲିସ ଟିମ ଚଢ଼ଉ କରି ଏକ କୋଟି ଟଙ୍କାରୁ ଅଧିକ ମୂଲ୍ୟର ହେରୋଇନ୍ ଜବତ କରିବା ସହିତ ଛଅ ଜଣ ମହିଳା ସମେତ ଆଠ ଜଣଙ୍କୁ ଗିରଫ କରିଥିଲା ।

ରାଉରକେଲା ସହରର ପ୍ଲାଣ୍ଟ ସାଇଟ୍ ଥାନା ଅନ୍ତର୍ଗତ ନାଲାରୋଡର ମୀନାପଡ଼ା ବସ୍ତିରେ ଭୋର ସମୟରେ ଚଢ଼ଉ କରାଯଇଥିଲା । ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଥିଲେ ରୋସାନ୍ ଖାତୁନ୍ (୫୫), ଫରିଦା ଖାତୁନ୍ (୫୦) ଏବଂ ତାଙ୍କ ପୁଅ ଏମଡି ଇମ୍ରାନ୍ ଆଲମ୍ (୨୮), ନୁରେଶା ଖାତୁନ୍ (୫୫) ଏବଂ ତାଙ୍କ ପୁଅ ଏମଡି ଆଲମ୍ (୨୪), ରହିମା ଖାତୁନ୍ (୫୮), ମନୀଷା ଖାତୁନ୍ (୨୫) ଏବଂ ନୁରେଶା ଖାତୁନ୍ (୫୯)। ଜବତ ସାମଗ୍ରୀ ମଧ୍ୟରେ ସାତୋଟି ଜିପ୍-ଲକ୍ ପଲିଥିନ୍ ପାଉଚ୍ ରେ ପ୍ୟାକ୍ ହୋଇଥିବା ୨୨୦ ଗ୍ରାମ ହେରୋଇନ୍, ୨.୭୦ ଲକ୍ଷ ଟଙ୍କା ନଗଦ ଏବଂ ତିନୋଟି ମୋବାଇଲ୍ ଫୋନ୍ ଅନ୍ତର୍ଭୁକ୍ତ। ଏମଡି ଇମ୍ରାନ୍ ଏବଂ ଏମଡି ଆଲମ୍ ଉଭୟଙ୍କର ପୂର୍ବରୁ ନିଶା କାରବାର ସହିତ ଜଡ଼ିତ ଅପରାଧିକ ରେକର୍ଡ ରହିଥିଲା ।

## ବ୍ରାହ୍ମଣୀରେ ଦୁଇ ନିଖୋଜ, ଜଣେ ମୃତ

ଅନୁଗୋଳ : ଅନୁଗୋଳ ଜିଲ୍ଲା ତାଳଚେରରେ ସୋମବାର ଏକ ହୃଦୟବିଦାରକ ଅଘଟଣ ଘଟିଛି। ବ୍ରାହ୍ମଣୀ ନଦୀରେ ଗାଧୋଇବା ବେଳେ ୩ ଜଣ ସାଙ୍ଗ ନଦୀ ସୁଅରେ ଭାସିଯାଇଥିବା ବେଳେ ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ଅନ୍ୟ ୨ ଜଣଙ୍କ ଖୋଜଖବର ଏପର୍ଯ୍ୟନ୍ତ ମିଳିନଥିବାରୁ ପରିବାର ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି।



ସୂଚନା ଅନୁସାରେ, ତାଳଚେର ଜଗନ୍ନାଥ ମନ୍ଦିର ନିକଟସ୍ଥ ବ୍ରାହ୍ମଣୀ ନଦୀ ଘାଟକୁ ୩ ଜଣ ସାଙ୍ଗ ଗାଧୋଇବା ପାଇଁ ଯାଇଥିଲେ। ହେଲେ ଗାଧୋଉଥିବା ସମୟରେ ହଠାତ୍ ସେମାନେ ନଦୀର ଗଭୀର ସୁଅରେ ଫସି ଭାସିଯାଇଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ।ଖବର ପାଇ ତାଳଚେର ଅଗ୍ନିଶମ ବିଭାଗର ଟିମ୍ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଦୀର୍ଘ ସମୟ ଖୋଜାଖୋଜି ପରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଥିବା ବେଳେ ଅନ୍ୟ ୨ ଜଣଙ୍କ ସନ୍ଧାନରେ ଅପରେସନ୍ ଜାରି ରହିଛି। ଏହି ଘଟଣା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତକଜଣକ ଗଣେଶ ଗୋଛାୟତ ହୋଇଥିବା ବେଳେ ନିଖୋଜ ଦୁଇଜଣ ଶକ୍ତି ସାହୁ ଓ ପ୍ରିନ୍ସ ଲୁହାର ହୋଇଥିବା ଜଣାପଡିଛି ।

## ଆସନ୍ତା ୨-୩ ଦିନ ମଧ୍ୟରେ ଓଡ଼ିଶା ଛୁଇଁବ ମୌସୁମୀ

### ୧୪ ଯାଏ କାଳବୈଶାଖୀ ଓ ବର୍ଷାର ଚେତାବନୀ

ଭୁବନେଶ୍ୱର,୮।୬(ନି.ପ୍ର.): : ରଜ ପର୍ବ ପୂର୍ବରୁ ଓଡ଼ିଶାବାସୀଙ୍କ ପାଇଁ ଆସିଛି ଖୁସି ଖବର। ଆଉ ମାତ୍ର ୨ରୁ ୩ ଦିନ ମଧ୍ୟରେ ଦକ୍ଷିଣ ଓଡ଼ିଶାର କିଛି ଅଞ୍ଚଳକୁ ମୌସୁମୀ ବାୟୁ ପ୍ରବେଶ କରିପାରେ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି। ବର୍ତ୍ତମାନ ମୌସୁମୀ ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାର କିଛି ଅଞ୍ଚଳକୁ ଅଗ୍ରସର ହୋଇଛି।ତେବେ ମୌସୁମୀ ଆସିବା ପୂର୍ବରୁ ରାଜ୍ୟରେ କାଳବୈଶାଖୀ ଓ ପ୍ରବଳ ବର୍ଷାର ପ୍ରଭାବ ବଢ଼ିବାକୁ ଯାଉଛି। ପାଣିପାଗ ବିଭାଗ ୧୪ ଜୁନ୍ ପର୍ଯ୍ୟନ୍ତ ସମଗ୍ର ରାଜ୍ୟ ପାଇଁ ସତର୍କତା ଜାରି କରିଛି। ବିଶେଷକରି ୧୦ ତାରିଖ ପର୍ଯ୍ୟନ୍ତ ଅନେକ ସ୍ଥାନରେ ପ୍ରବଳ ବର୍ଷା, ବଜ୍ରପାତ ଓ ଝଡ଼ପବନର ସମ୍ଭାବନା ରହିଛି।ଆଜି ୧୪ଟି ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଏବଂ ଅବଶିଷ୍ଟ ୧୬ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ୯ ଓ ୧୦ ତାରିଖରେ ୧୧ଟି ଜିଲ୍ଲାକୁ ଅରେଞ୍ଜ ଓ ୧୯ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏପଟେ ମୌସୁମୀ ଆଗମନର ଅପେକ୍ଷା, ସେପଟେ କାଳବୈଶାଖୀର ତାଣ୍ଡବ। ତେଣୁ ଆସନ୍ତା କିଛି ଦିନ ପାଇଁ ଓଡ଼ିଶାର ପାଗ ରହିବ ସମ୍ପୂର୍ଣ୍ଣ ଅସ୍ଥିର। ପାଣିପାଗ ବିଭାଗର ସତର୍କ ସୂଚନା ଉପରେ ନଜର ରଖିବା ସହ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

## ଜଙ୍ଗଲରୁ ମିଳିଲା ହାତୀ ଛୁଆ କଙ୍କାଳ

ଭଞ୍ଜନଗର: ଗଞ୍ଜାମଜିଲ୍ଲା ଉତ୍ତର ଘୁମୁସର ବନଖଣ୍ଡ ତାରସିଂ ବନାଞ୍ଚଳର ଗାୟଗଣ୍ଡା ନିକଟସ୍ଥ ପାଇଛାଲିଆ ଜଙ୍ଗଲ ଭିତରୁ ସୋମବାର ଏକ ହାତୀ ଛୁଆର କଙ୍କାଳ ବନ ବିଭାଗ ଜବତ କରିଛି। ପ୍ରାୟ ଦୁଇମାସ ପୂର୍ବ ? ହାତୀଟିର ମୃତ୍ୟୁଘଟିଥିବା ବନ ବିଭାଗର ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି। ଗତକାଲି (ରବିବାର), ଜଙ୍ଗଲ ନିକଟସ୍ଥ ଏକ ଗ୍ରାମର ଜଣେ ଛେଳିଚରାଳୀ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିଲେ। ସେଠାରେ ଏକ ହାତୀର କଙ୍କାଳ ପଡିଥିବା ଦେଖି ଗ୍ରାମର ଅନ୍ୟମାନଙ୍କୁ ସୂଚିତ କରିଥିଲେ। ପରେ ବନ ବିଭାଗ ଅଧିକାରୀ ଏସଂପର୍କରେ ଅବଗତ ହେବା ପରେ ଘଟଣା ସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ଆଜି (ସୋମବାର) ବନ ବିଭାଗ ଅଧିକାରୀ ଏବଂ ଡାକ୍ତର ଟିମ୍ ? ଘଟଣାସ୍ଥଳରେ ପହଞ୍ଚିଥିଲେ। ଆବଶ୍ୟକ ପରୀକ୍ଷା ପରେ କଙ୍କାଳକୁ ପୋତିଦିଆଯାଇଛି। ଉକ୍ତ ହାତୀର ଅବଶିଷ୍ଟାଂଶ ତଥା ଚମଡ଼ା ଓ ହାଡର ନମୁନା ସଂଗ୍ରହ କରାଯାଇ ପରବର୍ତ୍ତୀ ପରୀକ୍ଷା ନିମନ୍ତେ ପଠାଯାଇଛି ବୋଲି ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି ସୂଚନା ଦେଇଛନ୍ତି। ଉକ୍ତ ହାତୀର ମାଂସକୁ କଲରାପତରିଆ ବାଘ ଓ ଜଙ୍ଗଲୀ ହିଂସ୍ର ଜନ୍ତୁ ଖାଇଥିବା ପାରିପାର୍ଶ୍ୱିକ ପରିସ୍ଥିତିରୁ ଜଣାପଡୁଥିବା ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି।

### ଡାହୁକ



ମୁଣ୍ଡକୁ ଚକର ବିପି ଯାଏ ବଢ଼ି
ଅଧାର ଦରମରା ପରି
ଦରଦାମ ବୋଝ ସମ୍ଭାଳି ନ ପାରି
ଖାଉଟି ଛାଡୁଛି ରଡ଼ି
କୋଡିଆ ହାତରେ କୋଡି
କାମ ନାହିଁ ଡାହା ଗୁଲି ଗପ
ଆଚ୍ଛା ଦିନ ଆସେ ମାଡ଼ି।

-ବିଧୁ



# ବଜ୍ରାଘାତରେ ଜଣେ ଶ୍ରମିକ ମୃତ

ଯାଜପୁର,୮।୬:(ମନ୍ଥନ) ଯାଜପୁର ପାଣିକୋଇଲି ଥାନା ସଠିପୁର ରେ ବଜ୍ରାଘାତରେ ଜଣେ ଶ୍ରମିକ ମୃତ। ମୃତକ ହେଲେ ସୁନିଆ ମଳିକ। ବିଲରେ କାମ କରୁଥିବା ସମୟରେ ବ୍ରଜପାତ ମାରିବାରୁ ସୁନିଆ ଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ। ସୂଚନା ମୁତାବକ ସୁନିଆ ମାଟି କାମ କରିବାକୁ ବିଲକୁ ଯାଇଥିଲେ। ଅପରାହ୍ନରେ କାମ କରୁଥିବା ସମୟରେ ହଠାତ ଘଡଘଡି ସହ ବିଜୁଳି ମାରିବାରୁ ସେଠାରେ ସେ ଟଳି ପଡ଼ିଥିଲେ। ସାଥି ଶ୍ରମିକ ଓ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟ ଅଣାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ପାଣିକୋଇଲି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ମୃତ ଶରୀର ପଠାଇ ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ସୁନିଆ ପରିବାରର ଏକମାତ୍ର ରୋଜଗରିଆ ପୁଅ ଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି।

# ସିନାପସ୍ କୋଚିଂ ସେଣ୍ଟରର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଯାଜପୁର,୮।୬:(ମନ୍ଥନ)ଚଳିତ ବର୍ଷ ଯୁକ୍ତ ଦୁଇ ବିଜ୍ଞାନ ଓ କଳା ପରୀକ୍ଷା ଫଳରେ ଯାଜପୁର ସହର ରାମେଶ୍ୱରପୁର ଅଂଚଳରେ ଥିବା ସିନାପସ୍ କୋଚିଂ ସେଂଟରର ଛାତ୍ରଛାତ୍ରୀମାନେ ୯୦ ପ୍ରତିଶତ ନମ୍ବର ରଖି କୃତିତ୍ୱ ଅର୍ଜନ କରି କୋଚିଂ ସେଂଟରକୁ ଗୌରବାନ୍ୱିତ କରିଛନ୍ତି। ଏହି ଅବସରରେ ଗୁରୁବାର ଦିନ ସଂସ୍କୃତି ଭବନ ପରିସରରେ ଏକ ସମ୍ବର୍ଦ୍ଧନା ସଭା ସିନାପସ୍ କୋଚିଂ ସେଣ୍ଟରର ନିର୍ଦ୍ଦେଶକ ଦୀପ୍ତି ସାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ ଯୋଗ ଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ଆଗାମୀ ଭବିଷ୍ୟତ ଉଜ୍ୱଳ ହେଉ ବୋଲି କାମନା କରିଥିଲେ। ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ଅଧ୍ୟାପକ ସୁଭାଷ ଚନ୍ଦ୍ର ନାୟକ, ଅଧ୍ୟାପକ ଆଦିତ୍ୟ ନାରାୟଣ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ମୃତିଲିପ୍ସା ପୃଷ୍ଟି, ରଞ୍ଜିତ ସାହୁ, ସ୍ମିତା ସାହୁ, ଶୁଭ୍ରରାଣୀ ଉପାଧ୍ୟାୟ, ବିଶ୍ୱଜିତ୍ ସାହୁ, ମୋନାଲିକା ପାତ୍ର, ରଶ୍ମି ରଞ୍ଜନ ନାୟକ ପ୍ରମୁଖ ଛାତ୍ରଛାତ୍ରୀ ବିଜ୍ଞାନରେ କୃତିତ୍ୱ ଅର୍ଜନ କରିଥିବା ବେଳେ ପ୍ରିୟଦର୍ଶିନୀ ପରିଡ଼ା, ପ୍ରିୟଙ୍କା ପ୍ରିୟଦର୍ଶିନୀ, ବିନୟ ଭୂଷଣ ପଣ୍ଡା ପ୍ରମୁଖ ଛାତ୍ରଛାତ୍ରୀ କଳା ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିଲେ। ଏହି ସମସ୍ତ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ଯାଜପୁର ବିଧାୟିକା ସୁଜାତା ସାହୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ରାଜେନ୍ଦ୍ର ବାରିକ୍, ଶୁଭକାନ୍ତ ପାତ୍ର ପରିଚାଳନାରେ ସହଯୋଗ କରିଥିଲେ।

# ଜିଲ୍ଲା ପରିବେଶ ସମିତି ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ଯାଜପୁର,୮।୬:(ମନ୍ଥନ)ଜିଲ୍ଲା ପରିବେଶ ସମିତି ପକ୍ଷରୁ ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ସ୍ତରୀୟ ବିଶ୍ୱ ପରିବେଶ ଦିବସ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ଆଂଚଳିକ ଅଧିକାରୀ ମଦନ ମୋହନ ସାହୁ ଏହାକୁ ଉଦଘାଟିତ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ସାହୁ କହିଛନ୍ତି ଯେ ଆମେ ଜଳବାୟୁ ପରିବର୍ତନ ନିୟନ୍ତ୍ରଣ ପାଇଁ ସତର୍କ ନହେଲେ ଖୁବ ନିକଟରେ ଏ ଜୀବଜଗତ ଧ୍ୱଂସ ପାଇଯିବ। ରସୁଲପୁର ବ୍ଲକର ସହକାରୀ ଉଦ୍ୟାନ ଅଧିକାରୀ ପ୍ରିୟଦର୍ଶିନୀ ବେହେରା ମୁଖ୍ୟ ବକ୍ତା ରୂପେ ଯୋଗ ଦେଇ ଜଳବାୟୁ ପରିବର୍ତନ ନିୟନ୍ତ୍ରଣ ପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସମ୍ପାଦକ ଶରତ କୁମାର ସାହୁ ଉତ୍ସବ ପାଳନ ଓ ଆଲୋଚନା ଚକ୍ର ଆୟୋଜନର ଉଦ୍ଦେଶ୍ୟ ସମ୍ବନ୍ଧରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନନ୍ଦ କୁମାର ରାଉତ ସଭା ପରିଚାଳନା କରିଥିଲେ। ମୁଖ୍ୟ ପ୍ରଶିକ୍ଷକ ମହମ୍ମଦ ସଫିକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଡ.ମହେଶ୍ୱର ଜେନା ସାମନ୍ତ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରବନ୍ଧ, ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରକୃତି ବନ୍ଧୁ ଏବଂ ପ୍ରକୃତି ମିତ୍ର ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଇକୋ କ୍ଲବ ଛାତ୍ରୀମାନେ ଉଦ୍ଘାଟନୀ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଏକ ପରିବେଶ ସଚେତନତା ପଦଯାତ୍ରା ଅନୁଷ୍ଠିତ ହେବା ସହିତ ବିଦ୍ୟାଳୟରେ ବୃକ୍ଷ ରୋପଣ କରାଯାଇଥିଲା। ଶିକ୍ଷୟିତ୍ରୀ ରୋଜାଲିନା ଆଇଚ, ଦେବେନ୍ଦ୍ର ନାୟକ ଓ ସମସ୍ତ ଶିକ୍ଷକ ଓ କର୍ମଚାରୀ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ। ମୁଖ୍ୟ ପ୍ରଶିକ୍ଷକ ବିଷ୍ଣୁ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଏଲେନ୍ ରେ 'ସ୍ପେସାଲ ଇଣ୍ଟେନସିଭ୍ ରିଭିଜନ୍-୨୬' ସଚେତନତା କାର୍ଯ୍ୟକ୍ରମ

ବ୍ରହ୍ମପୁର,୮।୬:(ମନ୍ଥନ) ସ୍ଥାନୀୟ ଗଞ୍ଜାମ ଲକ୍ଷ୍ୟ ନିକେତନ ପରିସରରେ 'ସ୍ପେସାଲ ଇଣ୍ଟେନସିଭ୍ ରିଭିଜନ୍' (ଝଓଜ) ୨୦୨୬ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ଭୋଟର ସଚେତନତା କାର୍ଯ୍ୟକ୍ରମ ଆଜି ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ଉପ-ଜିଲ୍ଲାପାଳ, ଅତିରିକ୍ତ ଉପ-ଜିଲ୍ଲାପାଳ, ବ୍ରହ୍ମପୁର ତହସିଲଦାର ଏବଂ ଡେପୁଟି କଲେକ୍ଟର (ନିର୍ବାଚନ) ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।ଏହି ଅବସରରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ମାନେ ଜିଏଲଏନ୍ (ଏଖଘ)ର ଛାତ୍ରଛାତ୍ରୀ ମାନଙ୍କ ସହ ସ୍ପେସାଲ ଇଣ୍ଟେନସିଭ୍ ରିଭିଜନ୍ ପ୍ରକ୍ରିୟା ଉପରେ ସିଧାସଳଖ ଆଲୋଚନା କରିଥିଲେ । ଆଗାମୀ ନିର୍ବାଚନ ପରିଚାଳନା ଏବଂ ଝଓଜ ୨୦୨୬ କୁ ସଫଳ କରିବାରେ ଯୁବ ସମାଜ ତଥା ଛାତ୍ରଛାତ୍ରୀ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଅଧିକାରୀ ମାନେ ପ୍ରକାଶ କରିଥିଲେ। ଏଥିସହ ଛାତ୍ରଛାତ୍ରୀ ମାନେ ନିଜ ନିଜ ସ୍ଥାନୀୟ ଅଞ୍ଚଳରେ ଭୋଟର ସଚେତନତାର ବାର୍ତ୍ତା ବାହକ (ଅମ୍ବାସଡର) ସାଜିବା ସହ କ୍ଷେତ୍ର ସ୍ତରୀୟ କାର୍ଯ୍ୟକ୍ରମ ସମୟରେ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କୁ ସକ୍ରିୟ ସହଯୋଗ




କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରାଯାଇଥିଲା । କାର୍ଯ୍ୟକ୍ରମ ଦ୍ୱିତୀୟ ପର୍ଯ୍ୟାୟରେ 'ସ୍ପେସାଲ ଇଣ୍ଟେନସିଭ୍ ରିଭିଜନ୍' ପ୍ରକ୍ରିୟାର ସାମ୍ବିଧାନିକ ବ୍ୟବସ୍ଥା, ଆଇନଗତ ଆଭିମୁଖ୍ୟ ଏବଂ ସମ୍ପୃକ୍ତ ନିର୍ବାଚନ ଆଇନ ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା (ପ୍ରେଜେଣ୍ଟେସନ୍) ପ୍ରଦାନ କରାଯାଇଥିଲା ।ଜନ ସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ଏକ ସଠିକ୍, ସ୍ୱଚ୍ଛ ତଥା ସର୍ବ ସମାବେଶୀ ଭୋଟର ତାଲିକା ପ୍ରସ୍ତୁତ କରିବାରେ ସମସ୍ତଙ୍କ ସହ ଭାଗିତାକୁ ନିଶ୍ଚିତ କରିବା ଏହି ଅଧିବେଶନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ସଚେତନତା ସଭାରେ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ବେଶ୍ ଉତ୍ସାହର ସହ ଭାଗ ନେଇଥିଲେ । ଆଗାମୀ ଦିନରେ ଏହି ଜନ ସଚେତନତା ଅଭିଯାନକୁ ବ୍ୟାପକ କରିବା ସହ SIR ୨୦୨୬ ର ସଫଳତା ପାଇଁ ସେମାନେ ନିଜର ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ପ୍ରକାଶ କରିଥିଲେ ।

# ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘର ଦାବି

ନୟାଗଡ଼,୮।୬:(ମନ୍ଥନ)ନୟାଗଡ଼ ଜିଲ୍ଲାର ବହୁ ପ୍ରତୀକ୍ଷିତ ବୃଉଙ୍ଗ ଜଳସେଚନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟ ଯଥାଶୀଘ୍ର ସମ୍ପନ୍ନ କରିବା ପାଇଁ ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘ ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ନୟାଗଡ଼ ଜିଲ୍ଲାପାଳଙ୍କ ଜରିଆରେ ଏହି ବିଶେଷ ଅନୁରୋଧ ପତ୍ର ପ୍ରେରଣ କରାଯାଇଛି । ସୂଚନାଯୋଗ୍ୟ ଯେ, ଦଶପଲ୍ଲା ବ୍ଲକ୍ ଟାକେରା ପଞ୍ଚାୟତର ମଞ୍ଜରୀ ଗ୍ରାମ ନିକଟରେ ବହୁ ପ୍ରତିଷ୍ଠିତ ବୃଉଙ୍ଗ ନଦୀ ଉପରେ ଏହି ଜଳସେଚନ ପ୍ରକଳ୍ପ ନିର୍ମାଣ ହେବାକୁ ଯାଉଛି । ପ୍ରାୟ ୧୬୫୮ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି ବୃହତ ପ୍ରକଳ୍ପଟି ବର୍ତ୍ତମାନ କ୍ୟାବିନେଟ୍ ମଞ୍ଜୁରୀ ଅପେକ୍ଷାରେ ରହିଛି । ଏହି ପ୍ରକଳ୍ପ ଦ୍ୱାରା ଅଞ୍ଚଳର ୨୩,୩୦୦ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ମିଳିବା ସହିତ ୧୦ ମେଗାୱାଟ୍ ବିଦ୍ୟୁତ ଶକ୍ତି ଉତ୍ପାଦନ ହୋଇପାରିବ ବୋଲି ଆକଳନ କରାଯାଇଛି । ଏହି ସମ୍ପର୍କରେ ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘର ଏକ ପ୍ରତିନିଧି ଦଳ, ସ୍ଥାନୀୟ ଜନନେତା ଓ ବୁଦ୍ଧିଜୀବୀମାନେ ପ୍ରକଳ୍ପର ଅଗ୍ରଗତି ନେଇ ବିଭାଗୀୟ ମୁଖ୍ୟ ଯନ୍ତ୍ରୀଙ୍କ ସହ ସବିଶେଷ ଆଲୋଚନା କରିଛନ୍ତି । ସମଗ୍ର ଚାଷୀ କୂଳର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ



କରକମଳରେ ଯଥାଶୀଘ୍ର ଏହାର ଶିଳାନ୍ୟାସ କରାଯିବା ସହ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବାକୁ ସଂଘ ତରଫରୁ ବିନମ୍ର ନିବେଦନ କରାଯାଇଛି । ଏହି ସ୍ମାରକପତ୍ରରେ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ପ୍ରମୋଦ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ନିଶିକାନ୍ତ ରଥ ଏବଂ ସାଧାରଣ ସମ୍ପାଦକ ସୁବାଷ ଚନ୍ଦ୍ର ମହାପାତ୍ର ଦସ୍ତଖତ କରିଥିବା ବେଳେ ପ୍ରତାପ ନନ୍ଦ, ସଭାପତି, ସିନିୟର ସିଟିଜେନ୍ସ ଆସୋସିଏସନ,ବିଜେପି ନେତା ସନ୍ତୋଷ ପ୍ରଧାନ, ଜୟ ନୟାଗଡ଼ ଫାଉଣ୍ଡେସନର ସଭାପତି ଶେଖ୍ ଅବଦୁଲ ଆହାଦଙ୍କ ସମେତ ସାମ୍ବାଦିକ ଲୋକନାଥ ମିଶ୍ର,ଉତ୍ପଳ ସାହୁ, ସୁଧାକର ମିଶ୍ର, ଗୋକୁଳ ଷଡ଼ଙ୍ଗୀ,ବିକ୍ରମ ସ୍ୱାଇଁ,ଜିତୁନ୍ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବିଧାୟକଙ୍କ ଦ୍ୱାରା ବହୁ ପ୍ରତିକ୍ଷିତ ସିଦ୍ଧାର୍ଥ ନଗର ପାଠାଗାରର ଶୁଭ ଉଦଘାଟନ

ବ୍ରହ୍ମପୁର,୮।୬:(ମନ୍ଥନ) ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ ୩୫ ସ୍ଥିତ ସିଦ୍ଧାର୍ଥ ନଗର ଠାରେ ମହାନଗର ନିଗମ ଦ୍ୱାରା ନିର୍ମାଣ ହୋଇଥିବା ପାଠାଗାର ଶୁଭ ଉଦଘାଟନ ହୋଇଯାଇଛି । ସ୍ଥାନୀୟ କର୍ପୋରେଟର ସମୀର କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମାନ୍ୟବର ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର ଯୋଗଦାନ କରିଥିବା ବେଳେ, ସମ୍ମାନିତ ଅତିଥି ରୂପେ ମାନନୀୟ ମେୟର ସଂଘମିତ୍ରା ଦଳେଇ, କମିଶନର ଏ ସସ୍ୟା ରେଡ୍ଡୀ, ଡେପୁଟି ମେୟର ଇ ବିବେକ ରେଡ୍ଡୀ ପ୍ରମୁଖ ଯୋଗଦେଇ ଉକ୍ତ ପାଠାଗାର ଉଦଘାଟନ କରିଥିଲେ । ଏହି ପରିପ୍ରେକ୍ଷୀରେ କର୍ପୋରେଟର ଶ୍ରୀ ମିଶ୍ର କହିଛନ୍ତି ଯେ, ଏହି ପାଠାଗାରର ଉଦଘାଟନ ପାଇଁ ସେ ଦୀର୍ଘ



ସମୟ ଧରି ନିଗମ ବୈଠକରେ ଦାବି ଉପସ୍ଥାପନ କରି ଆସୁଥିଲେ। ଯାହାକି ବର୍ତ୍ତମାନ ପୂରଣ ହୋଇଥିବା ନେଇ ସେ ମାନ୍ୟବର ବିଧାୟକ, ମେୟର, ଉପ ମେୟର ଏବଂ କମିଶନରଙ୍କୁ ସାଧୁବାଦ ଜଣାଇଥିଲେ ଗତକାଲି । ସେହିପରି ମାନ୍ୟବର ବିଧାୟକ ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି ଯେ, ବ୍ରହ୍ମପୁର ମହାନଗର ନିଗମର ପ୍ରତିଟି ୱାର୍ଡରେ ଆଗକୁ ଏହିପରି ପାଠାଗାର ମାନ ନିର୍ମାଣ କରାଯିବା ସହ ସହରବାସୀଙ୍କ ସାମୁହିକ ବିକାଶ କରିବା ଓଡିଶାର ସରକାରଙ୍କ ଲକ୍ଷ୍ୟ ରହିଛି ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ୱାର୍ଡର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ମାନଙ୍କ ସମେତ ବରିଷ୍ଠ ନାଗରିକ, ଯୁବ ଛାତ୍ର, ମହିଳା ମାନେ ଉପସ୍ଥିତ ଥିଲେ।

# ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ବୁଗୁଡା,୮।୬:(ମନ୍ଥନ)ବୁଗୁଡ଼ା ଥାନା ଅନ୍ତର୍ଗତ ଟଭାପଲ୍ଲୀ ଗ୍ରାମରେ ବବୁଲୁ ପାଣିଗ୍ରାହୀ(୩୫) ନାମକ ଜନୈକ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ଏ ନେଇ ପୋଲିସ ପକ୍ଷରୁ କେସ୍ ନଂ ୧୬/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ମାନସିକ ଅଶାନ୍ତି କାରଣରୁ ବବୁଲୁ ଗତ ରବିବାର ବିଳମ୍ବିତ ରାତିରେ ତାଙ୍କର ବାରିପଟ ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ । ପରିବାର ଲୋକେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ । ଏ ନେଇ ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିବା ସହ ବ୍ୟବଚ୍ଛେଦ ନିମନ୍ତେ ଭଞ୍ଜନଗର ପଠାଇଥିବା ଜଣାଯାଇଛି ।

# ଉଡାର ର ଲୁହୁରେନପାଲି ଗାଁ ରେ ସମସ୍ୟା ଶୁଣିଲେ ନରସିଂହ

ବଲାଙ୍ଗିର,୮।୬:(ମନ୍ଥନ) କୌଣସି ବି ସରକାର ଏକ ଆଦର୍ଶ ଜନମଙ୍ଗଳକାରି ରାଷ୍ଟ୍ର ଗଠନ ଦିଗରେ ଆଗେଇବା ଦରକାର କିନ୍ତୁ ଦେଖାଦେଉଛି ବର୍ତ୍ତମାନର ସରକାରମାନେ କେବଳ ଶାସନ ରେ ତିଷ୍ଟି ରହିବା ପାଇଁ ଜନମଙ୍ଗଳ ତ ଦୁରର କଥା ଯେତେ ପ୍ରକାର ମିଥ୍ୟ ପ୍ରତିଶୃତି ହେଉ ସେ ସବୁ ଆଶ୍ରୟ ନେଇ ଲୋକଙ୍କୁ ତଳିତଳାନ୍ତ କରୁଛନ୍ତି । ଯେଉଁ ଗାଁ କୁ ଗଲେ ସେଠି ମାଳ ମାଳ ଅଭିଯୋଗ । ତେଣୁ ବର୍ତ୍ତମାନର ଡବଲ ଇଞ୍ଜିନ ସରକାର ସମ୍ବେଦନଶିଳ ହୁଅନ୍ତୁ । ସହର ରୁ ଗାଁ ରେ ଅନେକ ସମସ୍ୟା ସେ ସବୁକୁ ଯତ୍ନବାନ ହୋଇ ଲୋକଙ୍କର ଅସୁବିଧା ଦୂର କରନ୍ତୁ ବୋଲି ଦେଓଗାଁ ବ୍ଲକ ଅନ୍ତର୍ଗତ ଉଡାର ପଂଚାୟତର ଲୁହୁରେନପାଲି ଠାରେ ଲୋକଙ୍କ ସମସ୍ୟା ବାବଦରେ ଆଲୋଚନା କରି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି । ଲୋକଙ୍କ ସହିତ ସମସ୍ୟାକୁ ନେଇ ଆଲୋଚନା ରୁ ଜଣାପଡିଲା ଯେ ଲୁହୁରେନପାଲି ଗାଁ ରେ ପିଇବା ପାଣି ସମସ୍ୟା ଉତ୍କଟ ରୂପ ଧରିଛି । ଲୋକେ ପିଇବା ପାଣି ପାଇବା ପାଇଁ ଅନେକ ଦୂରକୁ ଯିବାକୁ ପଡୁଛି । ତେଣୁ ଶ୍ରୀ ମିଶ୍ର ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ



ର ଯନ୍ତ୍ରୀଙ୍କୁ ଫୋନ କରି ଦୁଇଟି ଟ୍ୟୁବୱେଲ ଖନନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଗାଁ ରେ ଥିବା ବିଜୁଳି ଖୁଣ୍ଟ ଗୁଡିକରେ ଲାଇଟ ଜଳୁନାହିଁ ସେ ସବୁର ଶିଘ୍ର ମରାମତି ପାଇଁ ବିଭାଗୀୟ ଯନ୍ତ୍ରୀଙ୍କ ସହ କଥା ହୋଇଥିଲେ । ଏହା ସହ କେନ୍ଦ୍ର ସରକାର ରୁ ଭତ୍ତା ପାଉଥିବା ହିତାଧିକାରୀମାନେ ଆଜକୁ ତିନିମାସ ହେବ ଭତ୍ତା ପାଇ ନାହାନ୍ତି । ଗୋଟିଏ ପଟେ ଦରଦାମ ହୁତ ହୁତ ହୋଇ ପଢୁଥିବା ବେଳେ ତିନିମାସ ଭତ୍ତା ନ ପାଇ ହିତାଧିକାରୀମାନେ ଘୋର ଅସୁବିଧାରେ କାଳତିପାତ କରୁଥିବାରୁ ଏଥି ପ୍ରତି ଜିଲ୍ଲା ପ୍ରଶାସନ ଶିଘ୍ର ଧ୍ୟାନ ଦେବେ ବୋଲି ଶ୍ରୀ ମିଶ୍ର କହିଛନ୍ତି । ଗାଁ ରେ ଅନେକ ଲୋକ ୬୦ ବର୍ଷ ରୁ ଉର୍ଦ୍ଧ୍ୱ ହୋଇଯାଇଥିଲେ ହେଁ ଆଜି ପର୍ଯ୍ୟନ୍ତ ସେମାନଙ୍କର ନାମ କାହିଁକି ଭତ୍ତା ହିତାଧିକାରି ଭାବେ ପ୍ରଶାସନ ପଞ୍ଜିକୃତ କରୁନାହିଁ ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଥିଲେ ଏବଂ ଗାଁ ରେ ଥିବା ବିକଳାଙ୍ଗମାନେ ରାଜ୍ୟ ସରକାର ଦେଉଥିବା ଭତ୍ତା ବ୍ଲକ ଅଫିସକୁ ଯାଇ ଆଣିବାକୁ ଅକ୍ଷମ ହେଉଥିବାରୁ ସେମାନଙ୍କୁ ପ୍ରଶାସନ ତାଙ୍କ ଘରକୁ ଯାଇ ଭତ୍ତା ପ୍ରଦାନ କରୁ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଗାଁ ରେ ଥିବା ଦଳିତ ଆଦିବାସୀ ରହୁଥିବା ପଡାରେ କୌଣସି ଡ୍ରେନେଜ ବ୍ୟବସ୍ଥା ନାହିଁ । ତେଣୁ ଲୋକେ ବ୍ୟବହାର କରୁଥିବା ପାଣି ଡ୍ରେନେଜ ହୋଇ ପାରୁନଥିବାରୁ ବହୁତ ଅସୁବିଧା ହେଉଛି । ତେଣୁ ବ୍ଲକ ପ୍ରଶାସନ ଯେତେ ଶିଘ୍ର ହେବ ସେଠାରେ ଡ୍ରେନେଜ ବ୍ୟବସ୍ଥା କରୁ ବୋଲି ଶ୍ରୀ ମିଶ୍ର ଦେଓଗାଁ ବ୍ଲକ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି । ଗ୍ରାମ୍ୟ ଜଳଯୋଗାଣ ବିଭାଗ ର ବିଭାଗୀୟ ଯନ୍ତ୍ରୀ ତଥା ବ୍ଲକ ଉନ୍ନୟନ ଅଧିକାରୀ ଏ ସବୁ ସମସ୍ୟା ଶିଘ୍ର ସମାଧାନ କରାଯିବ ବୋଲି ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କୁ ପ୍ରତିଶୃତି ଦେଇଛନ୍ତି । ଲୁହୁରେନପାଲି ଗାଁ ରେ ଏହି ଆଲୋଚନା ବେଳେ ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରି, ପପୁ ପାତ୍ର, ଅଗ୍ନି ନନ୍ଦ, ବିକାଶ ବିଶ୍ୱାଳ, ଶୁଶାନ୍ତ ସାହୁ, ଗୋବର୍ଦ୍ଧନ ନନ୍ଦ, ଲିଟନ ହୋତା, ଜୟଲାଲ ନନ୍ଦ ଓ ଅସୀତ ମିଶ୍ର ଙ୍କ ସହିତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ସୀମା ନିର୍ଦ୍ଧାରଣ ପରେ ସଠିକ ରିପୋର୍ଟ ପ୍ରଦାନ ନକରାଯିବା ପ୍ରତିବାଦରେ ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା,୮।୬:(ମନ୍ଥନ)ଆଳି ତହସିଲ ପକ୍ଷରୁ ଆର.ଆଇଙ୍କ ଦ୍ୱାରା ଜମିର ସୀମା ନିର୍ଦ୍ଧାରଣ ପରେ ସଠିକ ରିପୋର୍ଟ ପ୍ରଦାନ କରାନଯିବାରୁ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ମନ୍ଦିର ନିର୍ମାଣ ହୋଇପାରୁନଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଆଳି ତହସିଲ ଅଧିନ ଦଶିପୁର ଗ୍ରାମର ସ୍ୱର୍ଗତ ହରେକୃଷ୍ଣ ଦାଶଙ୍କ ପୁଅ ବିବେକାନନ୍ଦ ଦାଶ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ କରିଥିବା ଅଭିଯୋଗ ଅନୁଯାୟି ରାଜକନିକା ଥାନାର ଫଇସଲା କ୍ରମେ ଦଶିପୁର ଶ୍ରୀଚୈତନ୍ୟ ମହାପ୍ରଭୁ ମାର୍ଫତ ବିବେକାନନ୍ଦ ଦାଶ ଓଗେରଙ୍କ ନାମରେ ଦଶିପୁର ମୌଜାର ଥିବା ଖାତା ନମ୍ବର-୫୦୭, ପ୍ଲଟ ନମ୍ବର-୧୨୧୨, ଏରିଆ ୦.୦୭ ଡିସିମିଲ ଜମିର ସୀମା ନିର୍ଦ୍ଧାରଣ ନିମନ୍ତେ ଅଭିଯୋଗକାରୀ ଶ୍ରୀ ଦାଶ ଆଳି ତହସିଲରେ ଆବେଦନ କରିଥିଲେ। ସେହି ଅନୁଯାୟୀ ଆଳି ତହସିଲ ପକ୍ଷରୁ ଗତ ତା୧୮.୦୫.୨୦୨୬ ରିଖରେ ଜମି ମାପ କରାଯିବାକୁ ଡିସି ନମ୍ବର- ୧୫୭/୨୬ରେ ତାଙ୍କୁ ନୋଟିସ କରାଯାଇଥିଲା। ଏହାସହିତ ତହସିଲଦାର ତାଙ୍କୁ କମିଶନରଙ୍କ ପାଖକୁ ଯାଆନ୍ତୁ



ଉକ୍ତଦିନ ସମସ୍ତ ପକ୍ଷଙ୍କ ଉପସ୍ଥିତିରେ ଆଳି ତହସିଲର ଅମୀନଙ୍କ ଦ୍ୱାରା ଉକ୍ତ ଜମିର ସୀମା ସଠିକ ଭାବରେ ନିର୍ଦ୍ଧାରଣ କରାଯାଇଥିଲା। କିନ୍ତୁ ଅମୀନ ତାଙ୍କ ଜମି ମାପ ରିପୋର୍ଟ ସଠିକ ଭାବରେ ପ୍ରଦାନ ନକରି ସମ୍ପୂର୍ଣ୍ଣ ଭୁଲ ରିପୋର୍ଟ ପ୍ରଦାନ କରିଥିବାରୁ ଶ୍ରୀ ଦାଶ ତାହାର ନକଲ ପାଇପାରୁନାହାନ୍ତି ।ଫଳରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ। ଏସମ୍ପର୍କରେ ସେ ଆଳି ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇବାରେ ବୋଲି କହିଲେ। ତେଣୁ ଶ୍ରୀ ଦାଶ ୬୮ବର୍ଷ ବୟସର ଜଣେ ବରିଷ୍ଠ ନାଗରିକେ ହୋଇଥିବା ବେଳେ ତାଙ୍କୁ ଜାଣିଶୁଣି ହଇରାଣ ହରକତ କରାଯାଉଥିବା ସେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାର ଯଥାଶୀଘ୍ର ପ୍ରତିକାର ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ସେ ଜିଲ୍ଲାପାଳଙ୍କୁ ନିବେଦନ କରିଥିଲେ। ଜିଲ୍ଲାପାଳ ଏସମ୍ପର୍କରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଆଳି ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

# ବଲାଙ୍ଗିର ରେ ଅଧ୍ୟାପକ ମଂଚ ଗଠିତ

ବଲାଙ୍ଗିର,୮।୬:(ମନ୍ଥନ)ବଲାଙ୍ଗିର ସ୍ଥିତ ଯାଦବ ଭବନ ଟାରେ ସନ୍ଧ୍ୟାରେ ପ୍ରାକ୍ତନ ପ୍ରାଧ୍ୟାପକ ରାମ ଶରଣ ହୋତାଙ୍କ ସଭାପତିତ୍ୱରେ ଜିଲ୍ଲାସ୍ତରୀୟ ଅଧ୍ୟାପକ ମଂଚ ଗଠନ ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଜିଲ୍ଲାର ସରକାରୀ ମହାବିଦ୍ୟାଳୟ ଯୁକ୍ତ ଦୁଇ, ଯୁକ୍ତ ତିନି, ଅନୁଦାନ ପ୍ରାପ୍ତ ୪୪୮ ବର୍ଗ, ୬୬୨ ବର୍ଗ ତଥା ଅଣ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ସହ ଅବସର ଗ୍ରହଣ କରି ସାରିଥିବା ଅଧ୍ୟାପକ, ଅଧ୍ୟାପିକା ଯୋଗ ଦେଇଥିଲେ । ସାମୁହିକ ଦୃଷ୍ଟିରୁ ଜିଲ୍ଲାରେ ଅବସ୍ଥାପିତ ଅଧ୍ୟାପକ, ଅଧ୍ୟାପିକା ଙ୍କ ସମସ୍ୟା ବିଷୟକ ଚର୍ଚ୍ଚା ଆଲୋଚନା ପାଇଁ ପୂର୍ବରୁ ଏଭଳି କୌଣସି ସଂଘ ଗଠିତ ହୋଇ ନ ଥିବାରୁ ଉକ୍ତ ସଭାରେ ଏକ ନୂତନ



ଅଧ୍ୟାପକ ମଂଚ ଗଠନର ରୂପରେଖ ସ୍ଥିରୀକୃତ କରାଯାଇଥିଲା । ଅଧ୍ୟାପକ କବିରାଜ ଭୋଇଙ୍କ ପ୍ରସ୍ତାବ କ୍ରମେ ଡ. ସୁରେଶ ଚନ୍ଦ୍ର ଷଡଙ୍ଗୀ ଙ୍କୁ ସଭାପତି, ଅଧ୍ୟାପକ ନାରାୟଣ ମିଶ୍ର, ଉପ-ସଭାପତି ଅଧ୍ୟାପକ ରତିକାନ୍ତ ନାଏକ ସଂପାଦକ, ପ୍ରମୋଦ କୁମାର ବଡପଣ୍ଡା , ସହ ସଂପାଦକ ଡ. ଜଗନ୍ନାଥ ସାହୁ କୋଷାଧ୍ୟକ୍ଷ ଓ ଛବିଳ ବଗର୍ତ୍ତୀ, କବିରାଜ ଭୋଇ, ରମେଶ ଚନ୍ଦ୍ର ପ୍ରଧାନୀ, ଶିବ ଶଙ୍କର ଉଦ୍‌ଗାତା, ପୁରୁଷୋତ୍ତମ ଭଞ୍ଜ, ଦିବାକର ପୋତ ସଭ୍ୟ ଭାବରେ ମନୋନୀତ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ. କୌତୁକ ପନ୍ଦର, ରାଧେଶ୍ୟାମ ସିଂ ସେନାପତି, ପ୍ରମୋଦ କୁମାର ବରାଡ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ରମେଶ ଚନ୍ଦ୍ର ସିଂଦେଓ, ଦଧିବାମନ ପଧାନ, ସତ୍ୟ ନାରାୟଣ ବଗର୍ତ୍ତୀ, ହେମନ୍ତ ସାହୁ, ରବିନ୍ଦ୍ର ସେଠ ପ୍ରମୁଖ ଯୋଗ ଦେଇଥିଲେ । ବଲାଙ୍ଗିର ଜିଲ୍ଲାର ସମସ୍ତ ଅଧ୍ୟାପକ, ଅଧ୍ୟାପିକାଙ୍କୁ ଏହି ମଂଚରେ ସାମିଲ ହେବା ପାଇଁ ଆହ୍ୱାନ କରାଯାଇଥିବା ବେଳେ ଶେଷରେ ଅଧ୍ୟାପକ ପ୍ରଶାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

ବଲାଙ୍ଗିର,୮।୬:(ମନ୍ଥନ) ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସିଲେଟପଡା ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାଷି ମାଧ୍ୟମରେ ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲାପାଳ ଶିବାଜୀ ଇସଲୱାର ବଲାଙ୍ଗିର ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୁଇଁନ୍ତଲା ରତ୍ନମଣୀ ପୁରୋହିତ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ସାଂସଦ ଙ୍କ ପ୍ରତିନିଧି ରାଜ କିଶୋର ନାଏକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲଛମନ ପ୍ରଧାନ, ଆଟଗାଁ ସରପଂଚ ସାଲିନି ସେଠ, ବିଦ୍ୟାଳୟ ପରିଚାଳନା କମିଟି ଚେୟାରମେନ ଗିତାଞ୍ଜଳି ସାହୁ, ଶିକ୍ଷାବିତ୍ ହରିଶ୍ଚନ୍ଦ୍ର ସାହୁ ଓ ଆଟଗାଁ




ହାଇସ୍କୁଲ ପ୍ରଧାନ ଶିକ୍ଷକ ଜ୍ୟୋସ୍ନା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଯୁବରାଜ ନାଏକ ସଭାପତିତ୍ୱ କରିଥିଲେ । ସିଲେଟପଡାର ସମସ୍ତ ଗ୍ରାମବାସୀ, ଆଟଗାଁ କ୍ଲଷ୍ଟର ର ସମସ୍ତ ଶିକ୍ଷକ ସଫଳ ରୂପାୟନରେ ସହଯୋଗ କରିଥିଲେ।

# ନାଉଗାଁ ବ୍ଲକ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର,୮।୬:(ମନ୍ଥନ)ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ନାଉଗାଁ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ । ଆଜି ମୋଟ ୫୪ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୭ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୭ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୧ ଟି,ଆବାସ ଯୋଜନା ସମ୍ପର୍କୀୟ ୫ ଟି ,ଜମିଜମା




ସମସ୍ୟା ସମ୍ପର୍କୀୟ ୧୭ ଟି, ଭତ୍ତା ପାଇବା ପାଇଁ ୩ ଟି, ପୋଲିସ୍ ସହାୟତା ପାଇଁ ୧ ଟି ଏବଂ ଅନ୍ୟାନ୍ୟ ୬ ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୧୪ ଟି ଅଭିଯୋଗର ତତକାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ତହସିଲଦାର, ନାଉଗାଁ, ବି ଡି ଓ, ନାଉଗାଁ,ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଶୋଚନୀୟ ଆର୍ଥିକ ସଙ୍କଟ

ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ କହିଥିଲେ,ଇତିହାସ ତାଙ୍କୁ କେଉଁ ସ୍ଥାନରେ ରଖିବ ସେ ତାହା ଜାଣନ୍ତି ନାହିଁ ଓ କିନ୍ତୁ ସେ ଦୃଢତାର ସହିତ କହିଥିଲେ ଯେ, ସେ ଦେଶବାସୀଙ୍କୁ କେବେହେଲେ ମିଛ କହିନାହାନ୍ତି କିମ୍ବା ମିଥ୍ୟା ପ୍ରତଶ୍ରୁତି ଦେଇନାହାନ୍ତି ଓ ସେ ଆହୁରି ସ୍ପଷ୍ଟ ଭାବରେ ସୂଚାଇ ଦେଇଥିଲେ ଯେ, ଯଦି ନରେନ୍ଦ୍ର ମୋଦି ଦେଶର ପ୍ରଧାନମନ୍ତ୍ରୀ ହୁଅନ୍ତି ତେବେ ଭାରତ ସବୁ କ୍ଷେତ୍ରରେ ଚରମ ବିପର୍ଯ୍ୟୟର ସମ୍ମୁଖୀନ ହେବ ଓ ଆମେରିକା ରାଷ୍ଟ୍ରପତି, ଡୋନାଲଡ ଟ୍ରମ୍ପ ଭାରତକୁ ଏକ 'ମୃତ ଅର୍ଥନୀତି 'କହିବାକୁ ପଛାଇ ନଥିଲେ ଓ ବର୍ତ୍ତମାନ ସେଇ ଅବସ୍ଥା ଉପନୀତ ଓ ଆମ ଦେଶ ୮୦ ପ୍ରତିଶତ ଆମଦାନୀ କରୁଛି ଓ ମାତ୍ର ୨୦ ପ୍ରତିଶତ ରପ୍ତାନୀ କରୁଛି ଓ ପରିସ୍ଥିତି ଏପରି ହେଲାଣି ଯେ, ରିଜର୍ଭ ବ୍ୟାଙ୍କ ଟଙ୍କାର ଅବମୁଲ୍ୟାୟନ ରୋକିବାକୁ ଯାଇ ସୁନା ବିକ୍ରି କରିବା ଆରମ୍ଭ କରିଦେଲାଣି ଓ ଭାରତ ଗଭୀର ଆର୍ଥିକ ସଙ୍କଟ ମଧ୍ୟରେ ଗତି କରୁଛି ଓ ଅତି ଚିନ୍ତାର ବିଷୟ ପାଲଟିଛି ଅର୍ଥନୀତି ଓ ସେୟାର ବଜାରରେ କମ୍ପନ ସୃଷ୍ଟି ହୋଇଛି ଓ ଆମଦାନୀ -ରପ୍ତାନୀ ଓ ଉତ୍ପାଦନ ଗୁରୁତର ବାଧାପ୍ରାପ୍ତ ହେଲାଣି । ଏକପ୍ରକାର ଜରୁରୀକାଳୀନ ଆର୍ଥିକ ପରିସ୍ଥିତିର ସାମ୍ନା କରୁଛି ଦେଶ । ଡଲାର ତୁଳନାରେ ଟଙ୍କାର ଅବମୂଲ୍ୟାୟନ ଅଧିକ ଜଟିଳ କରୁଛି ପରିସ୍ଥିତି ଓ ଏକ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ୯୬.୭ ହେଲାଣି ଓ ଯଦି ଏହା ୧୦୦ ପାର କରିଯିବ ତେବେ ସାଙ୍ଘାତିକ ଅବସ୍ଥା ମଧ୍ୟରେ ସମସ୍ତ ପ୍ରକାର ଅବ୍ୟବସ୍ଥା ସୃଷ୍ଟିର ଆଶଙ୍କାକୁ ଏଡାଇ ଦିଆଯାଇନପାରେ । ଇତିମଧ୍ୟରେ ଦେଶବାସୀଙ୍କୁ କେତେକ ସତର୍କ ସୂଚନା ପ୍ରଦାନ କରି ପ୍ରଧାନମନ୍ତ୍ରୀ ୫ ବିଦେଶୀ ରାଷ୍ଟ୍ର ଗସ୍ତରୁ ଫେରିଛନ୍ତି ଓ ହୁଏତ ସେଇ ଦେଶମାନଙ୍କ ସହିତ କିଛି ଚୁକ୍ତି କିମ୍ବା ବୁଝାମଣା କରି ପ୍ରଧାନମନ୍ତ୍ରୀ ଦେଶର ଜନତାଙ୍କୁ ଆଶ୍ୱସ୍ତ କରିବାର ଉଦ୍ଦେଶ୍ୟ ରଖିଛନ୍ତି । କିନ୍ତୁ ସେ ଦେଶବାସୀଙ୍କୁ ଯେଉଁ ପରାମର୍ଶ ଦେଇଛନ୍ତି ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଖାଇବା ତେଲ, ଇନ୍ଧନର ବ୍ୟବହାର, ସୁନା -ରୂପା କ୍ରୟ ହ୍ରାସ ସହିତ ବିଦେଶ ଗସ୍ତ ନକରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ଓ ୨୦୧୩-୧୪ ପରସ୍ଥିତି ସହିତ ତୁଳନା କଲେ, କାହିଁକି ଏପ୍ରକାର ସ୍ଥିତି ଓ ପରିସ୍ଥିତି ସୃଷ୍ଟି ହେଲା, ତାହା ଅନୁଧ୍ୟାନର ବିଷୟ । ୨୦୧୩ରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ମାତ୍ର ୫୮ ଟଙ୍କା ଥିଲା ଓ ସେହିପରି ଋଣଭାର ୫୫ ଲକ୍ଷ କୋଟି ଥିଲା ଯାହାକି ବର୍ତ୍ତମାନ ୨୫୦ ଲକ୍ଷ କୋଟିରେ ପହଞ୍ଚିଲାଣି ଓ ବିଶ୍ୱ ବ୍ୟାଙ୍କରୁ ଋଣ ଆଣିବାରେ ଭାରତ ଏକ ନମ୍ବର ସ୍ଥାନରେ ରହିଛି ଓ ପଡୋଶୀ ନେପାଳ,ବଂଲାଦେଶ, ଶ୍ରୀଲଙ୍କା ଏପରିକି ନେପାଳ ଠାରୁ ଆମର ଆର୍ଥିକ ପରିସ୍ଥିତି ଦୁର୍ବଳ ହୋଇଗଲାଣି ଓ ଦେଶର ଅଧିକାଂଶ ରାଜ୍ୟ ଋଣବୋଝରେ ଉବୁଟୁବୁ ହେଲେଣି । ୫ ରାଜ୍ୟ ନିର୍ବାଚନ ପରେ ପରେ ପେଟ୍ରୋଲ, ଡିଜେଲ, ସୁନା -ରୂପା, ଖାଇବା ତେଲ, ଘରୋଇ ଓ ବ୍ୟବସାୟିକ ଗ୍ୟାସ ଦର ବୃଦ୍ଧି ସହିତ ଉଜ୍ଜ୍ୱଳା ଗ୍ୟାସ ଉପରେ ଏଣିକି ଆଉ ସବସିଡି ମିଳିବ ନାହିଁ ବୋଲି ଘୋଷଣା ହୋଇସାରିଲାଣି । ଏଭଳି ପରିସ୍ଥିତିରେ ମଧ୍ୟ ସରକାର ବିପୁଳ ଅର୍ଥ ବ୍ୟୟ କରି ଜନଗଣନା ଓ ଭୋଟର ତାଲିକା ସଂଶୋଧନ (ଏସଆଇଆର) ପ୍ରକ୍ରିୟାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି ଓ ଏଭଳି ସ୍ଥିତିରେ ଦରଦାମ ବେଲଗାମ ହେଲାଣି । ଗରିବ, ମଜୁରିଆ, ଖଟିଖିଆ, କ୍ଷୁଦ୍ର ବ୍ୟବସାୟୀମାନେ ଆଗକୁ ଅସମ୍ଭାଳ ସମସ୍ୟାର ସମ୍ମୁଖୀନ ହେବେ ଓ ଏଥିପାଇଁ କାହାରି କିଛି ଉତ୍ତରଦାୟିତ୍ୱ ଥିଲାପରି ମନେହେଉନାହିଁ ଓ ପୁଞ୍ଜିପତିମାନେ ସେମାନଙ୍କ ଫାଇଦା ପାଇଁ ବ୍ୟସ୍ତ ଓ ପ୍ରଧାନମନ୍ତ୍ରୀ ସାଧାରଣ ଦେଶବାସୀଙ୍କୁ ଖର୍ଚ୍ଚକାଟ କରିବାର ପରାମର୍ଶ ଦେଲେ କିନ୍ତୁ କୋଟି କୋଟି ଟଙ୍କାର କରଜଭାରରୁ ସରକାରଙ୍କ ଦ୍ୱାରା ମୁକ୍ତ ହୋଇଥିବା ପୁଞ୍ଜିପତିମାନଙ୍କୁ କୌଣସି ଅପିଲ କଲେନାହିଁ । ଏହା ଏକ ଅତ୍ୟନ୍ତ କ୍ଷୋଭ ଓ ପରିତାପର ବିଷୟ ବୋଲି କୁହାଯାଇପାରେ ଓ ଆମେରିକାର ଇସାରାରେ ରୁଷରୁ ତେଲ ଆମଦାନୀ ବନ୍ଦ କରିବା, ଇରାନ ବିରୋଧରେ ଆମେରିକା -ଇସ୍ରାଏଲ ଯୁଦ୍ଧରେ ଭାରତର ନିରବତା ପରୋକ୍ଷରେ ଇରାନ - ବିରୋଧୀ ଥିଲା ଯାହା ଫଳରେ ଆମର ତୈଳ ସଙ୍କଟ ଗମ୍ଭୀର ସମସ୍ୟା ସୃଷ୍ଟି କରିଛି ବୋଲି ବିଶେଷଜ୍ଞମାନଙ୍କ ମତର ଯଥାର୍ଥତା ରହିଛି ଓ ଅଦୂରଦର୍ଶୀ ଆର୍ଥିକ ନୀତି ଓ ଚାପଗ୍ରସ୍ତ ବିଦେଶ ନୀତି ଭାରତ ପାଇଁ ମହଙ୍ଗା ପଡିଛି ଓ ଏହାର ପରିଣାମ ଭୋଗିବେ ଦେଶର ଗରିବ। ମଧ୍ୟବିତ୍ତ ଜନତା ଓ ଆଗକୁ ସଙ୍କଟ ଅଧିକ ଜଟିଳ ହେବାର ଆଶଙ୍କା ମଧ୍ୟ ରହିଛି ଯାହାକି ଆମର ୧୪୫ କୋଟି ସାଧାରଣ ଜନସାଧାରଣଙ୍କ ଜୀବନଧାରଣରେ ଉତ୍କଟ ସମସ୍ୟା ସୃଷ୍ଟି କରିବା ସହିତ ବୋଝ ଉପରେ ନଳିତା ବିଡା ସଦୃଶ ହେବ।

# ଚାରି ଚକର ପାଟଣା ରଥ

ଅଲେଖ ଚନ୍ଦ୍ର ସାମଲ

'ଆଷାଢ଼ାସ୍ୟ ମଳ ପକ୍ଷେ ଦ୍ୱିତୀୟ ପୁଷ୍ୟ ସଂଯୁତେ ଚରାଚର ହିତାର୍ଥାୟ ଘୋଷ ଯାତ୍ରା ବିଧିୟତେ।' ଆଷାଢ଼ ମାସ ଶୁକ୍ଳପକ୍ଷ ପୁଷ୍ୟା ନକ୍ଷତ୍ରଯୁକ୍ତ ଦ୍ୱିତୀୟା ତିଥିରେ ଚରାଚର ଜଗତର ହିତାର୍ଥେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କର ଘୋଷ ଯାତ୍ରା। ଗୃହକର୍ଣ୍ଣିକା, ଶିଳ୍ପସାରା, ଅପରଜିତା ମାନସାର ବିଶ୍ୱକର୍ମାୟ ରଥନିର୍ମାଣ ପଦ୍ଧତି ଶୁକ୍ଳ ସୂତ୍ର ଆଦି ଗ୍ରନ୍ଥରେ ଶ୍ରୀଜୀଉଙ୍କ ତିନିରଥ ନିର୍ମାଣର ବିଧି ରହିଛି। ଶିଳ୍ପସାର ସଂଗ୍ରହରେ ପ୍ରଭୁଙ୍କ ରଥକୁ ୨୭ ଭାଗରେ ବିଭକ୍ତ କରାଯାଇ ନିର୍ମାଣ ଜ୍ଞାନକୌଶଳକୁ ସହଜ କରାଯାଇଛି। ୨୭ ଭାଗରୁ ୩ରୁ ୫ ଭାଗକୁ ଅଧିକ ଗୁରୁତ୍ୱ ଦିଆଯାଇଛି।

ପୂର୍ବପରି ଆଉ ରଥଯାତ୍ରା ଅସୁବିଧା ଜନକ ପରିସ୍ଥିତିରେ ନାହିଁ। ସେ ଦିନର ବାଲି ଧୂଳିଦାଣ୍ଡ ନାହିଁ କି ଆଲୁଅର ଅଭାବ ନାହିଁ, ପରିଷ୍କାର ପରିଚ୍ଛନ୍ନତା ଠାରୁ ସବୁକିଛି ପରିସ୍ଥିତି ବଦଳିଛି। ପରିବର୍ତ୍ତିତ କାଳଖଣ୍ଡରେ ରଥର ରୂପରେଖ ବଦଳିଛି। ହାତ ଓ ଆଙ୍ଗୁଳି ମାପରେ ରଥ ନିର୍ମାଣ ହେଉଛି। ଦିନ ଥିଲା ଆଠ ହାତର ରଥ ନିର୍ମାଣ ହେଉଥିଲା। ପରବର୍ତ୍ତୀ ସମୟରେ ୩୩ ହତାରେ ପହଞ୍ଚିଛି। 'ରଥ ଚକଡ଼ା' ଗ୍ରନ୍ଥରୁ ମିଳିଥିବା ସୂଚନା ମୁତାବକ, ସୋମବଂଶୀ ରାଜା ଯଯାତି କେଶରୀଙ୍କୁ ସମୟରେ ନିର୍ମିତ ହେଉଥିବା ରଥର ଉଚ୍ଚତା ଥିଲା ଆଠ ହାତ। ରଥ ଚକଡ଼ାର ଲେଖକ ତତ୍କାଳୀନ ଶ୍ରୀ ମନ୍ଦିରର କରଣ ସାମନ୍ତ ଭିକାରୀ ପଟ୍ଟନାୟକଙ୍କ ସୂଚନା ମୁତାବକ, ସେତେବେଳେ ଛଅଟି ରଥ ଅର୍ଥାତ ତିନିଯୋଡ଼ା ରଥ ନିର୍ମିତ ହେଉଥିଲା। ସିଂହଦ୍ୱାର ଠାରୁ ବଳଗଣ୍ଡି ପର୍ଯ୍ୟନ୍ତ ତିନି ରଥ ନିର୍ମିତ ହେଉଥିଲା। ଗଙ୍ଗବଂଶର ରାଜତ୍ୱ କାଳରେ ରଥର କଳେବରରେ ବହୁ ପରିବର୍ତ୍ତନ ଘଟିଥିଲା। ମାଦଳାପାଞ୍ଜି ଅନୁସାରେ ଚୋଡ଼ଗଙ୍ଗ ଦେବଙ୍କ ସମୟରେ ନନ୍ଦିଘୋଷ ରଥର ଉଚ୍ଚତା ୩୨ ହାତ ପର୍ଯ୍ୟନ୍ତ ବଢ଼ିଥିଲା। ସେ ଅମରାବତୀ କଟକରୁ କାଠ ଆଣି ବଡ଼ଦାଣ୍ଡ ମହାଖଳାରେ ରଥ ତିଆରି କରାଉଥିଲେ। ପାଟଣା ରଥ ଶଗଡ଼ି ହୋଇଥିବାରୁ ଗୋଟିଏ ଲୋକ ଉକ୍ତି ପ୍ରଚଳିତ ଥିଲା, 'ପାଟଣା ରଥ ଚାରିଚକିଆ'। ଅର୍ଥାତ୍ ମାଳିନୀ ନଦୀ ଅପର ପାର୍ଶ୍ୱରେ ଚାରିଚକିଆ ରଥରେ ମହାପ୍ରଭୁ ବିଜେ ହେଉଥିଲେ। କିନ୍ତୁ ସିଂହଦ୍ୱାରରୁ ଯାଉଥିବା ତିନି ରଥ ନିୟମ ଅନୁସାରେ ରଥ ଉପରେ ସୁନା ନିର୍ମିତ ତିନି ବେଣ୍ଟିଆ ଧ୍ୱଜ କଳସ ଲାଗୁଥିଲା। କନକ ମୁଣ୍ଡାଇରେ ରତ୍ନ ଚାନ୍ଦୁଆ ଟଣା ହେଉଥିଲା। ଅନ୍ୟ ଗୋଟିଏ ଛୋଟ ରଥରେ ବାଦ୍ୟକାରମାନେ ଘଣ୍ଟ ବଜାଇଥିଲେ ଓ ଆଗେ ଆଗେ ଯାଉଥିଲେ। ଏହି ରଥକୁ ଘୋଡ଼ାମାନେ ଟାଣୁଥିଲେ। ମାତ୍ର ଆଜି ବି ହାତ ଓ ଆଙ୍ଗୁଳି ମାପରେ ରଥ ନିର୍ମାଣ ହେଉଛି। ଗୋଟେ ଇଞ୍ଚ ବଢୁନାହିଁ କି କମୁନାହିଁ। ଏବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଉଚ୍ଚତା ରହିଛି ୩୩ ହାତ ୫ ଆଙ୍ଗୁଳି। ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥର ଉଚ୍ଚତା ରହିଛି ୩୨ ହାତ ୧୦ ଆଙ୍ଗୁଳି। ଦେବଦଳନ ରଥର ଉଚ୍ଚତା ରହିଛି ୩୧ ହାତ। ବିଶ୍ୱକର୍ମା ମହାରଣା ସେବକମାନେ ଶହ ଶହ ବର୍ଷ ଧରି ହାତ ଆଙ୍ଗୁଳି ମାପ ଦ୍ୱାରା ଏହି ରଥ ନିର୍ମାଣ କରନ୍ତି। ଏକ କାଠି ସାହାଯ୍ୟରେ ରଥର ବିଭିନ୍ନ ଅଂଶର ମାପ ସ୍ଥରୀକୃତ ହୋଇ କାମ ହୁଏ। ତେଣୁ ରଥର ଉଚ୍ଚତା ସବୁବେଳେ ନର୍ଦ୍ଦିଷ୍ଟ ମାପର ରହି ଆସିଛି।

ଶ୍ରୀଗୁଣ୍ଡିଚା ଯାତ୍ରାର ମୁଖ୍ୟ ଆକର୍ଷଣ ତାଳଧ୍ୱଜ, ଦର୍ପଦଳନ ଓ ନନ୍ଦିଘୋଷ। ତିନିରଥର ନିର୍ମାଣଶୈଳୀ ଯେତିକି ଶାସ୍ତ୍ରୀୟତା ଉପରେ ଆଧାରିତ ତତୋଧିକ ପାରମ୍ପରିକତା ଉପରେ ପର୍ଯ୍ୟବସିତ। ରଥ ସଂହିତାରେ ରଥ ନିର୍ମାଣ ପଦ୍ଧତି ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣିତ ହୋଇଥିଲେ ମଧ୍ୟ ପୋଥିବିଦ୍ୟା ଅପେକ୍ଷା କାର୍ଯ୍ୟକ୍ଷେତ୍ରରେ ବିଶେଷ ଅନୁଭୂତି ଶିଳ୍ପୀମାନଙ୍କର ପ୍ରକୃତ ପୁଞ୍ଜିରେ କାର୍ଯ୍ୟଦକ୍ଷତା ପ୍ରତିପାଦିତ କରିବା ପାଇଁ ସହାୟ ହୋଇଥାଏ। ରଥ ନିର୍ମାଣର ମାପ ପଦ୍ଧତି, ପ୍ରକ୍ରିୟା ତଥା ଉପାଂଶ ଓ ଉପକରଣ ଗୁଡ଼ିକର ନାମ କରଣ ସବୁଥିରେ ଅନେକ ସ୍ୱତନ୍ତ୍ରତା ରହିଆସିଛି। କହିବା ବାହୁଲ୍ୟ, ତିନିବାଡ଼ର ମୁଖ୍ୟ ମହାରଣା ମାନଙ୍କର ହାତକାଠିର ମାପ ଯାହା ହାତ, ଚାଖଣ୍ଡ, ଆଙ୍ଗୁଳି ଓ ସୂତା ଉପରେ ଆଧାରିତ, ତାର ସହାୟତାରେ ହସ୍ତଶିଳ୍ପର ସର୍ବବୃହତ୍ ନମୁନା ଭାବେ ସାରା ବିଶ୍ୱରେ ପରିଚିତ ପୁରୀ ରଥଯାତ୍ରାର ଏହି ତିନିଗୋଟି ରଥ ପ୍ରସ୍ତୁତ ହୋଇଥାଏ। ଏହି ହାତକାଠିର ଚିହ୍ନିତ ମାପର ରହସ୍ୟ ମହାରଣାମାନଙ୍କର କୌଳିକ ବିଦ୍ୟାର ଗୋପନୀୟତା ବହନ କରେ ଓ ଏହାର ଦୁର୍ବୋଧ ମାପ ପ୍ରଣାଳୀର ଅବଲମ୍ବନରେ ବିଶାଳ ରଥଗୁଡ଼ିକର ନିର୍ମାଲ୍ୟ କାର୍ଯ୍ୟ ସଫଳତାର ସହ ସଂପନ୍ନ ହୋଇଥାଏ।

ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩

# ଇବାଲୋ ସଂକ୍ରମଣ ଓ ଲିଭର ସମସ୍ୟା

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ରାଜସ୍ଥାନର ଜୟପୁରରେ ଇବାଲୋ ଭାଇରସ ସଂକ୍ରମଣ ସଂଦିଗ୍ଧ ମାମଲା ଆସିଛି। ଉଗାଣ୍ଡାରୁ ଆସିଥିବା ଜନୈନକ ଯୁବତୀଙ୍କ ଠାରେ ଇବାଲୋ ଲକ୍ଷଣ ଦେଖିବାକୁ ମଳିବା ପରେ ତାଙ୍କୁ ରାଜସ୍ଥାନ ୟୁନିଭର୍ସିଟି ଅଫ ହେଲଥ ସାଇନ୍ସେରେ ରଖାଯାଇଛି। ତାଙ୍କୁ କ୍ୱାରନଷ୍ଟାଇନରେ କ୍ରିଟିକାଲ କେୟାର ବ୍ଲକରେ ଆଇସୋଲେସନରେ ରଖାଯାଇଛି। କହିବାକୁଗଲେ ଏହା ପ୍ରଥମ ଇବାଲୋ ଭାଇରସ ସଂକ୍ରମଣ ସଂଦିଗ୍ଧ ମାମଲା।

ଇବାଲୋ ଭାଇରସକୁ ନେଇ ରାଜ୍ୟ ସରକାର ସର୍ବାଧିକ ସୁରକ୍ଷା ପ୍ରସ୍ତୁତିରେ ରହିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ ଆସିବାପରେ ଓଡ଼ିଶାରେ ମଧ୍ୟ ସରକାରୀ ଭାବେ ପ୍ରସ୍ତୁତି ଜୋରଦାର କରାଯାଇଛି। ବିଶେଷକରି ଆଫ୍ରିକୀୟ ଦେଶରୁ ଫେରୁଥିବା ଯାତ୍ରୀଙ୍କ ଶରୀରରେ ଯଦି ଇବାଲୋ ଲକ୍ଷଣ ଚିହ୍ନଟ ହୁଏ ତେବେ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ପଠାଯିବ ବୋଲି ଜନସ୍ୱାସ୍ଥ୍ୟ ବିଭାଗର ତରଫରୁ ସୂଚୀତ କରାଯାଇଛି। ଯଦି ଇବାଲୋ ମାମଲା ରିପୋର୍ଟ ହୁଏ ତେବେ ଏମ୍ସରେ ଏକୋଇଶ ଦିନ ପର୍ଯ୍ୟନ୍ତ ସଂଘରୋଧରେ ରଖାଯିବ। ଏଥିପାଇଁ ଆଠଟି ଶଯ୍ୟା ପ୍ରସ୍ତୁତ ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି। ଇବାଲୋ ପାଇଁ ଭୁବନେଶ୍ୱର ବିମାନ ବନ୍ଦରରେ ଯାଞ୍ଚ ପାଇଁ କଡ଼ାକଡ଼ି କରାଯାଇଥିବାବେଳେ ଏବେ ପାରାଦ୍ୱୀପ ବନ୍ଦରରେ ମଧ୍ୟ ସ୍ୱାସ୍ଥ୍ୟ ଟିମକୁ ସତର୍କ କରାଯାଇ ରଖାଯାଇଛି। ଇବାଲୋ ଲକ୍ଷଣ ଥିବା ଯାତ୍ରୀ ଚିହ୍ନଟହେଲେ ତୁରନ୍ତ ଚିକିତ୍ସା ପାଇଁ ପଠାଇବାର ବ୍ୟବସ୍ଥା କରାଯାଇଛି। ସୂଚନା ଥାଉକି ଏ ପର୍ଯ୍ୟନ୍ତ ରାଜ୍ୟରେ କୌଣସି ଇବାଲୋ ରୋଗୀ ଚିହ୍ନଟ ହୋଇନାହାଁନ୍ତି।

ଆସନ୍ତୁ ସର୍ବପ୍ରଥମେ ଜାଣିବା ଏହି ଇବୋଲା କ'ଣ ? : ଇବୋଲା ଭାଇରସ୍ ଡିଜିଜ୍ ବା ଇବିଡ଼ି ଏକ ରକ୍ତସ୍ରାବୀ ଜ୍ୱର । ଖୁବ୍ ବିପଜ୍ଜନକ ଏହି ରୋଗ । ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହେଲେ ମୃତ୍ୟୁକୁ ଏଡ଼ାଇବା ଖୁବ୍ କଷ୍ଟ । ଆଜି ପର୍ଯ୍ୟନ୍ତ ଯେତେ ରୋଗୀ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ୯୦ ପ୍ରତିଶତ ମୃତ୍ୟୁବରଣ କରିଛନ୍ତି ବୋଲି ଜଣାପଡ଼ିଛି । ଏ ପର୍ଯ୍ୟନ୍ତ ଏହି ଭୂତାଣୁର ୫ଟି ପ୍ରଜାତି ଚିହ୍ନଟ ହୋଇଛି । ସେ ମଧ୍ୟରୁ ୪ଟି ଦ୍ୱାରା ମନୁଷ୍ୟ ସଂକ୍ରମିତ ହୋଇପାରେ । ଏହି ଚାରି ପ୍ରଜାତି ହେଉଛି ବୁନ୍ଦିବୁଗ୍ୟୋ ଇବୋଲା ଭାଇରସ୍, ଜାୟରେ ଇବୋଲା ଭାଇରସ୍, ସୁଦାନ ଇବୋଲା ଭାଇରସ୍, ଟାଇ ଫରେଷ୍ଟ ଭାଇରସ୍ । ପଞ୍ଚମ ଭାଇରସ୍ ରେଷ୍ଟନ ଇବୋଲା ଭାଇରସ୍ ଦ୍ୱାରା ମନୁଷ୍ୟ ସଂକ୍ରମିତ ହୁଏ ନାହିଁ । ଟାଇଫରେଷ୍ଟ ଓ ରେଷ୍ଟନ ଭାଇରସ୍ ଫିଲିପାଇନ୍ସ ଓ ଚୀନରେ ମିଳେ କିନ୍ତୁ ଆଜି ପର୍ଯ୍ୟନ୍ତ ଏଥିରେ କାହାର ମୃତ୍ୟୁ ଘଟିଥିବା ଜଣାନାହିଁ ।

ଏହା କେମିତି ବ୍ୟାପେ ? : ଏହି ରୋଗ ସଂକ୍ରମିତ ଜୀବଜନ୍ତୁ ଓ ସଂକ୍ରମିତ ମନୁଷ୍ୟଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କରୁ ବ୍ୟାପିଥାଏ । ସଂକ୍ରମିତ ରକ୍ତ, ଛେପ, ବୀର୍ଯ୍ୟ, ବାନ୍ତି, ମଳ, ମୂତ୍ର ଆଦି ସହ ପ୍ରତ୍ୟକ୍ଷ ସମ୍ପର୍କ ଓ ସଂକ୍ରମିତ ପରିବେଶ ଦ୍ୱାରା ଅପ୍ରତ୍ୟକ୍ଷ ଭାବରେ ବ୍ୟାପିଥାଏ । ଏହା ବାୟୁ ବାହିତ ଭୂତାଣୁ ସଂକ୍ରମଣ ନୁହେଁ । ଏହି ସଂକ୍ରମଣ ବିପଜ୍ଜନକ କିନ୍ତୁ ସଚେତନତା ଦ୍ୱାରା ଏହା ଠାରୁ ଦୂରରେ ରହିହେବ । ସଂକ୍ରମିତ ମନୁଷ୍ୟ ଓ ଜୀବଜନ୍ତୁଙ୍କ ଠାରୁ ଦୂରେଇ ରହିବା ଆବଶ୍ୟକ । ସବୁବେଳେ ହାତ ସଫା ରଖିବା ଆବଶ୍ୟକ । ସଂକ୍ରମିତ ରୋଗୀଙ୍କ ସେବାରେ ନିୟୋଜିତ ଥିବା ସ୍ୱାସ୍ଥ୍ୟକର୍ମୀ ଯଥା - ଡାକ୍ତର, ନର୍ସ ପ୍ରଭୃତି ସୁରକ୍ଷିତ ପୋଷାକ ଓ ମାସ୍କ ବ୍ୟବହାର ନକଲେ ସଂକ୍ରମଣର ଆଶଙ୍କା ଅଧିକ ଥାଏ । ସେମିତି ରୋଗୀର ପରିଜନମାନେ ମଧ୍ୟ ସଂକ୍ରମିତ ହେବାର ଆଶଙ୍କା ଅଧିକ ରହିଛି ।

ଏହି ଭାଇରସ୍ ଶରୀରରେ ବ୍ୟାପିବାକୁ ୨ରୁ ୨୧ ଦିନ ପର୍ଯ୍ୟନ୍ତ ସମୟ ଲାଗିଥାଏ । ଏହାର ଲକ୍ଷଣ ଦେଖାଗଲା ବେଳକୁ ଏହା ଅନ୍ୟମାନଙ୍କୁ ସଂକ୍ରମଣ କରିବା ଅବସ୍ଥାକୁ ଆସିଯାଇଥାଏ । ପରବର୍ତ୍ତୀ ୧୨ ଦିନ ଖୁବ୍ ସମ୍ବେଦନଶୀଳ । ୧୨ ଦିନ ପରେ ପ୍ରାୟ ରୋଗୀଙ୍କର ମୃତ୍ୟୁ ଘଟେ । ଲକ୍ଷଣ ଦେଖାଯିବାର ୭ରୁ ୧୦ ଦିନ ମଧ୍ୟରେ ଭୂତାଣୁ ଯେତେବେଳେ ବ୍ୟାପୁଥାଏ ସେତେବେଳେ ତଣ୍ଟି ଆଖିରେ ଜ୍ୱଳନ ହୁଏ, ପେଟରେ ଯନ୍ତ୍ରଣା ଓ ବାନ୍ତି ହୁଏ । ମୁଣ୍ଡବିନ୍ଧା, ଥକ୍କାପଣ, ଜ୍ୱର ଏବଂ ମାଂସପେଶୀରେ ଯନ୍ତ୍ରଣା ବି ହୁଏ । ତ୍ୱଚାରେ ଛୋଟ ଛୋଟ ଧଳା ଓ ନାଲି ଦାଗ ହୁଏ, ଏହା କୁଣ୍ଡିଆର ରୂପ ନିଏ । ଏଗୁଡ଼ିକ ଫାଟି ରକ୍ତ ବୁହେ । ଏଗାର ଦିନ ବେଳକୁ ଜିଭ ଲାଲ ହୋଇଯାଏ, କେବେ କେବେ ଜିଭ ବାହାରକୁ ଲଟିକିଯାଏ କିମ୍ବା ତଣ୍ଟି ଭିତରକୁ ଚାଲିଯାଏ । ବାରଦିନ ବେଳକୁ ଭୂତାଣୁ ଧମନୀରେ ରକ୍ତ ଜମାଟ କରିନିଏ । ଶରୀରର ରଙ୍ଗ କଳା ପଡ଼ିଯାଏ । ରକ୍ତ ଜମାଟ ବାନ୍ଧିବାରୁ ଯକୃତ, ବୃକକ୍, ମସ୍ତିଷ୍କ, ଫୁସ୍‌ଫୁସ୍, ଅନ୍ତ୍ରାଶୟ ସମେତ ପ୍ରାୟ ସବୁ ଅଙ୍ଗକୁ ରକ୍ତ ସଞ୍ଚାଳନ ବନ୍ଦ ହୋଇଯାଏ । ଫଳରେ ଏସବୁ ଅଙ୍ଗ ଅଚଳ ହୋଇଯାଏ । ସବୁ ଅଙ୍ଗ ଅଚଳ ହେବା ପରେ ମନୁଷ୍ୟର ମୃତ୍ୟୁ ଘଟେ । ଇବୋଲା ଭୂତାଣୁ ଚିହ୍ନଟ ହେବା ମଧ୍ୟ କଷ୍ଟ । କାରଣ ପ୍ରଥମେ ସବୁ ସାଧାରଣ ଲକ୍ଷଣ ଦେଖାଯାଏ । ତେଣୁ ସାଧାରଣ ରୋଗ ବ୍ୟତୀତ ଆଉ କିଛି ମନେ ହୁଏନି ଏହା । ଜ୍ୱର, ମୁଣ୍ଡବିନ୍ଧା, ମାଂସପେଶୀ-ଗଣ୍ଠି-ପେଟରେ ଯନ୍ତ୍ରଣା, ତଣ୍ଟି ଦରଜ, ଥକ୍କାପଣ, ଡାଇରିଆ, ବାନ୍ତି-କଫରେ ରକ୍ତ ଆସିବା, ଛାତିରେ ଯନ୍ତ୍ରଣା, ନିଶ୍ୱାସ ନେବାରେ କଷ୍ଟ, ହେକ୍କୁଟି ଆଦି ଲକ୍ଷଣ ଦେଖାଯାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଇବାଲୋ ପୀଡ଼ିତ ରୋଗୀଙ୍କ ଜଣଙ୍କ ପେଟରେ ଭୀଷଣ ଜଳାପୋଡ଼ା ଓ ପେଟ ଟଣା ଅନୁଭବ କରେ। ପୀଡ଼ିତ ଜଣଙ୍କ ବାରମ୍ବାର ବାନ୍ତି କରି ଏକ ପ୍ରକାରର ଅସ୍ତବ୍ୟସ୍ତ ହୋଇଯିବାର ତାଙ୍କ ଶ୍ୱାସପ୍ରଶ୍ୱାସ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ। କୌଣସି ଖାଦ୍ୟ ରୁଚିକର ହୋଇନଥାଏ ଏବଂ ଅଧିକାଂଶ ସମୟ ବାନ୍ତି ଲାଗୁଥିବାରୁ, ସେହି ସମସ୍ୟା ପାଇଁ ଜଣେ ଖାଦ୍ୟ ମଧ୍ୟ ଏପରିସ୍ଥିତିରେ ଖାଇପାରି ନଥାଏ। ବେଳେ ବେଳେ ପେଟ ଭିତରୁ ଏକ ପ୍ରକାର ବାୟୁ ଊର୍ଦ୍ଧ୍ୱମୁଖୀ ହେଲାପରି କେତେକ କ୍ଷେତ୍ରରେ ସଂକ୍ରମଣ ପୀଡ଼ିତଙ୍କ ଠାରେ ଦେଖାଦେଇଥାଏ। ତେବେ ଏହା ପୂର୍ବରୁ ଆକ୍ରାନ୍ତ ହୋଇଥିବା ହୃଦରୋଗୀ, ବୟସ୍କ, କୌଣସି ଦୂରାରୋଗୀ ଆସନ୍ନପ୍ରସବା ଓ ପିଲାମାନଙ୍କ ପାଇଁ ଏହା ଅତ୍ୟନ୍ତ ଘାତକ ସାବ୍ୟସ୍ତ ହୋଇଥାଏ। ବାରମ୍ବାର ଝାଡ଼ା ବାନ୍ତି ଲାଗି ରହିବାରୁ କୌଣସି ଖାଦ୍ୟ ଖାଇବାକୁ ଇଛା ହୁଏନାହିଁ। କୌଣସି ପୂର୍ବରୁ ଲିଭର ସଂକ୍ରମିତ ପୀଡ଼ିତ ଯଦି ଇବାଲୋରେ ସଂକ୍ରମିତ ହୁଅନ୍ତି ତେବେ ତାଙ୍କ ପରିସ୍ଥିତି ଜଟିଳ ହୋଇପାରେ। ବର୍ତ୍ତମାନ ଗରମ ଯେଉଁପରି ଅନୁଭବ ହେଉଛି ଏହା ଇବାଲୋ ସଂକ୍ରମଣକୁ ବଢ଼ାଇ ପାରେ ବୋଲି ନିକଟରେ 'ଲାନସେଟ' ପତ୍ରିକା ଉଲ୍ଲେଖ କରିଛି। କେବେ କେବେ ରକ୍ତସ୍ରାବ ହୁଏ । ସଂକ୍ରମଣର ଶେଷ ପର୍ଯ୍ୟାୟ ବେଳକୁ କାନ ଓ ନାକରୁ ରକ୍ତ ବି ପଡ଼େ । ତେବେ ଯେଉଁମାନେ ସଂକ୍ରମଣ ଆରମ୍ଭରୁ ଚିକିତ୍ସା ସୁବିଧା ପାଆନ୍ତି ଓ ଶରୀରରୁ ଜଳକ୍ଷୟକୁ ଅଟକାଇ ପାରନ୍ତି ସେମାନଙ୍କ ଠାରେ ଆରୋଗ୍ୟଲାଭର ସମ୍ଭାବନା ଅଧିକ । ଏହି ରୋଗ ଏଡସ୍ ଓ ଏଚ୍‌ଆଇଭି ତୁଳନାରେ ମଧ୍ୟ ବିପଜ୍ଜନକ । କାରଣ ଏଚ୍‌ଆଇଭି ଭୂତାଣୁ ବ୍ୟାପିବାକୁ ୩ ସପ୍ତାହରୁ ୩ ମାସ ପର୍ଯ୍ୟନ୍ତ ସମୟ ଲାଗେ । ଏଚ୍‌ଆଇଭି ଭାଇରସ୍ ଏଡ଼ସ ପାଲଟିବାକୁ ୯ ମାସରୁ ୨୦ ବର୍ଷ ପର୍ଯ୍ୟନ୍ତ ଲାଗିପାରେ । ଔଷଧ ଖାଇଲେ ରୋଗୀ ସ୍ୱାଭାବିକ ଜୀବନ ଜୀଇଁପାରେ । ମାତ୍ର ଇବୋଲା ଭୂତାଣୁ ୨ରୁ ୨୧ ଦିନରେ ସଂକ୍ରମିତ ହୁଏ ଓ ସଂକ୍ରମଣର ୧୨ ଦିନ ଭିତରେ ମୃତ୍ୟୁ ପହଞ୍ଚାଏ ।

ଇବାଲୋକୁ ନେଇ ଭୟଭୀତ ହେବା ସହ କୌଣସି ଗୁଜବକୁ ବିଶ୍ୱାସ କରନ୍ତୁ ନାହିଁ କିମ୍ବା ପ୍ରଚାର ପ୍ରସାର କରନ୍ତୁ ନାହିଁ । ବର୍ତ୍ତମାନ ଗରମ ବଢୁଛି, ତାପମାତ୍ରା ଠିକ ରହୁନାହିଁ, କୌଣସି ବ୍ୟକ୍ତିଙ୍କ ଶରୀରରେ ଜ୍ୱର, କାଶ, ଥଣ୍ଡ, ବାନ୍ତି, ଝାଡ଼ା, ପେଟ ସମସ୍ୟା ଓ ରକ୍ତ ସମସ୍ୟା ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଇବାଲୋର ବଡ଼ ଭୟାବହତା ହେଉଛି ଏହା ଶୀଘ୍ର ଅନ୍ୟ ମାନଙ୍କୁ ସଂକ୍ରମିତ କରିଥାଏ, ତେଣୁ ତୁରନ୍ତ ପରୀକ୍ଷା ଓ ଆଇସୋଲେସନ ଜରୁରୀ। ସମସ୍ତ ପ୍ରକାର ସରକାରୀ ସ୍ୱାସ୍ଥ୍ୟ ସେବାର ସୁଯୋଗ ନିଅନ୍ତୁ । ପରିଷ୍କାର ପରିଚ୍ଛନ୍ନ ରୁହନ୍ତୁ ଓ ସୁଷମ ଖାଦ୍ୟ ଓ ଆନନ୍ଦମୟ ଜୀବନ ନିର୍ବାହ କରନ୍ତୁ, ଯୋଗ ପ୍ରାଣାୟମ ଖୁବ ଭଲ ଅଭ୍ୟାସ। ଦେଖିବେ 'ଇବାଲୋ' ଆପଣଙ୍କୁ ଭୟଭୀତ କରିପାରିବ ନାହିଁ।

ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ପ୍ରଥମ ଥର ପାଇଁ ଟପିବ ବିଶ୍ୱ ଉତ୍ତପ୍ତୀ କରଣ ସୀମା

ଅଲେଖ ଚନ୍ଦ୍ର ସାମଲ

ପ୍ରଚଣ୍ଡ ଝାଞ୍ଜି, ଗରମ ଏହା ଭିତରେ କେଉଁଠି ପ୍ରବଳ ଥଣ୍ଡା ଭଳି ଅଚାନକ ଚରମ ତାପମାତ୍ରାର ଉତ୍ଥାନ ପତନ ଯୋଗୁଁ ଦୁଇ ଦଶନ୍ଧି ମଧ୍ୟରେ ଭାରତରେ ୩୪ ହଜାରରୁ ଅଧିକ ଲୋକଙ୍କର ଅକାଳରେ ଜୀବନ ନିର୍ବାପିତ ହୋଇଯାଇଛି ବୋଲି 'ଟେମ୍ପେଚର' ପତ୍ରିକାରେ ଉଲ୍ଲେଖ ରହିଛି। ଭାରତୀୟ ପାଣିପାଗ ବିଭାଗ ଓ ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ୨୦୦୧ରୁ ୨୦୧୯ ପର୍ଯ୍ୟନ୍ତ ପ୍ରାପ୍ତ ତଥ୍ୟକୁ ଗବେଷଣାତ୍ମକ ତର୍ଜମା ଓ ଗବେଷକମାନଙ୍କ ନିର୍ଯ୍ୟାସ ପ୍ରକାଶ କରିଛନ୍ତି। ଅନ୍ୟଏକ ଅଧ୍ୟୟନ ତଥ୍ୟ ମଧ୍ୟ ଉଲ୍ଲେଖ କରିଛିଯେ ପୁରୁଷ ଶ୍ରମଜୀବୀ ଓ ମହିଳା ଶ୍ରମଜୀବୀ ଉଭୟ ବର୍ଗ ଗରମ ପ୍ରବାହରୁ ସେମାନଙ୍କ ଜୀବନ ସଙ୍କଟାପନ୍ନ। ତେବେ ଏସବୁ ଭିତରେ ଭାରତର ରାଜଧାନୀର ଅଚାନକ ପାଣିପାଗ ଗଣମାଧ୍ୟମର ବଡ଼ ଖବର ଭାବେ ସ୍ଥାନିତ ହୋଇଛି। ନୂଆଦିଲ୍ଲୀ ସମେତ ଏନସିଆର ଅଞ୍ଚଳରେ ପାରମ୍ପରିକ ଗରମ ଓ ଶୁଷ୍କତା ଲାଗି ରହୁଥିବାବେଳେ ବର୍ଷା ଭିଜା ସମୟ ଗତ ତିନିମାସ ଭିତରେ ଦୁଇତିନିଥର ବ୍ୟତୀତ ଅଧିକ ରହିନାହିଁ। ତେବେ ବେଳେ ବେଳେ ଦିଲ୍ଲୀ ମହାନଗରୀରେ ଅଦିନରେ ମଧ୍ୟ ବର୍ଷା ହୋଇ ପରିବେଶକୁ ଅସଜଡ଼ା କରିଦେଉଛି। ପାଣିପାଗ ବିଶେଷଜ୍ଞ ମାନଙ୍କ ତଥ୍ୟ ଏକାଧିକ ପଶ୍ଚିମା ବିଶୃଙ୍ଖଳା ଏହାର କାରଣ ବୋଲି ମତ ଦେଇଥାନ୍ତି। ତେବେ ଦିଲ୍ଲୀରେ ଯେଉଁ କିଛି ଦିନ ଭିତରେ ଅଚାନକ ବର୍ଷା ହେଉଛି ଏହାର ବଡ଼ କାରଣ ହେଉଛି ସମୁଦ୍ର ବାୟୁରୁ ପ୍ରଚୁର ଆର୍ଦ୍ରତା ଗ୍ରହଣ କରି ଉତ୍ତର ଭାରତରେ ପହଞ୍ଚିବାପରେ ବର୍ଷା ଓ ପବନ ସୃଷ୍ଟି କରିଥାଏ ଯାହାଦ୍ୱାରା ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ବର୍ଷା ଏପରିକି ବଜ୍ରପାତ ମଧ୍ୟ ହେବାର ରେକର୍ଡ଼ ରହିଛି।

ଭୀଷଣ ଗ୍ରୀଷ୍ମ ପ୍ରବାହଓ ଘାତକ ଝଡ଼ର ସମ୍ମୁଖୀନ ହୋଇଥିବା ଚଳିତ ୨୦୨୬ମସିହା ନିଶ୍ଚିତ ଭାବରେ ମଣିଷ ଦ୍ୱାରା ପଞ୍ଜୀକୃତ ସବୁଠୁ ଉଷ୍ମ ବର୍ଷ ହେବ ବୋଲି ୟୁରୋପୀୟ ଜଳବାୟୁ ସେବା ପକ୍ଷରୁ କୁହାଯାଇଛି। ବର୍ଷ ତମାମ ବିଶ୍ୱର ହାରାହାରି ତାପମାତ୍ରା ଶିଳ୍ପ ଯୁଗ ୧୮୫୦-୧୯୦୦ପୂର୍ବ ତାପମାତ୍ରା ଠାରୁ ଦେଢ଼ ଡିଗ୍ରୀ ସେଲସିୟସ ଉପରେ ରହିବା ସୀମାକୁ ଟପିଯିବ, ଫଳରେ ୨୦୨୬ ମସିହା ସେହି ପ୍ରତୀକାତ୍ମକ ସୀମାକୁ ଭାଙ୍ଗିବାର ପ୍ରଥମ କ୍ୟାଲେଣ୍ଡର ବର୍ଷ ହେବ। ଏପରି ଉଚ୍ଚ ତାପମାତ୍ରା ପାଇଁ 'ଏଲ ନିନୋ' ପରି ପ୍ରାକୃତିକ ଜଳବାୟୁ ଢ଼ାଞ୍ଚାର ଅବଦାନ କ୍ୱଚିତ ରହିଥିବା ବେଳେ ମନୁଷ୍ୟକୃତ ଜଳବାୟୁ ପରିବର୍ତ୍ତନର ପ୍ରମୁଖ ଭୂମିକା ରହିଛି। ଅର୍ଥାତ୍ ୧.୫ଡିଗ୍ରୀ ସେଲସିୟସ ତାପମାତ୍ରା ସୀମାକୁ ଆଉ ନ ବଢ଼ାଇବା ଦିଗରେ ରାଷ୍ଟ୍ରମାନେ ବିହିତ ପଦକ୍ଷେପମାନ ନେବାକୁ ଏହା ଆହ୍ୱାନ କରିଛି।

ସୂଚନାଯୋଗ୍ୟ, ଚଳିତ ବର୍ଷର ପ୍ରଥମ ଦଶମାସ ଭିତରେ ହାରାହାରି ବୈଶ୍ୱିକ ତାପମାତ୍ରାଏତେ ଅଧିକ ରହିଆସିଛି ଯେ ଅନ୍ତିମ ଦୁଇ ମାସ ଭିତରେ ତାପମାତ୍ରାରେ ତୀବ୍ର ହ୍ରାସ ହେଲେ ହିଁ ଏକ ନୂତନ ରେକର୍ଡ଼ ସ୍ଥାପନକୁ ଏଡ଼ାଇ ହେବ। ପ୍ରକୃତରେ ୨୦୨୬, ଶେଷ ବେଳକୁ ହାରାହାରି ତାପମାତ୍ରା ଶିଳ୍ପ ଯୁଗ ତାପମାତ୍ରା ଠାରୁ ୧.୫୫ ଡିଗ୍ରୀ ସେଲସିୟସ ଅଧିକ ରହିବ ବୋଲି ଆକଳନ କରାଯାଉଛି। ୨୦୧୫ ପ୍ୟାରିସ ରାଜିନାମା ଅନୁଯାୟୀ ପ୍ରାୟ ୨୦୦ ପାଖାପାଖି ରାଷ୍ଟ୍ର ସେମାନଙ୍କର ଜୀବାଶ୍ମ ତୈଳଦହନ ପରିମାଣକୁ ହ୍ରାସ କରାଇବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ତାହା ପାଳିତ ହେଉନଥିବାରୁ ତାପମାତ୍ରା ବୃଦ୍ଧି ସହ ଜଳବାୟୁ ପରିବର୍ତ୍ତନ ମଧ୍ୟ ଘଟି ଚାଲିଛି। ଚଳିତ ବର୍ଷପରି ଯଦି ତାପମାତ୍ରା ୧.୫ ସେଲସିୟସ ବୃଦ୍ଧି ସୀମାକୁ ଉଲ୍ଲଂଘନ କରିଚାଲେ, ତେବେ ଚଳିତ ଶତାବ୍ଦୀ ଶେଷ ବେଳକୁ ତାହା ୩ ଡିଗ୍ରୀ ସେଲସିୟସ ଠାରୁ ଅଧିକ ହୋଇଯିବ ବୋଲି ମିଳିତ ଜାତିସଂଘ ସତର୍କ କରାଇ ଦେଇଛି। ଅବଶ୍ୟ ଖୁବ ଶୀଘ୍ର 'ଏଲ ନିନୋ'ର ବିପରୀତ ପ୍ରଭାବ 'ଲା ନିନା' ଜନିତ ଶୀତ ପ୍ରବାହ ଯୋଗୁଁ ଆସନ୍ତା ବର୍ଷ ତାପମାତ୍ରାରେ ସାମୟିକ ହ୍ରାସ ଘଟିବ ବୋଲି ପାଣିପାଗ ବିଶେଷଜ୍ଞମାନେ ଭବିଷ୍ୟବାଣୀ କରିଛନ୍ତି। ତେବେ ତାହା ଏହି ହାରାହାରି ସୀମାକୁ ନିୟନ୍ତ୍ରଣ କରିବାରେ ପର୍ଯ୍ୟାପ୍ତ ହେବନାହିଁ ବୋଲି ମଧ୍ୟ ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ତେଣୁ ପାଣିପାଗ ପରିବର୍ତ୍ତନ ଜନିତ ବିପର୍ଯ୍ୟୟ ଯୋଗୁଁ ହେଉଥିବା ଖର୍ଚ୍ଚକୁ ବନ୍ଦ କରିବାର ଏକମାତ୍ର ଉପାୟ ହେଉଛି ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନକୁ ଶୂନ କରି ବିଶ୍ୱ ତାପମାତ୍ରାରେ ସ୍ଥିରତା ଆଣିବା ବୋଲି ବିଶେଷଜ୍ଞମାନଙ୍କର ମତ।

ଏ କ୍ଷେତ୍ରରେ ଆମ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କେବଳ ନିଜ ଘର ନୁହେଁ ପରିବେଶ ଓ ସମାଜର ସବୁ ଅଞ୍ଚଳ ପ୍ରଦୂଷଣମୁକ୍ତ ରହିବ, ବନାଗ୍ନି ସୃଷ୍ଟି ନ ହେବ, ବ୍ୟାପକ ବୃକ୍ଷରୋପଣ ସହିତ ବୃକ୍ଷ ସଂରକ୍ଷଣ ଓ ବିଶେଷକରି ଔଷଧୀୟ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବା। ନିଜ ଆଖପାଖ ଅଞ୍ଚଳ ସହିତ ସମ୍ପ୍ରସାରିତ ଜାଗା ଗୁଡ଼ିକ କିପରି ସବୁଜ ବନାନୀ ଭାବେ ହସି ଉଠିବ, ଆପଣ ଥଣ୍ଡା ଥଣ୍ଡା ଯେଉଁ ଦଲକାଏ ପବନ ପାଇବେ ଅନୁଭବ କରିବେ ବାସ୍ତବରେ ଏହି କଥା କହୁନଥିବା ଗଛଲତା ମାନଙ୍କର ମଧ୍ୟ ଜୀବନ ଅଛି। ସେମାନଙ୍କୁ କଷ୍ଟ ଲାଗୁଛି, ସେମାନଙ୍କ ଆଖିରୁ ଲୁହ ବାହାରୁଛି, ସମସ୍ତେ ଜାଣିଛେ ତଥାପି ଆମେ ଗଛଲତାକୁ ବାସ୍ତବରେ ଭଲପାଉଛେ ? ଜୀବନ ଧାରଣ ଓ ଶିଳ୍ପ ତଥା ବ୍ୟବସାୟ ପରି କିଛି ଜରୁରୀ କାର୍ଯ୍ୟକ୍ରମ ପାଇଁ ଅନୁମତି ଭିତ୍ତିକ ବୃକ୍ଷ ଛେଦନ ହୋଇପାରେ କିନ୍ତୁ ବୃକ୍ଷରୋପଣକୁ ବ୍ୟାପକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବା ବଡ଼ କାର୍ଯ୍ୟ। ପିଲାମାନଙ୍କୁ ବିଦ୍ୟାଳୟସ୍ତରୀୟ କେବଳ ବହି ପଢ଼ା ନରଖି ସେମାନେ ସବୁଜ ପରିବେଶ, କଂକ୍ରିଟ ପରିବେଶ ଭିତରେ ପ୍ରଭେଦ ଦେଖନ୍ତୁ। ଅନୁଭବ କରନ୍ତୁ ବାସ୍ତବ ଜୀବନରେ ଗଛଲତା ସେମାନଙ୍କ ପାଇଁ କେତେ ପରମ ଆନନ୍ଦଦାୟକ। ଦିନକୁ ଦିନ ଯେଉଁପରି ଭାବେ ଗଛ କଟା ଚାଲିଛି, ଜଳୀୟ ସ୍ରୋତ ପ୍ରଦୂଷଣରେ ଭର୍ତ୍ତି ହେଉଛି, ଅସଂଖ୍ୟ ବୋରିଂ ଠାରୁ ଜଳ ପ୍ରବାହର ସ୍ରୋତ ଅନେକ କ୍ଷେତ୍ରରେ ଅବିଚାରିତ ଭାବେ ଚାଲିଛି। ଏସବୁର ତୁରନ୍ତ ପରିଚ୍ଛେଦ ଦରକାର। କେବଳ ପ୍ରଶାସନ ଉପରେ ଦାୟିତ୍ୱ ନିର୍ବାହ ନକରି ନିଜ ଘରୁ, ସାହିରୁ, ଗ୍ରାମରୁ, ଜିଲ୍ଲା, ତମାମ ସମାଜ ସବୁ କ୍ଷେତ୍ରକୁ ସବୁଜମୟ କରିବା ସହ ଆମ ପାଇଁ ପ୍ରକୃତି ଓ ପ୍ରାକୃତିକ ସମ୍ପଦ କେତେ ଯେ ମହତ୍ତ୍ୱ ଗୁରୁତ୍ୱପୂର୍ଣ୍ଣ ଏହା ଅନ୍ୟମାନଙ୍କ ଭିତରେ ଉପଲବ୍ଧି କରାଇବା।

ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩, E-mail : alekha007samal@gmail.com



## ରାଜ୍ୟ ଅନୁସୂଚିତ ଜନଜାତି କାର୍ଯ୍ୟକାରିଣୀ ସଦସ୍ୟ ଆଲୋକ ଦଣ୍ଡପାଟ ଓ ଅନୁସୂଚିତ ଜାତି ଅନୁଗୋଳ ଜିଲ୍ଲା ସମ୍ପାଦକ ଭୋଲେଶ୍ୱର ଗୋଚ୍ଛାୟତ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଛେଣ୍ଡିପଦା, ୮ ।୬:(ମନ୍ଥନ)** ଛେଣ୍ଡିପଦା ବ୍ଲକ ତଥା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜରପଡା ମଣ୍ଡଳ ବିଜେପି ସଭାପତି ଶ୍ରୀ ଜୀବନାନନ୍ଦ ସାହୁ ଙ୍କ ନେତୃତ୍ୱରେ ଆଜି ଜରପଡା ଠାରେ ନୂତନ ଭାବରେ ଦାୟିତ୍ୱ ପାଇଥିବା ବିଜେପି ଅନୁସୂଚିତ ଜନଜାତି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ଆଲୋକ ଦଣ୍ଡପାଟ ଓ ଅନୁଗୋଳ ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚା ସମ୍ପାଦକ ଶ୍ରୀ ଭୋଲେଶ୍ୱର ଗୋଚ୍ଛାୟତ ଙ୍କୁ ଦଳ ପକ୍ଷରୁ ବିଧିବଦ୍ଧ ଭାବେ ନାମକୁ ଘୋଷଣା କରାଯାଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା।



ଏହି ଅବସରରେ ଜରପଡା ମଣ୍ଡଳ ବିଜେପି ପକ୍ଷରୁ ଉଭୟଙ୍କୁ ମାନ୍ୟବର ଛେଣ୍ଡିପଦା ବିଧାୟକ ଶ୍ରୀ ଅଗସ୍ତି ବେହେରା, ସମ୍ବଲପୁର ସାଂସଦ ଙ୍କ ଜିଲ୍ଲା ପ୍ରତିନିଧି ତଥା ଅନୁଗୋଳ ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ସୁଦୀପ ଗଡ଼ନାୟକ, ବିଧାୟକ ପ୍ରତିନିଧି ତଥା ଆଇ ଟି ସେଲ୍ କୋଡ଼ିନେଟର ଶ୍ରୀ ଅକ୍ଷୟପାଦ ବେହେରା, ଅନୁଗୋଳ ଜିଲ୍ଲା କୋଷାଧକ୍ଷ ତଥା ଜରପଡା ମଣ୍ଡଳ ପ୍ରଭାରୀ ଶ୍ରୀ ଗୋପବନ୍ଧୁ ଗଡ଼ନାୟକ, ଅନୁଗୋଳ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ କହ୍ନେଇ ସାହୁ, ଶ୍ରୀ ଶତ୍ରୁଘନ ସାହୁ,ଜରପଡା ମଣ୍ଡଳ ବିଜେପି ସଭାପତି ଶ୍ରୀ ଜୀବନାନନ୍ଦ ସାହୁ, ସାଧାରଣ ସମ୍ପାଦକ ଶ୍ରୀ ସୁଜିତ କୁମାର ସାହୁ, ପ୍ରତାପ ସାହୁ, ପ୍ରମୁଖ କଙ୍କ ସହିତ ଜରପଡା ମଣ୍ଡଳର ସମସ୍ତ ପଦାଧିକାରି ତଥା କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ରହି ଉଭୟ ଙ୍କୁ ଉତ୍ତରୀୟ ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ଜଗତସିଂହପୁର ଦ୍ୱାରା ବିଶ୍ୱ ପରିବେଶ ଦିବସ ପାଳନ

**ଜଗତସିଂହପୁର,୮ ।୬:(ମନ୍ଥନ)** ୦୮.୦୬.୨୦୨୬, ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଶ୍ରୀ ବିଭୂ ପ୍ରସାଦ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ହାଟ ବଜାର ସ୍ଥିତ ଶିଶୁ ଆଶ୍ରମ ଠାରେ ବିଶ୍ୱ ପରିବେଶ ଦିବସ ପାଳନ ହୋଇ ଯାଇଛି । ଏହି ଅବସରରେ ବନ ବିଭାଗର ସହଯୋଗ କ୍ରମେ ଶିଶୁ ଆଶ୍ରମ ପରିସରରେ ବିଭିନ୍ନ ବୃକ୍ଷରୋପଣ କରାଯାଇଥିଲା ଏବଂ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ବିଡିଡି ଚନ୍ଦନା ଅତିଥି ପରିଚୟ ପ୍ରଦାନ କରିବା ସହିତ ନିଜର ଅଭିଭାଷଣ ରେ ପ୍ରକୃତିର ଭାରସାମ୍ୟ ରଖିବାକୁ ହେଲେ ଯଥେଷ୍ଟ ସଂଖ୍ୟକ ବୃକ୍ଷ ରୋପଣ କରିବାକୁ ପଡିବ ବୋଲି କହିଥିଲେ । ଅତିରିକ୍ତ ଜିଲ୍ଲା ଜଜ ଶ୍ରୀ ବିଭୂପ୍ରସାଦ ପଣ୍ଡା ବୃକ୍ଷଠାରୁ ମିଳୁଥିବା ବିଭିନ୍ନ ଉପକାରକୁ ଉଦାହରଣ ମାଧ୍ୟମରେ ବିସ୍ତୃତ ଭାବରେ ଅଲୋଚନା କରିଥିଲେ । ଜଗତସିଂହପୁର ଜିଲ୍ଲା ଓକିଲ ସଂଘ ସଭାପତି ରବିନାରାୟଣ ସ୍ୱାଇଁ ନିଜର ଅଭିଭାଷଣ ରେ କହିଥିଲେ ଯେ ଯେଉଁ ପରିମାଣରେ ବୃକ୍ଷ କଟାଯାଉଛି ପରିବେଶ ଅସନ୍ତୁଳନ ହେବାର ଆଶଙ୍କା ରହିଛି ତେଣୁ ବୃକ୍ଷ ରୋପଣ କରାଯିବ ଉଚିତ । ପରିବାର ଅଦାଲତ ବିଚାରପତି ଶ୍ରୀମତୀ ରଶ୍ମିତା ଦଳାଇ, ସି.ଜି.ମ. ଶ୍ରୀ ନରୋତ୍ତମ ସେଠି, ସବଜଜ ଶ୍ରୀ ରାକେଶ ମୁଦୁଲି, ଜେ.ମ.ଫ.ସି. ଶ୍ରୀ ଅଙ୍କିତ ଦେଓ୍ୱଗନ, ଜଗତସିଂହପୁର ଓକିଲ ସଂଘ ସମ୍ପାଦକ ସରୋଜ ବିଶ୍ୱାଳ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁ ଚରଣ ରାଉତ ଓ ଅନୁଷ୍ଠାନର ସମସ୍ତ କର୍ମଚାରୀ ଏବଂ ପିଲାମାନେ ଉପସ୍ଥିତ ଥିଲେ । ପରିଶେଷରେ ଶିଶୁ ଆଶ୍ରମର ଅଧିକ୍ଷକ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମକୁ ଉଦଯାପନ କରାଯାଇଥିଲା ।




## ଜିଲ୍ଲାରେ ଅର୍ଦ୍ଧେକରୁ ଅଧିକ ମତଦାତାଙ୍କୁ ଏସଆଇଆର୍ ଫର୍ମ ବଣ୍ଟନ ଶେଷ

**ଜଗତସିଂହପୁର,୮ ।୬:(ମନ୍ଥନ)** ଜଗତସିଂହପୁର ଜିଲ୍ଲାରେ ଚଳିତ ବର୍ଷ ମଇ ୩୦ ତାରିଖରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାୟ ଜିଲ୍ଲାରେ ନିୟୋଜିତ ଥିବା ବ୍ଲକ ସ୍ତରୀୟ ଅଧିକାରୀ (ବିଏଲଓ) ମାନେ ଏବଂ ରାଜନୈତିକ ଦଳ ପକ୍ଷରୁ ନିୟୋଜିତ ବୁଥ ସ୍ତରୀୟ ଏଜେଣ୍ଟ, ସ୍ୱେଚ୍ଛାସେବୀମାନେ ଘରକୁ ଘର ପରିଦର୍ଶନ କରି ମତଦାତାଙ୍କୁ ପରିଗଣନା ଫର୍ମ ବଣ୍ଟନ କରୁଛନ୍ତି। ଜନସାଧାରଣଙ୍କୁ ଫର୍ମ ପୂରଣରେ ବିଏଲଓ ମାନେ ସହଯୋଗ କରୁଛନ୍ତି। ଜିଲ୍ଲାରେ ମୋଟ ୯,୬୪,୩୦୧ ଜଣ ଭୋଟର ଅଛନ୍ତି। ଏହି ପରିପ୍ରେକ୍ଷୀରେ ୮ ଜୁନ୍ ୨୦୨୬ ସୁଦ୍ଧା ଜିଲ୍ଲାରେ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ମୋଟ ୬,୪୯,୬୫୮ ପରିଗଣନା ଫର୍ମ ବଣ୍ଟନ କରାଯାଇଛି। ଏବେ ସୁଦ୍ଧା ୬୭.୩୭ ପ୍ରତିଶତ ମତଦାତାଙ୍କ ଫର୍ମ ବଣ୍ଟନ ହୋଇ ଏସଆଇଆର୍ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି । ୧୦୧ ପାରାଦ୍ୱୀପ ରେ ୧୫୧୪୫୮(୬୯.୦୯%) , ୧୦୨ ତିର୍ତ୍ତୋଲ ରେ ୧୭୫୯୪୫(୬୯.୪୩%) , ୧୦୩ ବାଲିକୁଦା ଏରସମା ରେ ୧୬୧୨୭୪(୫୯.୪୫%) , ୧୦୪ ଜଗତସିଂହପୁର ରେ ୧୬୦୯୮୧(୭୩.୦୫%), ଟି ଫର୍ମ ବିଏଲଓମାନଙ୍କ ଦ୍ୱାରା ବଣ୍ଟନ କରାଯାଇଛି ବୋଲି ନିର୍ବାଚନ ବିଭାଗ ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି । ଯେଉଁ ଯୋଗ୍ୟ ନାଗରିକମାନେ ଏପର୍ଯ୍ୟନ୍ତ ନିଜର ପରିଗଣନା ଫର୍ମ ବୁଥ୍ ସ୍ତରୀୟ ଅଧିକାରୀଙ୍କ ପାଖରେ ଦାଖଲ କରିନାହାନ୍ତି, ସେମାନେ ତୁରନ୍ତ ଏହାକୁ ଜମା କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ଜିଲ୍ଲା ନିର୍ବବାଚନ ଅଧିକାରୀ ତଥା ଜିଲ୍ଲାପାଳ ଜେ ସୋନାଲ ଏବଂ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ଜୁନ୍ ୨୮ ଯାଏଁ ଏହି ଫର୍ମ ପୂରଣ ପ୍ରକ୍ରିୟା ଚାଲିବ।ଏହା ପରେ ୫ ଜୁଲାଇ ୨୦୨୬ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ହେବ । ଭୋଟର ତାଲିକାକୁ ନିର୍ଭୁଲ ଏବଂ ପାରଦର୍ଶୀ କରିବା ଉଦ୍ଦେଶ୍ୟରେ ଏହି ଏସଆଇଆର୍ ପ୍ରକ୍ରିୟା ଆରମ୍ଭ ହୋଇଛିୟ ଏହାବ୍ୟତୀତ ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ସରକାରୀ ୱେବସାଇଟ୍ ରୁ ଏହି ଫର୍ମ ଡାଉନଲୋଡ୍ କରି, ତଥ୍ୟ ପୂରଣ କରି ନିଜେ ମଧ୍ୟ ଅପଲୋଡ୍ କରିପାରିବେ।

## ୨୪ଜଣ ଭାରତୀୟ ନାବିକ ଥିବା ଜାହାଜରେ ଲାଗିଲା ନିଆଁ

**ନୂଆଦିଲ୍ଲୀ,୮ ।୬(ଏଜେନ୍ସି):** ଓମାନ ଉପକୂଳରେ ୨୪ ଭାରତୀୟ ନାବିକ ଥିବା ଏକ ବାଣିଜ୍ୟ ଜାହାଜ ଡ୍ରୋନ୍ କିମ୍ବା କ୍ଷେପଣାସ୍ତ୍ର ମାଡ଼ ଯୋଗୁ ନିଆଁ ଲାଗି ଯାଇଥିଲା । କିନ୍ତୁ ସମସ୍ତ ଭାରତୀୟ ନାବିକ ସୁରକ୍ଷିତ ଅଛନ୍ତି। ନାବିକଙ୍କ ସୁରକ୍ଷା ପାଇଁ ଭାରତୀୟ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେଇଥିଲେ । ଜାହାଜଟି କୌଣସି ମାଲ ପରିବହନ କରୁନଥିଲା ବୋଲି କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟର ନିର୍ଦ୍ଦେଶକ ଓପେଶ କୁମାର ଶର୍ମା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଶର୍ମା କହିଛନ୍ତି, ସମସ୍ତ ଭାରତୀୟ ନାବିକ ସୁରକ୍ଷିତ ଅଛନ୍ତି । ନାବିକଙ୍କ ସୁରକ୍ଷା ପାଇଁ ବୈଦେଶିକ ମନ୍ତ୍ରଣାଳୟ ବିଦେଶରେ ଥିବା ଆମର ଭାରତୀୟ ମିସନ, ଭାରତୀୟ ନୌସେନା ଓ ପ୍ରତିରକ୍ଷା ମନ୍ତ୍ରଣାଳୟ ସହିତ ସମନ୍ୱୟ ରକ୍ଷା କରୁଛି ବୋଲି ଶର୍ମା କହିଛନ୍ତି। ତେବେ ଅଗ୍ନିକାଣ୍ଡର କାରଣ ସମ୍ପର୍କରେ କର୍ତ୍ତୃପକ୍ଷ କେଣସି ସୂଚନା ଦେଇନାହାନ୍ତି। ଏ ସମ୍ପର୍କରେ ତଦନ୍ତ ଚାଲିଛି ବୋଲି କୁହାଯାଇଛି ।

## ଫିଲିପାଇନ୍ସରେ ଶକ୍ତିଶାଳୀ ଭୂମିକମ୍ପ: ୩୨ ମୃତ

**ମାନିଲା,୮ ।୬(ଏଜେନ୍ସି):** ଦକ୍ଷିଣ ଫିଲିପାଇନ୍ସର ମିଣ୍ଡାନାଓ ଦ୍ୱୀପ ଉପକୂଳରେ ସ୍ଥାନୀୟ ସମୟ ସୋମବାର ସକାଳ ୭ଟା ୩୭ ମିନିଟ୍ରେ ଏକ ଶକ୍ତିଶାଳୀ ଭୂମିକମ୍ପଅନୁଭୂତ ହୋଇଛି । ଏଥିରେ ୩୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୭.୮ ରହିଥିଲା । ଭୂମିକମ୍ପ ପରେ ଫିଲିପାଇନ୍ସ, ଇଣ୍ଡୋନେସିଆ, ଜାପାନ ଓ ଅଷ୍ଟ୍ରେଲିଆରେ ସୁନାମି ଆଲର୍ଟ ଜାରି କରାଯାଇଥିଲା । କିଛି ଘଣ୍ଟା ପରେ ଏହି ଚେତାବନୀ ହଟେଇ ଦିଆଯାଇଥିଲା। ଭୂମିକମ୍ପ ଯୋଗୁଁ ଫିଲିପାଇନ୍ସରେ ବହୁ କୋଠା ଭୁଶୁଡ଼ି ପଡ଼ିଥିଲା । ମିଣ୍ଡାନାଓ ଫିଲିପାଇନ୍ସର ଦ୍ୱିତୀୟ ବୃହତ୍ତମ ଦ୍ୱୀପ, ଏଠାରେ ୨୬ ନିୟୁତ ଲୋକ ବସବାସ କରନ୍ତି । ତେବେ ମୃତକଙ୍କ ଠିକ୍ ସଂଖ୍ୟା ଫିଲିପାଇନ୍ସର ଜାତୀୟ ବିପର୍ଯ୍ୟୟ ଏଜେନ୍ସି ଆଗାମୀ ଦିନରେ ପ୍ରକାଶ କରିବେ ବୋଲି କୁହାଯାଇଛି । ଉପକୂଳବର୍ତ୍ତୀ ପ୍ରଦେଶ ସାରଙ୍ଗାନିରେ ୧୭ ଜଣଙ୍କର ମୃତ୍ୟୁ ହୋଇଥିବା ସ୍ଥାନୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଭୂମିକମ୍ପ ପରେ ଆସିଥିବା ଝଟ୍କା ଯୋଗୁ ଭୂସ୍ଖଳନ ଘଟି ଲୋକଙ୍କ ଜବୀନ ଯାଇଥିଲା । ଭୂମିକମ୍ପ ଯୋଗୁ ଜେନେରାଲ ସାଣ୍ଟୋସ୍ ସହର ଅଧିକ କ୍ଷତିଗ୍ରସ୍ତ ହୋଇଛି । ଏହି ବନ୍ଦର ସହରରେ ୭ ଲକ୍ଷରୁ ଅଧିକ ଲୋକ ବସବାସ କରୁଥିବାବେଳେ ଏଠାରେ ୧୦ ଜଣ ଲୋକଙ୍କ ମୃତ୍ୟୁ ହୋଇଛି । ୨୨ ଜଣ ଲୋକ ନିଖୋଜ ଅଛନ୍ତିୟ ଭୂମିକମ୍ପ ପରବର୍ତ୍ତୀ ସମୟରେ ୧୩୦ରୁ ଅଧିକ ଝଟ୍କା ରେକର୍ଡ କରାଯାଇଥିଲା, ଯାହାର ତୀବ୍ରତା ୧.୩ ରୁ ୬.୭ ପର୍ଯ୍ୟନ୍ତ ଥିଲା। ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କୋସ୍ ଜୁନିଅର ଭୂମିକମ୍ପ ପ୍ରଭାବିତ ଅଞ୍ଚଳରେ ସ୍କୁଲ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।



## ପଶ୍ଚିମ ଏସିଆରେ ପୁଣି ବିଗୁଡ଼ିଛି ସ୍ଥିତି
## ଇଇରାନ ଛାଡ଼ିବାକୁ ନାଗରିକଙ୍କୁ କହିଲା ଭାରତ

**ନୂଆଦିଲ୍ଲୀ,୮ ।୬(ଏଜେନ୍ସି):** ପଶ୍ଚିମ ଏସିଆରେ ପୁଣି ଥରେ ଭୟଙ୍କର ଯୁଦ୍ଧ ସ୍ଥିତି ଦେଖାଯାଇଛି । ସୋମବାର ଇରାନ ଓ ଇସ୍ରାଏଲ ପରସ୍ପର ଉପରେ ପୁଣି ଥରେ ଆକ୍ରମଣ କରିଛନ୍ତି । ମଧ୍ୟପ୍ରାଚ୍ୟରେ ସ୍ଥିତି ବିଗୁଡ଼ି ଥିବାରୁ ସୋମବାର ତେହେରାନରେ ଥିବା ଭାରତୀୟ ଦୂତାବାସ ଏକ ଜରୁରୀ ପରାମର୍ଶ ଜାରି କରି ଭାରତୀୟ ନାଗରିକମାନଙ୍କୁ ଇରାନ ଯାତ୍ରା ଏଡାଇବାକୁ ଓ ଦେଶରେ ପୂର୍ବରୁ ଥିବା ଲୋକମାନଙ୍କୁ ଉପଲବ୍ଧ ପରିବହନ ବିକଳ୍ପ ମାଧ୍ୟମରେ ଶୀଘ୍ର ସେଠାରୁ ଚାଲିଆସିବାକୁ କହିଛି। ପଶ୍ଚିମ ଏସିଆରେ ଦ୍ରୁତ ଗତିରେ ବିଗୁଡୁଥିବା ସୁରକ୍ଷା ପରିସ୍ଥିତି ଓ ଗତ ୨୪ ଘଣ୍ଟା ମଧ୍ୟରେ ଦେଖାଦେଇଥିବା ସ୍ଥିତି ପରେ ଭାରତ ପକ୍ଷରୁ ନାଗରିକଙ୍କୁ ଏହି ପରାମର୍ଶ ଜାରି କରାଯାଇଛି । ଯୁଦ୍ଧବିରତି ସତ୍ତ୍ୱେ ଗତ କିଛି ଦିନ ହେଲା କ୍ଷେପଣାସ୍ତ୍ର ବିନିମୟ, ରଣନୈତିକ ଲକ୍ଷ୍ୟସ୍ଥଳ ଉପରେ ବିମାନ ଆକ୍ରମଣ ଓ ଇସ୍ରାଏଲ ଓ ଇରାନ ପରସ୍ପର ଉପରେ ଆକ୍ରମଣ ଯୋଗୁ ଇରାନ ସ୍ଥିତ ଭାରତୀୟ ଦୂତାବାସ ସମସ୍ତ ଭାରତୀୟଙ୍କୁ ଇରାନ ଯାତ୍ରା ନକରିବାକୁ ପରାମର୍ଶ ଦେଇଛି । ଯେଉଁ ଭାରତୀୟ ନାଗରିକ ଇରାନରେ ଅଛନ୍ତି ସେମାନଙ୍କୁ କେଣସି ପ୍ରକାର ତୁରନ୍ତ ସେଠାରୁ ଚାଲି ଆସିବାକୁ କୁହାଯାଇଛି । ଫେବ୍ରୁଆରି ୨୮ରେ ଇରାନ-ଆମେରିକା ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଭାରତ ପକ୍ଷରୁ ଏହାର ନାଗରିକଙ୍କ ପାଇଁ ଅନେକ ଥର ପରାମର୍ଶ ଜାରି କରାଯାଇଛି । ଆମେରିକା ଓ ଇରାନ ମଧ୍ୟରେ ଶାନ୍ତି ଆଲୋଚନା ଚାଲିଥିବା ସମୟରେ ରବିବାର ରାତିରେ ଇରାନ ଇସ୍ରାଏଲ ଉପରେ ଆକ୍ରମଣ କରିଛି। ଲେବାନନ୍ ଉପରେ ଇସ୍ରାଏଲର ଆକ୍ରମଣ ଜବାବରେ ଏହି ଆକ୍ରମଣ କରାଯାଇଥିବା ବୋଲି ଇରାନ କହିଛି ।

# ୭୬ ଦିନର ତେଲ ଅଛି

**ନୂଆଦିଲ୍ଲୀ,୮ ।୬(ଏଜେନ୍ସି):** ଯୁଦ୍ଧବିରତି ଘୋଷଣାର ଏକ ମାସ ପରେ ପୁଣି ଥରେ ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଉତ୍ତେଜନା ଦେଖାଦେଇଥିବାରୁ ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ପୁଣି ପ୍ରଭାବିତ ହେବା ଆଶଙ୍କା କରାଯାଉଛି। ଆଗକୁ ତେଲ ଓ ଗ୍ୟାସ୍ ଯୋଗାଣ ପ୍ରଭାବିତ ହେବାକୁ ଯାଉଛି । ତେବେ ସାମୟିକ ସମୟ ପାଇଁ ପରିବହନରେ ବିଭ୍ରାଟ ଦେଖାଦେଲେ ଭାରତ ବିଶେଷ ପ୍ରଭାବିତ ହେବ ନାହିଁ ବୋଲି ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ କହିଛନ୍ତି । ସେ କହିଛନ୍ତି ଯେ ଦେଶରେ ଯେତିକି ପରିମାଣର ତେଲ ରହିଛି ତାହା ୭୬-୮୦ ଦିନର ଆବଶ୍ୟକତା ପୂରଣ କରିପାରିବ । ସେହି ତେଲ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭ, ବିଶୋଧନାଗାରଗୁଡ଼ିକର ଭଣ୍ଡାର ଓ ବାଣିଜ୍ୟିକ୍ ଷ୍ଟକ୍ ଭାବେ ରହିଛି । ତେଣୁ ସାମୟିକ ବିଭ୍ରାଟରୁ ଭାରତ ପ୍ରତି ବିଶେଷ ବିପଦ ନଥିବା ସେ କହିଛନ୍ତି । ଶ୍ରୀ ସିଂହ କହିଛନ୍ତି ଯେ ଭାରତ ଏବେ ବିକଳ୍ପ ଉତ୍ସରୁ ତେଲ ସଂଗ୍ରହ କରିବା ଉପରେ ଧ୍ୟାନ ଦେଉଛି । ମୋଜାମ୍ବିକୁ ଗ୍ୟାସ୍ ଅଣାଯାଉଛି। ତେଲ ଦର ଅଧିକ ଦିନ ପାଇଁ ଉଚ୍ଚ ସ୍ତରରେ ରହିବା ଆଶଙ୍କା କମ୍ ବୋଲି ସେ କହିଛନ୍ତି । ପ୍ରାକୃତିକ ଗ୍ୟାସ୍କୁ ନେଇ କେଣସି ଚିନ୍ତା ନଥିବା ସେ ଜଣାଇଛନ୍ତି। ମଧ୍ୟପ୍ରାଚ୍ୟ ବାହାରୁ ତେଲ ଓ ଗ୍ୟାସ୍ ମଗାଯାଉଥିବାରୁ ସାମୟିକ ସମୟ ପାଇଁ ହର୍ମୁଜ ପ୍ରଣାଳୀ ବନ୍ଦ ହେଲେ ଭାରତ ପ୍ରଭାବିତ ହେବ ନାହିଁ । ୩୦ ଦିନ ପାଇଁ ଏହି ପ୍ରଣାଳୀ ବନ୍ଦ ରହିଲେ ଭାରତ ସ୍ଥିତିକୁ ସମ୍ଭାଳିପାରିବ । ସେଭଳି କ୍ଷମତା ଏବେ ରହିଛି । ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ଠାରୁ ଭାରତ ଅତିରିକ୍ତ ଏଲ୍ପିଜି ଯୋଗାଣ ହାସଲ କରିପାରିଛି। ସାଧାରଣତଃ ଦୁଇ ମାସର ତେଲ ଓ ଗ୍ୟାସ୍ ଆବଶ୍ୟକତା ପୂରଣ କରିବା ଭଳି ଭଣ୍ଡାର ରଖିବା ଦରକାର । ଭାରତରେ ତାଠାରୁ ଅଧିକ ପରିମାଣର ଷ୍ଟକ୍ ରହିଛି । ସେଥିପାଇଁ ସାମୟିକ ବିଭ୍ରାଟକୁ ନେଇ ଭାରତ ବିଶେଷ ଚିନ୍ତା କରୁନାହିଁ । ତେବେ ସଙ୍କଟ ଦୀର୍ଘଦିନ ଲାଗି ରହିଲେ ତାହାର ମୁକାବିଲା କରିବା ଏକ ଆହ୍ୱାନ ହୋଇରହିବ ବୋଲି ସେ କହିଛନ୍ତି। ଭାରତରେ ୨୪ଟି ତେଲ ବିଶୋଧନାଗାର କାରଖାନା ରହିଛି । ସେଗୁଡ଼ିକର କ୍ଷମତା ନିୟମିତ ଭାବେ ବୃଦ୍ଧି କରାଯାଉଛି। ତେଲ ଦର କମ୍ ଥିବା ବେଳେ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭକୁ ପୂରଣ କରିବା ପ୍ରତି ଭାରତ ଧ୍ୟାନ ଦେଇନଥିବା ଅଭିଯୋଗକୁ ଶ୍ରୀ ପୁରୀ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ତେଲ ଗଚ୍ଛିତ ରଖିବାର ଏକ ପ୍ରକ୍ରିୟା ରହିଛି । ଯେତିକି ତେଲ ବାହାର କରାଯାଏ ତାହା ପୁଣି ଭର୍ତ୍ତି କରାଯାଏ ଏବଂ ତେଲର ବାଣିଜ୍ୟିକ ବ୍ୟବହାର ଉପରେ ଧ୍ୟାନ ଦିଆଯାଏ। ଅନିର୍ଦ୍ଦିଷ୍ଟ ସମୟ ପାଇଁ ତେଲ ରଖାଯାଏନାହିଁ। ବଜାର ସ୍ଥିତି ଓ ତେଲ ବ୍ୟବହାର ଅନୁସାରେ ଭଣ୍ଡାରରେ ତେଲ ଗଚ୍ଛିତ ରଖାଯାଏ । ଭାରତ ଆମଦାନି ବ୍ୟତୀତ ଦେଶ ଭିତରେ ଏଲ୍ପିଜି ଉତ୍ପାଦନ ବାଢ଼ାଇବା ଉପରେ ଜୋର ଦେଉଛି । ନୂଆ ତୈଳ ଓ ଗ୍ୟାସ୍ ଉତ୍ସ ସନ୍ଧାନ କରୁଛି। ପୂର୍ବରୁ ସନ୍ଧାନ କରାଯାଇଥିବା ଉତ୍ସଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ଉପରେ କାମ ଚାଲିଛି । ଏଲ୍ପିଜି ସଂରକ୍ଷଣ କ୍ଷମତା ବାଢ଼ାଇବା ଉପରେ ମଧ୍ୟ ଧ୍ୟାନ ଦିଆଯାଉଛି ବୋଲି ସେ କହିଛନ୍ତି ।



## ସେନ୍ସେକ୍ସରେ ୭୧୯ ପଏଣ୍ଟ ହ୍ରାସ

**ନୂଆଦିଲ୍ଲୀ,୮ ।୬(ଏଜେନ୍ସି):** ଇରାନ ଯୁଦ୍ଧକୁ ନେଇ ପୁଣି ଅନିଶ୍ଚିତତା ଦେଖାଦେବା ପରେ ଦେଶର ଦୁଇ ଷ୍ଟକ୍ ବଜାରରେ ଆଜି କାରବାର ପ୍ରଭାବିତ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍ସେକ୍ସ ୭୧୯ ପଏଣ୍ଟ ହ୍ରାସ ପାଇ ୭୩,୫୨୪ ପଏଣ୍ଟରେ ବନ୍ଦ ହୋଇଛି । ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ମଧ୍ୟ ୨୪୪ ପଏଣ୍ଟ ହ୍ରାସ ପାଇ ୨୩,୧୨୩ ପଏଣ୍ଟରେ ବନ୍ଦ ହୋଇଛି । ଆଜି ନିବେଶକମାନେ ସୂଚନା ପ୍ରଯୁକ୍ତି, ରିଅଲ ଇଷ୍ଟେଟ୍ ଓ ଧାତବ କ୍ଷେତ୍ର କମ୍ପାନିଗୁଡ଼ିକର ସେୟାର ଅଧିକ ବିକ୍ରି କରିଥିଲେ। ମ୍ୟାକ୍ସ ହେଲ୍ଥକେୟାର, ପାୱାରଗ୍ରିଡ୍ ଓ ଏୟାରଟେଲ୍ ସେୟାର ମୂଲ୍ୟରେ ଆଜି ଅଧିକ ବୃଦ୍ଧି ହୋଇଥିଲା । ୱିପ୍ରୋ, ଜିଓ ଫିନ୍ ଓ ଜୋମାଟୋ ସେୟାର ମୂଲ୍ୟ ହ୍ରାସ ପାଇଥିଲା । ଗତ ଏପ୍ରିଲରେ ଯୁଦ୍ଧବିରତି ଘୋଷଣା ହେବା ପରଠାରୁ ପ୍ରଥମ ଥର ପାଇଁ ଇରାନ ଓ ଇସ୍ରାଏଲ୍ ମଧ୍ୟରେ ଆକ୍ରମଣ ହୋଇଛି । ଇସ୍ରାଏଲ୍ ପକ୍ଷରୁ ପଶ୍ଚିମ ଓ ମଧ୍ୟ ଇରାନ ଉପରେ ଆକ୍ରମଣ କରାଯାଇଥିଲା। ସେହି ଖବର ପ୍ରକାଶ ପାଇବା ପରେ ଅଶୋଧିତ ତୈଳ ଦରରେ ବୃଦ୍ଧି ହୋଇଥିଲା । ଏଥି ସହିତ ଷ୍ଟକ୍ ବଜାର ଅସ୍ଥିର ହୋଇପଡ଼ିଥିଲା।

## ଭାରତ-ପାକିସ୍ତାନ ଦ୍ରୁତ ଗତିରେ ବିକଶିତ କରୁଛନ୍ତି ପରମାଣୁ କ୍ଷେପଣାସ୍ତ୍ର

**ନୂଆଦିଲ୍ଲୀ,୮ ।୬(ଏଜେନ୍ସି):** ବିଶ୍ୱ ଏକ ନୂତନ ପରମାଣୁ ବିପଦ ଆଡ଼କୁ ମୁହାଁଇଛି । ବିଶ୍ୱବ୍ୟାପୀ ପରମାଣୁ ଅସ୍ତ୍ର ବିଷୟରେ ଚିନ୍ତା ତୀବ୍ର ଭାବରେ ବୃଦ୍ଧି ପାଇଛି । ଷ୍ଟକହୋମ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ (ଏସ୍ଆଇପିଆରଆଇ)ର ଏକ ନୂତନ ରିପୋର୍ଟରେ କୁହାଯାଇଛି ଯେ ଅନେକ ପରମାଣୁ ରାଷ୍ଟ୍ର ସେମାନଙ୍କର ଅସ୍ତ୍ରଗୁଡ଼ିକୁ ସଂରକ୍ଷଣରୁ ବାହାର କରି କ୍ଷେପଣାସ୍ତ୍ର ଏବଂ ଅନ୍ୟାନ୍ୟ ପ୍ରକ୍ଷେପଣ ପ୍ରଣାଳୀରେ ପୁନଃନିୟୋଜନ କରୁଛନ୍ତି, ଯାହା ବିଶ୍ୱ ଉତ୍ତେଜନାକୁ ଆହୁରି ବୃଦ୍ଧି କରୁଛି। ଯଦିଓ ମୋଟ ଅସ୍ତ୍ର ସଂଖ୍ୟା ସାମାନ୍ୟ ହ୍ରାସ ପାଇଛି, ତେବେ ବିଶେଷଜ୍ଞମାନେ କହିଛନ୍ତି ଯେ, ନୂତନ ଏବଂ ଉନ୍ନତ ଅସ୍ତ୍ର ଦ୍ରୁତ ଗତିରେ ବିକଶିତ ହେଉଥିବାରୁ ଏବଂ ପୁରୁଣା ଆନ୍ତର୍ଜାତୀୟ ଚୁକ୍ତିନାମା ଦୁର୍ବଳ ହେଉଥିବାରୁ ବିପଦ ବୃଦ୍ଧି ପାଉଛି । ଏହି ପରିସ୍ଥିତି ବିଶ୍ୱକୁ ଏକ ନୂତନ ପରମାଣୁ ବିପଦ ଆଡ଼କୁ ନେଇଯାଉଛି। ଷ୍ଟକହୋମ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଅନୁଯାୟୀ, ବିଶ୍ୱରେ ପ୍ରାୟ ୧୨,୧୮୭ ପରମାଣୁ ଯୁଦ୍ଧାସ୍ତ୍ର ରହିଛି । ସେଥିମଧ୍ୟରୁ ପ୍ରାୟ ୯,୭୪୫ ପରମାଣୁ ଯୁଦ୍ଧାସ୍ତ୍ର ଗଚ୍ଛିତ ଅଛି ଏବଂ ଆବଶ୍ୟକ ହେଲେ ତୁରନ୍ତ ବ୍ୟବହାର କରାଯାଇପାରିବ । ଶୀତଳ ଯୁଦ୍ଧ ପରଠାରୁ ପୁରୁଣା ଅସ୍ତ୍ରଶସ୍ତ୍ରଗୁଡ଼ିକୁ ଦ୍ରୁତ ଗତିରେ ବନ୍ଦ କରାଯାଉଥିବାରୁ ମୋଟ ସଂଖ୍ୟା ଗତ ବର୍ଷ ତୁଳନାରେ ସାମାନ୍ୟ ହ୍ରାସ ପାଇଛି । ତଥାପି, ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ ପରମାଣୁ ବିପଦ କମିବା ପରିବର୍ତ୍ତେ ବଢୁଛି । ପ୍ରକୃତରେ, ଅନେକ ଦେଶ ସେମାନଙ୍କର ପରମାଣୁ ଅସ୍ତ୍ରଶସ୍ତ୍ରକୁ ଗୋଦାମରୁ ବାହାର କରି କ୍ଷେପଣାସ୍ତ୍ର, ବିମାନ ଏବଂ ଅନ୍ୟାନ୍ୟ ବିତରଣ ପ୍ରଣାଳୀରେ ନିୟୋଜିତ କରୁଛନ୍ତି । ଏହାର ଅର୍ଥ ହେଉଛି ଯେ, ଅସ୍ତ୍ରଶସ୍ତ୍ରଗୁଡ଼ିକ ଏବେ ପୂର୍ବ ଅପେକ୍ଷା ଅଧିକ ସକ୍ରିୟ ଏବଂ ବ୍ୟବହାର ପାଇଁ ପ୍ରସ୍ତୁତ ଅବସ୍ଥାରେ ଅଛି । ଏସ୍ଆଇପିଆରଆଇର ନିର୍ଦ୍ଦେଶକ କରିମ୍ ହାଗାଗ୍ କହିଛନ୍ତି, ଯଦିଓ ଅସ୍ତ୍ରଶସ୍ତ୍ର ସଂଖ୍ୟା ହ୍ରାସ ପାଉଛି, ପରମାଣୁ ବୃଦ୍ଧି ପାଉଛି । ସେ ଏହା ମଧ୍ୟ ଦର୍ଶାଇଛନ୍ତି ଯେ, ପ୍ରମୁଖ ରାଷ୍ଟ୍ରମାନଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ପ୍ରତିଯୋଗିତା ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ ଚୁକ୍ତିନାମାକୁ ଦୁର୍ବଳ କରୁଛି । ଆମେରିକା ଏବଂ ରୁଷ ମିଳିତ ଭାବରେ ବିଶ୍ୱର ପ୍ରାୟ ୮୩% ପରମାଣୁ ଅସ୍ତ୍ରଶସ୍ତ୍ର ରଖିଛନ୍ତି ଏବଂ ସେମାନଙ୍କର ବ୍ୟବସ୍ଥାକୁ ଆଧୁନିକୀକରଣ କରୁଛନ୍ତି । ଚୀନ୍ ଦ୍ରୁତ ଗତିରେ ଏହାର ଅସ୍ତ୍ରଶସ୍ତ୍ର ବୃଦ୍ଧି କରୁଛି, ଯେତେବେଳେ ଭାରତ, ପାକିସ୍ତାନ, ଉତ୍ତର କୋରିଆ ଏବଂ ଇସ୍ରାଏଲ ମଧ୍ୟ ସେମାନଙ୍କର ପରମାଣୁ କାର୍ଯ୍ୟକ୍ରମକୁ ବିସ୍ତାର କରିବା ସହ ସୁଦୃଢ଼ କରୁଛନ୍ତି, ଯାହା ବିଶ୍ୱ ଉତ୍ତେଜନାକୁ ଆହୁରି ବୃଦ୍ଧି କରୁଛି ।

## ବଦଳିବ ରେଲୱେର ୪୦ ବର୍ଷ ପୁରୁଣା ନିୟମ
# ଅଗଷ୍ଟରୁ ଲାଗୁ ହେବ ନୂଆ ବ୍ୟବସ୍ଥା

**ନୂଆଦିଲ୍ଲୀ,୮ ।୬(ଏଜେନ୍ସି):** ଭାରତୀୟ ରେଳବାଇ, ଯାହାକୁ ଦେଶର ଜୀବନରେଖା କୁହାଯାଏ, ଏବେ ଏକ ବଡ଼ ଧରଣର ରୂପାନ୍ତରଣ ପଥରେ । ଆସନ୍ତା ଅଗଷ୍ଟ ମାସରୁ ରେଳ ଯାତ୍ରାରେ ଏକ ଐତିହାସିକ ପରିବର୍ତ୍ତନ ଆସିବାକୁ ଯାଉଛି । ଦୀର୍ଘ ଚାରି ଦଶନ୍ଧି ଧରି ଚାଲିଆସୁଥିବା ପୁରୁଣା ପ୍ୟାସେଞ୍ଜର ରିଜର୍ଭେସନ ସିଷ୍ଟମ କୁ ବିଦାୟ ଦେଇ ରେଳବାଇ ଏକ ଅତ୍ୟାଧୁନିକ ଏବଂ ଦକ୍ଷ ଡିଜିଟାଲ୍ ବ୍ୟବସ୍ଥା ଆପଣାଇବାକୁ ଯାଉଛି । ୧୯୮୬ ମସିହାର କଥା ମନେ ପକାନ୍ତୁ, ଯେତେବେଳେ ପ୍ରଥମ କରି କମ୍ପ୍ୟୁଟର ମାଧ୍ୟମରେ ଟିକେଟ୍ ବୁକିଂ ଆରମ୍ଭ ହୋଇଥିଲା। ସେତେବେଳେ ରେଳବାଇରେ ଯାତ୍ରୀ ସଂଖ୍ୟା ସୀମିତ ଥିଲା ଏବଂ ଡିଜିଟାଲ୍ ଦୁନିଆ ଏତେଟା ବ୍ୟାପକ ହୋଇନଥିଲା । କିନ୍ତୁ ଆଜି ସମୟ ବଦଳିଛି । ୨୦୦୨ରେ ଇଣ୍ଟରନେଟ୍ ବୁକିଂ ଆସିବା ପରେ ଧୀରେ ଧୀରେ ଲୋକେ ଲାଇନରେ ଠିଆ ହେବା ଅପେକ୍ଷା ମୋବାଇଲରେ ଟିକେଟ୍ କରିବାକୁ ପସନ୍ଦ କଲେ । ବର୍ତ୍ତମାନର ପରିସଂଖ୍ୟାନ ଅନୁଯାୟୀ, ପ୍ରାୟ ୮୮ ପ୍ରତିଶତ ଟିକେଟ୍ ଅନଲାଇନରେ ବୁକ୍ ହେଉଛି । ଏହି ବିରାଟ ଚାପକୁ ସମ୍ଭାଳିବା ପାଇଁ ୪୦ ବର୍ଷ ପୁରୁଣା ବ୍ୟବସ୍ଥା ଏବେ ଅକ୍ଷମ ମନେ ହେଉଥିଲା, ଯାହାକୁ ଦୃଷ୍ଟିରେ ରଖି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ନୂତନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଅନେକ ସମୟରେ ପର୍ବପର୍ବାଣୀ କିମ୍ବା 'ତତ୍କାଳ' ଟିକେଟ୍ ବୁକିଂ ସମୟରେ ୱେବସାଇଟ୍ ଧୀମା ହୋଇଯାଏ କିମ୍ବା ସର୍ଭର କ୍ରାସ୍ କରେ । ନୂଆ ସିଷ୍ଟମ ଏହି ସମସ୍ୟାର ସମାଧାନ କରିବ । ଏହା ଅତ୍ୟାଧୁନିକ କ୍ଲାଉଡ୍ ଟେକ୍ନୋଲୋଜି ଉପରେ ଆଧାରିତ, ଯାହା ଏକାସାଙ୍ଗରେ ଲକ୍ଷ ଲକ୍ଷ ଟ୍ରାଞ୍ଜାକସନ୍ ସମ୍ଭାଳିବାର କ୍ଷମତା ରଖିଛି । ଫଳରେ ଯାତ୍ରୀମାନେ ପୂର୍ବ ଅପେକ୍ଷା ଅଧିକ ଦ୍ରୁତ ଗତିରେ ଏବଂ ବିନା କୌଣସି ବାଧାରେ ଟିକେଟ୍ ବୁକ୍ କରିପାରିବେ । ନୂଆ ସିଷ୍ଟମର ସବୁଠାରୁ ବଡ଼ ଆକର୍ଷଣ ହେଉଛି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ପ୍ରୟୋଗ । ଯଦି ଆପଣଙ୍କ ଟିକେଟ୍ ୱେଟିଂ ଲିଷ୍ଟରେ ଅଛି, ତେବେ ତାହା କନଫର୍ମ ହେବାର ସମ୍ଭାବନା କେତେ, ତାହା ନୂଆ ସିଷ୍ଟମ ଅତି ସଠିକ ଭାବେ ଜଣାଇବ । ପୂର୍ବରୁ ଏହି ଆକଳନ ୫୩ ପ୍ରତିଶତ ସଠିକ ରହୁଥିବା ବେଳେ ଏବେ ତାହା ୯୪ ପ୍ରତିଶତକୁ ବୃଦ୍ଧି ପାଇଛି । ଏହା ବ୍ୟତୀତ, ନୂତନ 'RailOne' ଆପ୍ ମଧ୍ୟ ଯାତ୍ରୀଙ୍କ ମଧ୍ୟରେ ଏକ କ୍ରେଜ୍ ସୃଷ୍ଟି କରିଛି । ମାତ୍ର ଏକ ବର୍ଷ ମଧ୍ୟରେ ୩.୫ କୋଟିରୁ ଅଧିକ ଲୋକ ଏହାକୁ ଡାଉନଲୋଡ୍ କରିସାରିଲେଣି । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସ୍ପଷ୍ଟ କରିଛନ୍ତି ଯେ, ଏହି ପରିବର୍ତ୍ତନ ପର୍ଯ୍ୟାୟକ୍ରମେ କରାଯିବ। ଅଗଷ୍ଟ ମାସରୁ ଟ୍ରେନଗୁଡ଼ିକୁ ଗୋଟିଏ ପରେ ଗୋଟିଏ ନୂଆ ସିଷ୍ଟମକୁ ସ୍ଥାନାନ୍ତର କରାଯିବ, ଯେପରି ଯାତ୍ରୀମାନଙ୍କୁ କୌଣସି ଅସୁବିଧା ନହୁଏ । ଭାରତୀୟ ରେଳବାଇର ଏହି ରୂପାନ୍ତରଣ କେବଳ ଟେକ୍ନୋଲୋଜିର ପରିବର୍ତ୍ତନ ନୁହେଁ, ବରଂ 'ଡିଜିଟାଲ୍ ଇଣ୍ଡିଆ' ଦିଗରେ ଏକ ଶକ୍ତିଶାଳୀ ପଦକ୍ଷେପ । ରେଳବାଇ ଏବେ ବିଶ୍ୱସ୍ତରୀୟ ସେବା ପ୍ରଦାନ କରିବାକୁ ଅଣ୍ଟା ଭିଡ଼ିଛି । ୪୦ ବର୍ଷର ପୁରୁଣା ବ୍ୟବସ୍ଥାକୁ ବିଦାୟ ଦେଇ ଆମେ ଏକ ଏପରି ଯୁଗରେ ପ୍ରବେଶ କରୁଛୁ, ଯେଉଁଠି ଟ୍ରେନ୍ ଟିକେଟ୍ ବୁକିଂ ଆଉ ଚିନ୍ତାର କାରଣ ହେବ ନାହିଁ, ବରଂ ଏକ ସୁଖଦ ଅନୁଭୂତି ହେବ।

# ଖରାପ ପାଣିପାଗ କାରଣରୁ ୩ ଏୟାର ଇଣ୍ଡିଆ ବିମାନ କ୍ଷତିଗ୍ରସ୍ତ

**ନୂଆଦିଲ୍ଲୀ,୮ ।୬(ଏଜେନ୍ସି):** ରବିବାର ୭ ଜୁନ୍ ମଧ୍ୟାହ୍ନରେ ଖରାପ ପାଣିପାଗ ଓ ପ୍ରବଳ ପବନ କାରଣରୁ ଦିଲ୍ଲୀ ଏୟାରପୋର୍ଟର ଟର୍ମିନାଲ ୨ରେ ଠିଆ ହୋଇଥିବା ଏୟାର ଇଣ୍ଡିଆର ତିନି ଇ୩୨୦ ବିମାନ କ୍ଷତିଗ୍ରସ୍ତ ହୋଇଛି। ଏହି କାରଣରୁ ଗ୍ରାଉଣ୍ଡ ଇକ୍ୱିପମେଣ୍ଟ ଉଡି ଠିଆ ହୋଇଥିବା ବିମାନ ସହ ମାଡ ହୋଇଯାଇଥିଲା, ଏହାପରେ ଡାଇରେକ୍ଟରେଟ୍ ଜେନେରାଲ ଅଫ୍ ସିଭିଲ ଆଭିଏସନ୍ (ଡିଜିସିଏ) ଏହି ଘଟଣାର ଯାଞ୍ଚ ଆରମ୍ଭ କରିଦେଇଛନ୍ତି । ଡିଜିସିଏର କହିବା ଅନୁସାରେ, ଏହି ଘଟଣା ୭ ଜୁନ୍ ଅପରାହ୍ନ ପ୍ରାୟ ୪ଟା ୩୦ ମିନିଟରେ ଘଟିଛି। ମିଳିଥିବା ସୂଚନା ଅନୁସାରେ, ପାଖରେ ଥିବା ଷ୍ଟାଣ୍ଡ ଓ ଆଖ-ପାଖର ଅଞ୍ଚଳରେ ଥିବା ଜମିର ବ୍ୟବହାରରେ ହେଉଥିବା ଦୁଇଟି ଉପକରଣ କାରଣରୁ ପବନ କାରଣରୁ ନିଜ ସ୍ଥାନରୁ ହଟି ଯାଇଛି ଓ ଦୁଇଟି ଅଲଗା ଅଲଗା ବିମାନ ସହ ମାଡ଼ ହୋଇଥିଲା, ଯାହାଫଳରେ ବହୁ ସ୍ଥାନର କ୍ଷତି ହୋଇଛି। ତୃତୀୟ ବିମାନକୁ ସେତେବେଳେ କ୍ଷତି ହୋଇଥିବା ଯେତେବେଳେ ବାହାର ଜିନିଷର ଭଗ୍ନାବଶେଷ ଏହାର ଡାହଣ ପଟେ ଓ ସ୍ଲାଇଡିଂ ଝରକା ସହ ମାଡ଼ ହୋଇଥିଲା। ଯାଞ୍ଚ ଓ ମରାମତି ପାଇଁ ତିନି ବିମାନକୁ ବର୍ତ୍ତମାନ ଉଡାଣ ଭରିବାକୁ ରୋକି ଦିଆଯାଇଛି। ତିନି ବିମାନକୁ ଏବେ ଯାଞ୍ଚ ଏବଂ ମେଣ୍ଟେନାନ୍ସ କରାଯିବ । ମାମଲାର ସୂଚନା ରଖିଥିବା ସୂତ୍ରର କହିବା ଅନୁସାରେ, ଘଟଣା ଘଟିବା ପୂର୍ବରୁ ପାଣିପାଗକୁ ନେଇ କେଣସି ଖାସ୍ ଚେତାବନୀ ଦିଆଯାଇ ନାହିଁ, ଯାହାଫଳରେ ଏୟାରପୋର୍ଟର ଏପ୍ରନ ଅଞ୍ଚଳରେ ଚାଲିଥିବା ପବନ ହଠାତ ଦ୍ରୁତ ଗତିରେ ପ୍ରଶ୍ନ ଉଠାଉଛି । ପବନର ହଠାତ ଗତି ଓ କ'ଣ ଅତିରିକ୍ତ ସାବଧାନୀ ରଖିବାକୁ ରଖିବା ଦ୍ୱାରା କ୍ଷତିକୁ ରୋକିହେବ ଏହି କଥା ରେଗୁଲେଟରର ଯାଞ୍ଚର ଅଂଶ ହୋଇପାରେ। ଏହି ଘଟଣା ଦ୍ରୁତ ଗତିରେ ବଦଳୁଥିବା ପାଣିପାଗ ବେଳେ ଗ୍ରାଉଣ୍ଡ ହାଣ୍ଡଲିଂ ଇକ୍ୱିପମେଣ୍ଟକୁ ସୁରକ୍ଷିତ ରଖିବା ପ୍ରସଙ୍ଗ ଉପରେ ମଧ୍ୟ ଧ୍ୟାନ ଆକର୍ଷିଣ କରିଛି, ଯାହାକି ବ୍ୟସ୍ତ ବିମାନ ବନ୍ଦର ଉପରେ ସୁରକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଉପାୟ। ଡିଜିସିଏ କହିଛି, ସେ ୪ଟି କାରଣରୁ ସୃଷ୍ଟି ହୋଇଥିବା ସ୍ଥିତିର ଯାଞ୍ଚ ଆରମ୍ଭ କରିଦେଇଛ ।





# ମହଙ୍ଗାଇ ଓ ଅରାଜକତା ବିରୋଧରେ କଟକ ରେ ସିପିଆଇ ର ଉଗ୍ର ପ୍ରତିବାଦ ଓ ଜିଲ୍ଲାପାଳଙ୍କୁ ଦାବିପତ୍ର




**କଟକ, ୮।୬ (ନି.ପ୍ର):** ମହଙ୍ଗାଇ ଓ ଆରଜକତା ବିରୋଧ ରେ ସିପିଆଇ ର ସଙ୍ଘର୍ଷ, ପେଟ୍ରୋଲ ଡିଜେଲ୍ ରନ୍ଧନ ଗ୍ୟାସ୍ ମହଙ୍ଗା – ନୀଟ୍ ପ୍ରଶ୍ନ ପତ୍ର କ୍ରମାଗତ ଲିକ୍ ମାମଲା ରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦେବା, ଦିଲ୍ଲୀ ଜନ୍ତର୍ ମନ୍ତର ଠାରେ ଆନ୍ଦୋଳନ ବେଳେ ଏ ଆଇ ଏସ ଏଫ୍, ଏ ଆଇ ୟାଇ ଏଫ୍ ଛାତ୍ର ନେତା ଙ୍କ ଉପରେ ଆର ଏସ ଏସ ର ଆକ୍ରମଣ ବିରୋଧରେ, ରାଜ୍ୟ ରେ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ, ଓ ଏସ ଆଇ ଆର୍ ଆଳରେ ସାଧାରଣ ଜନତା ଙ୍କୁ ଭୋଟର ଲିଷ୍ଟ ରୁ ବାଦ ନ ଦେବା ଇତ୍ୟାଦି ଦାବି ରେ ମୁଖ୍ୟମନ୍ତ୍ରୀ ଙ୍କୁ କଟକ ଜିଲ୍ଲାପାଳ ଙ୍କ ମାରଫତ ରେ ଏକ ଦାବିପତ୍ର ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସିପିଆଇ, କଟକ ଜିଲ୍ଲା ପକ୍ଷରୁ ପ୍ରଦାନ କରାଯାଇଥିଲା। ସେଠାରେ ଆୟୋଜିତ ବିକ୍ଷୋଭ କାର୍ଯ୍ୟକ୍ରମ ବେଳେ ସଭା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।ଉଦୟ କେଶରୀ ବର୍ମା ଙ୍କ ସଭାପତିତ୍ୱ ରେ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଆମରେନ୍ଦୁ ମହାନ୍ତି,ଜିଲ୍ଲା ସମ୍ପାଦକ ବିନୋଦ ବେହେରା, ନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର, ନିଶଚିତ୍‌କୋଇଲି ବ୍ଲକ୍ ରୁ ତ୍ରିଲୋକ ନାଥ, ମହଙ୍ଗା ରୁ ହରିହର ମହାନ୍ତି, ପ୍ରଶାନ୍ତ ସୂତାର , ଆଠଗଡ ରୁ ଗୋବିନ୍ଦ ନାୟକ,, ନିଆଳି ବ୍ଲକ ର ଭାଗବତ୍ ମହାରଣା, ଚୌଦ୍ୱାର ବ୍ଲକ ରୁ ରଶ୍ମି ରଂଜନ ତ୍ରିପାଠୀ , ଜୟପ୍ରକାଶ ସିଂହ, ରମେଶ ନାୟକ, ଜଗତପୁର୍ ରୁ ପୂର୍ଣ୍ଣିମା ମହାନ୍ତି, କାଳନ୍ଦି ପ୍ରଧାନ, ଭାବଗ୍ରାହି ଦାସ, ବିପିନ୍ ବିହାରୀ ପାଢ଼ୀ, ଭ୍ରମରବର ସହୁ ପ୍ରଭୃତି ବକ୍ତବ୍ୟ ଦେଇ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ପ୍ରତି ବ୍ଲକ୍ ରେ ଆନ୍ଦୋଳନ କୁ ତୀବ୍ର କରାଯିବା କୁ ଘୋଷଣା କରିଥିଲେ।

# ଦାୟିତ୍ୱଶୀଳ ଆଭୂଷଣ ବ୍ୟବସାୟିକ ପ୍ରଥା ମାଧ୍ୟମରେ ଗ୍ରାହକଙ୍କ ବିଶ୍ୱାସକୁ ଆହୁରି ସୁଦୃଢ଼ କରୁଛି ମାଲାବାର୍ ଗୋଲ୍ଡ ଆଣ୍ଡ ଡାୟମଣ୍ଡସ୍

**ଭୁବନେଶ୍ୱର, ୮।୬ (ନି.ପ୍ର):** ବିଶ୍ୱର ୫ମ ବୃହତ୍ତମ ଆଭୂଷଣ ଖୁଚୁରା ବିକ୍ରେତା ଏବଂ ବିଶ୍ୱସ୍ତରରେ ସବୁଠାରୁ ବିଶ୍ୱସନୀୟ ଆଭୂଷଣ ବ୍ରାଣ୍ଡମାନଙ୍କ ମଧ୍ୟରୁ ଅନ୍ୟତମ ମାଲାବାର୍ ଗୋଲ୍ଡ ଆଣ୍ଡ ଡାୟମଣ୍ଡସ୍, ସ୍ୱଚ୍ଛତା, ଶୁଦ୍ଧତାର ନିଶ୍ଚିତତା, ନ୍ୟାୟସଙ୍ଗତ ମୂଲ୍ୟ ନିର୍ଦ୍ଧାରଣ ଏବଂ ଦୀର୍ଘମିଆଦୀ ଗ୍ରାହକ ମୂଲ୍ୟ ସୃଷ୍ଟି ଉପରେ ଆଧାର ଗ୍ରାହକ-କୈନ୍ଦ୍ରିକ ନୀତି ମାଧ୍ୟମରେ ଏକ ଦାୟିତ୍ୱଶୀଳ ଜୁଏଲର୍ ଭାବେ ନିଜର ସ୍ଥାନକୁ ଆହୁରି ସୁଦୃଢ଼ କରି ଚାଲିଛି। ବର୍ଷ ବର୍ଷ ଧରି, ମାଲାବାର୍ ଗୋଲ୍ଡ ଆଣ୍ଡ ଡାୟମଣ୍ଡସ୍ ଆଭୂଷଣ ଖୁଚୁରା ବ୍ୟବସାୟ କ୍ଷେତ୍ରରେ ସ୍ୱଚ୍ଛତା ଏବଂ ମାନକୀକରଣକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ବିଭିନ୍ନ ସୁସଂଗଠିତ ପଦକ୍ଷେପ ନେଇଆସିଛି। ଏହାମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି "ଓନ୍ ଇଣ୍ଡିଆ ଓନ୍ ଗୋଲ୍ଡ ରେଟ୍" ନୀତିର ପ୍ରଚଳନ, ଯାହା ଦେଶବ୍ୟାପୀ ଗ୍ରାହକମାନଙ୍କ ପାଇଁ ସୁନାର ମୂଲ୍ୟକୁ ମାନକୀକୃତ କରିଥିଲା। ଯଦିଓ ସୁନା ପାଇଁ ବ୍ୟାଙ୍କ ସୁଧ ହାର ଏବଂ କର ବ୍ୟବସ୍ଥା ଦେଶବ୍ୟାପୀ ଭାବେ ସମାନ ରହିଛି, ତଥାପି ଐତିହାସିକ ଭାବେ ବିଭିନ୍ନ ବଜାର ଓ ଖୁଚୁରା ବ୍ୟବସାୟୀମାନଙ୍କ ମଧ୍ୟରେ ଗ୍ରାହକଙ୍କୁ ଦିଆଯାଉଥିବା ସୁନାର ଦରରେ ପାର୍ଥକ୍ୟ ଦେଖାଯାଉଥିଲା। ମାଲବାର ଗୋଲ୍ଡ ଆଣ୍ଡ ଡାୟମଣ୍ଡସ୍ ଏହି ଅସଙ୍ଗତିକୁ ଦୂର କରିବା ପାଇଁ ସମଗ୍ର ଭାରତରେ ଏକ ସ୍ୱଚ୍ଛ ଓ ସମାନ ସୁନା ମୂଲ୍ୟ ନିର୍ଦ୍ଧାରଣ ବ୍ୟବସ୍ଥା ପ୍ରଚଳନ କରିଥିଲା। ଏହା ଦ୍ୱାରା କମ୍ପାନୀ ଦେଶସ୍ତରରେ ମୂଲ୍ୟ ମାନକୀକରଣକୁ ସଂସ୍ଥାଗତ ରୂପ ଦେଇଥିବା ପ୍ରଥମ ଗହଣା ଖୁଚୁରା ବିକ୍ରେତାମାନଙ୍କ ମଧ୍ୟରୁ ଗୋଟିଏ ହୋଇପାରିଥିଲା। ଏହି ପଦକ୍ଷେପ ପରବର୍ତ୍ତୀ ସମୟରେ ଗହଣା କ୍ଷେତ୍ରରେ ମୂଲ୍ୟ ସମ୍ପର୍କିତ ସଚେତନତା ବୃଦ୍ଧି ଏବଂ ଦରର ସ୍ଥିରତା ଓ ସାମଞ୍ଜସ୍ୟତାକୁ ପ୍ରୋତ୍ସାହନ ଦେଇଆସିଛି। ଏହି ବ୍ରାଣ୍ଡ ୧୮ କ୍ୟାରେଟ୍ ସୁନା ଗହଣା ପାଇଁ ପ୍ରଚଳିତ ୨୨ କ୍ୟାରେଟ୍ ସୁନା ଦରକୁ ଆଧାର କରି ଅନୁପାତିକ ମୂଲ୍ୟ ନିର୍ଦ୍ଧାରଣ ପଦ୍ଧତି ଅନୁସରଣ କରେ। ଏହା ଦ୍ୱାରା ଗ୍ରାହକମାନେ କ୍ରୟ କରୁଥିବା ସୁନାର ଶୁଦ୍ଧତା ଅନୁଯାୟୀ ପ୍ରକୃତ ସୁନା ମୂଲ୍ୟ ପରିଶୋଧ କରନ୍ତି। ବଜାରର କେତେକ ଅଂଶରେ ୧୮ କ୍ୟାରେଟ୍ ଗହଣାର ମୂଲ୍ୟରେ ଏବେ ମଧ୍ୟ ଅସମାନତା ଦେଖାଯାଉଥିଲେ ମଧ୍ୟ, ମାଲବାର ଗୋଲ୍ଡ ଆଣ୍ଡ ଡାୟମଣ୍ଡସ୍ ଶୁଦ୍ଧତା-ଆଧାରିତ ମୂଲ୍ୟାଙ୍କନ ସହ ସମନ୍ୱିତ ଏକ ସ୍ୱଚ୍ଛ ଓ ନ୍ୟାୟସଙ୍ଗତ ମୂଲ୍ୟ ନିର୍ଦ୍ଧାରଣ ବ୍ୟବସ୍ଥାକୁ ବଜାୟ ରଖିଆସିଛି। ଯୁବ ଗ୍ରାହକମାନଙ୍କର ପରିବର୍ତ୍ତିତ ପସନ୍ଦ



ସମ୍ପର୍କରେ ମତାମତ ଦେଇ ଏମ୍. ପି. ଅହମ୍ମଦ କହିଛନ୍ତି, "ହାଲୁକା ଓଜନର ଏବଂ ୧୮ କ୍ୟାରେଟ୍ ଆଭୂଷଣ ବର୍ଗର ଚାହିଦା ଯୁବ ଗ୍ରାହକମାନଙ୍କ ମଧ୍ୟରେ ଦ୍ରୁତ ହାରରେ ବୃଦ୍ଧି ପାଉଛି, ଯେଉଁମାନେ ଆଧୁନିକ ଡିଜାଇନ୍ ଏବଂ ଦୈନିକ ବ୍ୟବହାରଯୋଗ୍ୟ ଆଭୂଷଣ ଖୋଜୁଛନ୍ତି। ମାଲାବାର୍ ଗୋଲ୍ଡ ଆଣ୍ଡ ଡାୟମଣ୍ଡସ୍‌ରେ ଆମର ଲକ୍ଷ୍ୟ ହେଉଛି ଗ୍ରାହକମାନଙ୍କୁ ସ୍ୱଚ୍ଛ ଏବଂ ଶୁଦ୍ଧତା-ଆଧାରିତ ମୂଲ୍ୟ ନିର୍ଦ୍ଧାରଣ ନିଶ୍ଚିତ କରିବା, ସେହିସହିତ ବିଶ୍ୱାସ ଓ ଗୁଣବତ୍ତାର ନିଶ୍ଚିତତା ସହିତ ନୂତନତମ ଡିଜାଇନ୍‌ର ଆଭୂଷଣ ଉପଲବ୍ଧ କରାଇବା। ଗ୍ରାହକମାନେ ଆଭୂଷଣ କ୍ରୟ କରିବା ସମୟରେ ଏହାର ମୂଲ୍ୟ ଏବଂ ଶୁଦ୍ଧତା ସମ୍ପର୍କରେ ସମ୍ପୂର୍ଣ୍ଣ ସ୍ପଷ୍ଟତା ପାଇବା ଉଚିତ।" ଏକ ଦାୟିତ୍ୱବାନ ଗହଣା ଖୁଚୁରା ବିକ୍ରେତା ଭାବରେ, ମାଲବାର ଗୋଲ୍ଡ ଆଣ୍ଡ ଡାୟମଣ୍ଡସ୍ ସୁନାର ଶୁଦ୍ଧତା ନିଶ୍ଚିତକରଣ ଏବଂ ନିୟାମକ ମାନଦଣ୍ଡ ପାଳନ ଉପରେ ସଦା ବିଶେଷ ଗୁରୁତ୍ୱ ଦେଇଆସିଛି। ଭାରତରେ ବିଆଇଏସ୍ ହଲମାର୍କିଂ ବ୍ୟବସ୍ଥା ଲାଗୁ ହେବା ପରଠାରୁ କମ୍ପାନୀ ତାହାର ସମସ୍ତ ଶୋ'ରୁମ୍‌ରେ ସମ୍ପୂର୍ଣ୍ଣ ହଲମାର୍କଯୁକ୍ତ ଗହଣା ବିକ୍ରୟ କରିଆସୁଛି।ଏଚ୍‌ୟୁଆଇଡି ଆଧାରିତ ହଲମାର୍କିଂ ନିୟମ ପ୍ରଚଳନ ପରେ, ବ୍ରାଣ୍ଡଟି ଭାରତର ସମସ୍ତ ଶୋ'ରୁମ୍‌ରେ କେବଳ ଏଚ୍‌ୟୁଆଇଡି-ପ୍ରମାଣିତ ଗହଣା ବିକ୍ରୟ କରିବାକୁ ସ୍ଥାନାନ୍ତରିତ ହୋଇଥିଲା। ବ୍ରାଣ୍ଡର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବିଶେଷତା ହେଉଛି ଏହାର ସ୍ୱଚ୍ଛ ଓ ଭରସାଯୋଗ୍ୟ ବାଇବ୍ୟାକ୍ ନିଶ୍ଚିତତା। ମାଲବାର ଗୋଲ୍ଡ ଆଣ୍ଡ ଡାୟମଣ୍ଡସ୍ ସୁନା ଓ ହୀରା ଗହଣାର ବିଭିନ୍ନ ଶ୍ରେଣୀ ପାଇଁ ସୁସଂଗଠିତ ଏବଂ ଗ୍ରାହକ-ଅନୁକୂଳ ବାଇବ୍ୟାକ୍ ନୀତି ପ୍ରଦାନ କରିଥାଏ। ଏହା ସହିତ, ପ୍ରଯୁଜ୍ୟ ସର୍ତ୍ତାବଳୀ ଅନୁଯାୟୀ ସୁନା ଗହଣା ଉପରେ ୧୦୦ ପ୍ରତିଶତ ଏକ୍ସଚେଞ୍ଜ ଭ୍ୟାଲୁ ମଧ୍ୟ ପ୍ରଦାନ କରାଯାଏ। କମ୍ପାନୀ ବିଶ୍ୱର ଯେକୌଣସି ମାଲବାର ଗୋଲ୍ଡ ଆଣ୍ଡ ଡାୟମଣ୍ଡସ୍ ଶୋ'ରୁମ୍‌ରୁ କ୍ରୟ କରାଯାଇଥିବା ଗହଣା ପାଇଁ ଆଜୀବନ ରକ୍ଷଣାବେକ୍ଷଣ ସହାୟତା ମଧ୍ୟ ପ୍ରଦାନ କରେ, ଯାହା ଦୀର୍ଘମିଆଦୀ ଗ୍ରାହକ ବିଶ୍ୱାସ ଏବଂ ବିକ୍ରୟ-ପରବର୍ତ୍ତୀ ସେବା ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଥାଏ। ଏହା ସହିତ, ଗ୍ରାହକମାନେ ସ୍ୱଚ୍ଛ ଉତ୍ପାଦ ସୂଚନା ପ୍ରକାଶ ପ୍ରଥାର ଲାଭ ପାଆନ୍ତି, ଯେଉଁଥିରେ ନେଟ୍ ଓଜନ, ପଥରର ଓଜନ, ମେକିଂ ଚାର୍ଜ ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ଖର୍ଚ୍ଚ ସମ୍ପର୍କିତ ବିସ୍ତୃତ ମୂଲ୍ୟ ସୂଚନା ଅନ୍ତର୍ଭୁକ୍ତ ଥାଏ। କମ୍ପାନୀ ନିର୍ଦ୍ଦିଷ୍ଟ ବିପଦ ବିରୁଦ୍ଧରେ, ପ୍ରଯୁଜ୍ୟ ସର୍ତ୍ତାବଳୀ ଅନୁଯାୟୀ, ଗହଣା କ୍ରୟ ଉପରେ ଏକ ବର୍ଷର ନିଃଶୁଳ୍କ ବୀମା ସୁରକ୍ଷା ମଧ୍ୟ ପ୍ରଦାନ କରିଥାଏ। ମାଲାବାର୍ ଗୋଲ୍ଡ ଆଣ୍ଡ ଡାୟମଣ୍ଡସ୍ ଦାୟିତ୍ୱଶୀଳ ସୋର୍ସିଂ ପ୍ରଥା ଅନୁସରଣ କରେ ଏବଂ ମୂଲ୍ୟବାନ ଧାତୁ ଓ କଞ୍ଚାମାଲ ପାଇଁ କେବଳ ଅନୁମୋଦିତ ଏବଂ ନିୟମାନୁଗତ ଯୋଗାଣ ମାର୍ଗ ସହିତ କାମ କରେ। କମ୍ପାନୀ ତାହାର ଉତ୍ପାଦନ ଓ ଖୁଚୁରା ବ୍ୟବସାୟ ପରିଚାଳନାରେ ନୈତିକ ବ୍ୟବସାୟ ପ୍ରଥା, କର୍ମଚାରୀ କଲ୍ୟାଣ ଏବଂ ସୁସଂଗଠିତ କାର୍ଯ୍ୟସ୍ଥଳ ମାନଦଣ୍ଡ ଉପରେ ମଧ୍ୟ ଗୁରୁତ୍ୱ ଦେଇଥାଏ। "ମେକ୍ ଇନ୍ ଇଣ୍ଡିଆ, ମାର୍କେଟ୍ ଟୁ ଦ ୱାର୍ଲ୍ଡ" ଦୃଷ୍ଟିଭଙ୍ଗୀ ଦ୍ୱାରା ପ୍ରେରିତ ହୋଇ, ମାଲବାର ଗୋଲ୍ଡ ଆଣ୍ଡ ଡାୟମଣ୍ଡସ୍ ତାହାର ବ୍ୟାପକ ବିଶ୍ୱସ୍ତରୀୟ ଖୁଚୁରା ବ୍ୟବସାୟ ନେଟୱାର୍କ ମାଧ୍ୟମରେ ଆନ୍ତର୍ଜାତିକ ବଜାରରେ ଭାରତୀୟ ଗହଣା କାରିଗରୀ କୌଶଳ ଏବଂ ଡିଜାଇନ୍‌ର ଉତ୍କର୍ଷତାକୁ ନିରନ୍ତର ପ୍ରଦର୍ଶନ କରିଆସୁଛି। ଗ୍ରୁପ୍‌ର କାର୍ଯ୍ୟକଳାପ ଇଏସଜି (ପରିବେଶ, ସାମାଜିକ ଏବଂ ସୁଶାସନ) ନୀତି ଦ୍ୱାରା ପରିଚାଳିତ ହୋଇଥାଏ। ପ୍ରତିଷ୍ଠା ଦିନଠାରୁ ନିଟ୍ ବ୍ୟବସାୟିକ ଲାଭର ୫ ପ୍ରତିଶତ ସିଏସଆର୍ (କର୍ପୋରେଟ୍ ସାମାଜିକ ଦାୟିତ୍ୱ) ଏବଂ ସାମାଜିକ କଲ୍ୟାଣମୂଳକ କାର୍ଯ୍ୟକ୍ରମ ପାଇଁ ବ୍ୟୟ କରାଯାଉଛି। ଏହି ପଦକ୍ଷେପଗୁଡ଼ିକ କ୍ଷୁଧା ନିବାରଣ, ସ୍ୱାସ୍ଥ୍ୟସେବା, ଶିକ୍ଷା, ମହିଳା ସଶକ୍ତିକରଣ, ପରିବେଶ ସ୍ଥିରତା ଏବଂ ସମୁଦାୟ କଲ୍ୟାଣ ଉପରେ କେନ୍ଦ୍ରିତ ଥିବାବେଳେ, ଭାରତରେ ୧୮ ଲକ୍ଷରୁ ଅଧିକ ଲୋକଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇଛି।

# ୨୦୨୫-୨୬ ଏସ୍ ଓ ଏଫ୍ ଓଲିମ୍ପିଆଡ୍‌ରେ ଭୁବନେଶ୍ୱର ଛାତ୍ରଙ୍କ ସଫଳତା

**ଭୁବନେଶ୍ୱର, ୮।୬ (ନି.ପ୍ର) :** ଭୁବନେଶ୍ୱର ଛାତ୍ରଛାତ୍ରୀମାନେ ପୁଣିଥରେ ଶିକ୍ଷାକ୍ଷେତ୍ରରେ ନିଜର ପ୍ରତିଭାର ପରିଚୟ ଦେଇ ଓଡିଶା ପାଇଁ ଗୌରବ ଆଣିଛନ୍ତି। ଶିକ୍ଷାବର୍ଷ ୨୫-୨୬ ପାଇଁ ଆୟୋଜିତ ସାଇନ୍ସ ଓଲିମ୍ପିଆଡ୍ ଫାଉଣ୍ଡେସନ ପରିକ୍ଷାରେ ଭୁବନେଶ୍ୱରର ଛାତ୍ରଛାତ୍ରୀମାନେ ଅସାଧାରଣ ସଫଳତା ଅର୍ଜନ କରି ଚର୍ଚ୍ଚର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ଏହି ବର୍ଷର ୫ଙ୍ଗଉ ଓଲିମ୍ପିଆଡ୍‌ରେ ବିଶ୍ୱର ୭୨ଟି ଦେଶରୁ ଲକ୍ଷାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବାବେଳେ, କେବଳ ଭୁବନେଶ୍ୱରରୁ ୬୬ ହଜାରରୁ ଅଧିକ ଛାତ୍ରଛାତ୍ରୀ ଏଥିରେ ଯୋଗ ଦେଇଥିଲେ । ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଭୁବନେଶ୍ୱରର ଛାତ୍ରଛାତ୍ରୀଙ୍କ ଏହି ଉଲ୍ଲେଖନୀୟ ପ୍ରଦର୍ଶନ ସହରର ଶିକ୍ଷାଗତ ଉନ୍ନତିକୁ ପୁନର୍ବାର ସାବ୍ୟସ୍ତ କରିଛି । ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କ ମଧ୍ୟରେ ଡି.ଏ.ଭି. ପବ୍ଲିକ୍ ସ୍କୁଲ ପୋଖରୀପୁଟର ପଞ୍ଚମ ଶ୍ରେଣୀର ଛାତ୍ର ନିବେଦ ସାମଲ ନ୍ୟାସନାଲ ସାଇନ୍ସ ଓଲିମ୍ପିଆଡ (ଘ୫ଙ)ରେ ଜାତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଭୁବନେଶ୍ୱର ପାଇଁ ଗୌରବ ଆଣିଛନ୍ତି । ନିବେଦ ତାଙ୍କର ଅସାଧାରଣ ପ୍ରଦର୍ଶନ ପାଇଁ ସ୍ୱର୍ଣ୍ଣ ପଦକ ସହ ସାର୍ଟିଫିକେଟ୍ ଅଫ୍ ଆଉଟସ୍ଟାଣ୍ଡିଂ ପର୍ଫମାନ୍ସରେ ପୁରସ୍କୃତ ହୋଇଥିଲେ।

ଏହି ପୁରସ୍କାର ସମାରୋହ ନୂଆଦିଲ୍ଲୀର ଡ. ଆମ୍ବେଦକର ଇଣ୍ଟରନ୍ୟାସନାଲ୍ ସେଣ୍ଟରରେ ଆୟୋଜିତ ହୋଇଯାଇଥିଲା । ଏହି ଅବସରରେ ଭାରତର ସୁପ୍ରିମକୋର୍ଟର ନ୍ୟାୟାଧୀଶ ମାନ୍ୟବର ନ୍ୟାୟମୁର୍ତ୍ତି ଶ୍ରୀ ବିଜୟ ବିଶ୍ନୋଇ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ବିଜେତାଙ୍କୁ ସମ୍ମାନିତ କରିଥିଲେ। ଏହା ସହିତ ପୂର୍ବତନ ଘଓଞ୍ଜ ମଣିପୁର ଅଧକ୍ଷ ଏବଂ ଓ୫ଜଙ ର ବିଶିଷ୍ଟ ପ୍ରଫେସର ଶ୍ରୀ ୱାଇ.ଏସ୍.ରାଜନ , CBSE ସଚିବ ଶ୍ରୀ ହିମାଂଶୁ ଗୁପ୍ତା (IAS) ଏବଂ ମାରେଙ୍ଗୋ ଏସିଆ AJdUe ନ୍ୟାସନାଲ୍ ଇନଷ୍ଟିଟ୍ୟୁଟ୍ ଅଫ୍ ନ୍ୟୁରେ ଆଣ୍ଡ ସ୍ପାଇନର ଅଧକ୍ଷ ଡ. ପ୍ରବୀଣ ଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।




ଏହି ସଫଳତା ସମ୍ପର୍କରେ ପ୍ରତିକ୍ରିୟା ଦେଇ ସାଇନ୍ସ ଓଲିମ୍ପିଆଡ୍ ଫାଉଣ୍ଡେସନ୍‌ର ନିର୍ଦ୍ଦେଶକ ମହାବୀର ସିଂହ କହିଥିଲେ ଯେ ' ୨୦୨୫-୨୬ ଶିକ୍ଷାବର୍ଷରେ ଏସ୍.ଓ.ଏଫ୍ ଓଲିମ୍ପିଆଡ୍ ଯୁବ ପ୍ରତିଭାମାନଙ୍କୁ ଉତ୍କର୍ଷତା ଅର୍ଜନ ସହ ତାଙ୍କର ଯୁକ୍ତିସମ୍ମତ ଚିନ୍ତନ କ୍ଷମତା ବିକାଶ ପାଇଁ ପ୍ରେରିତ କରୁଛି । ଭୁବନେଶ୍ୱରର ଛାତ୍ରଛାତ୍ରୀମାନଙ୍କର ବିଭିନ୍ନ ଓଲିମ୍ପିଆଡ୍‌ରେ ଅସାଧରଣ ପ୍ରଦର୍ଶନ ତାଙ୍କର ନିଷ୍ଠା, ପରିଶ୍ରମ ଏବଂ ବିଦ୍ୟାଳୟମାନଙ୍କ ଦ୍ୱାରା ଦିଆଯାଉଥିବା ଦୃଢ଼ ଶିକ୍ଷାଗତ ଭିତ୍ତିକୁ ପ୍ରତିଫଳିତ କରୁଛି । ଏହି ସଫଳତା ପାଇଁ ଆମେ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକମାନଙ୍କୁ ଅଭିନନ୍ଦନ ଜଣାଉଛୁ । ଏହି ସଫଳତା ଭୁବନେଶ୍ୱରର ସୁଦୃଢ଼ ଶିକ୍ଷାଗତ ପରିବେଶକୁ ପ୍ରମାଣିତ କରୁଛି, ଯେଉଁଠାରେ ବିଦ୍ୟାଳୟମାନେ ଛାତ୍ରଛାତ୍ରୀଙ୍କୁ କେବଳ ପାଠ୍ୟପୁସ୍ତକ ମଧ୍ୟରେ ସୀମିତ ନରଖି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ସଦା ପ୍ରେତ୍ସାହିତ କରୁଛନ୍ତି । ଛାତ୍ରଛାତ୍ରୀମାନଙ୍କର ଏହି କୃତିତ୍ୱ କେବଳ ସେମାନଙ୍କର ବିଦ୍ୟାଳୟ ପାଇଁ ଗର୍ବର ବିଷୟ ହୋଇନଥାଏ, ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟ ଉଚ୍ଚ ଶିକ୍ଷାଗତ ଲକ୍ଷ୍ୟ ଅର୍ଜନ ଓ ଆନ୍ତର୍ଜାତୀୟ ସ୍ତରରେ ପରିଚୟ ସୃଷ୍ଟି କରିବାର ପ୍ରେରଣା ସୃଷ୍ଟି କରିଥାଏ।

## କାଠମାଣ୍ଡୁ-କଳିଙ୍ଗ ସାହିତ୍ୟ ମହୋତ୍ସବ ଉଦ୍‌ଘାଟିତ

# ନେପାଳ ସହିତ ଓଡ଼ିଶାର ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରିବ

**ଭୁବନେଶ୍ୱର, ୮।୬ (ନି.ପ୍ର) :** କାଠମାଣ୍ଡୁ-କଳିଙ୍ଗ ସାହିତ୍ୟ ମହୋତ୍ସବ (କେଏଲ୍‌ଏଫ୍)ର ଚତୁର୍ଥ ସଂସ୍କରଣ ନେପାଳର ଲଳିତପୁର ସ୍ଥିତ ହୋଟେଲ ହିମାଳୟରେ ଆରମ୍ଭ ହୋଇଛି, ଯାହା ଓଡ଼ିଶା ଏବଂ ନେପାଳ ମଧ୍ୟରେ ଥିବା ଚିରନ୍ତନ ସାହିତ୍ୟିକ, ସାଂସ୍କୃତିକ, ଆଧ୍ୟାତ୍ମିକ ଏବଂ ସଭ୍ୟତାଗତ ସମ୍ପର୍କକୁ ପୁନର୍ବାର ସୁଦୃଢ଼ କରୁଛି । ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କୀଙ୍କ ଦ୍ୱାରା ଏହି ଦୁଇ ଦିନିଆ ମହୋତ୍ସବ ଉଦ୍‌ଘାଟିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଓଡ଼ିଆ ସାହିତ୍ୟ ଜଗତର ଅନେକ ବିଶିଷ୍ଟ ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ, ଯେଉଁଥିରେ ପ୍ରତିଭା ରାୟ, ପାରମିତା ଶତପଥୀ ଏବଂ ଉପେନ୍ଦ୍ରନାଥ ବେହେରାଙ୍କ ଭଳି ଲେଖକ/ଲେଖିକା ସାମିଲ ହୋଇ ଓଡ଼ିଶାର ସମୃଦ୍ଧ ସାହିତ୍ୟିକ ଐତିହ୍ୟକୁ ପ୍ରଦର୍ଶିତ କରିଥିଲେ । ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରି ମହୋତ୍ସବ ନିର୍ଦ୍ଦେଶିକା ରଞ୍ଜନା ନିରୌଲା କହିଥିଲେ ଯେ ସାହିତ୍ୟ କେବଳ ଶବ୍ଦ ଏବଂ ବହି ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଚିନ୍ତାଧାରା, ସଂସ୍କୃତି, ସ୍ମୃତି, ସହାନୁଭୂତି ଏବଂ ମାନବୀୟ ସମ୍ଭାବନାର ଏକ ମହୋତ୍ସବ ଭାବରେ କାର୍ଯ୍ୟ କରେ । ସେ ଉଲ୍ଲେଖ କରିଥିଲେ ଯେ ଏହି ମହୋତ୍ସବ କେବଳ ଏକ ସାହିତ୍ୟିକ ସମାବେଶ ନୁହେଁ; ଏହା ଏକ ମଞ୍ଚ ଯାହା ଲୋକଙ୍କ ମଧ୍ୟରେ ଆତ୍ମୀୟତା, ସଂଳାପ ଏବଂ ପାରସ୍ପରିକ ବୁଝାମଣାକୁ ପ୍ରୋତ୍ସାହିତ କରେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁଶୀଳା କାର୍କୀ ନିଜର ସାହିତ୍ୟିକ ଯାତ୍ରା ଏବଂ ସମାଜ ଓ ବ୍ୟକ୍ତିଗତ ଅନୁଭୂତି ସହିତ ଏହାର ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ସେ ୧୯୯୦ ମସିହାରେ 'ତାରା' ଚରିତ୍ରକୁ ନେଇ ଏକ ଉପନ୍ୟାସ ଲେଖିଥିଲେ ଏବଂ ଅଶେଷ ମଲ୍ଲଙ୍କ କବିତାଗୁଡ଼ିକୁ ହିନ୍ଦୀରେ ଅନୁବାଦ କରିଥିଲେ। ନୋବେଲ ପୁରସ୍କାର ବିଜେତା ଲେଖିକା ପର୍ଲ ଏସ୍. ବକ୍ ?ଙ୍କ କାର୍ଯ୍ୟକୁ ମନେ ପକାଇ, ଯାହାଙ୍କର ପ୍ରସିଦ୍ଧ ଉପନ୍ୟାସ 'ଦି ଗୁଡ୍ ଆର୍ଥ' ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ମାଧ୍ୟମରେ ଚୀନ ସମାଜକୁ ଚିତ୍ରିତ କରିଥିଲା, କାର୍କୀ କହିଥିଲେ ଯେ ସାହିତ୍ୟ କେବଳ କଳ୍ପନାରୁ ନୁହେଁ, ବରଂ ଜୀବନ୍ତ ଅନୁଭୂତି, ସାମାଜିକ ବାସ୍ତବତା ଓ ମାନବୀୟ ଆବେଗରୁ ସୃଷ୍ଟି ହୋଇଥାଏ। ଓଡ଼ିଶା ଓ ବୃହତ ଦକ୍ଷିଣ ଏସୀୟ ଅଞ୍ଚଳ ପାଇଁ ଏହି ମହୋତ୍ସବର ଗୁରୁତ୍ୱ ଉପରେ ଆଲୋକପାତ କରି କଳିଙ୍ଗ ସାହିତ୍ୟ ମହୋତ୍ସବର ପ୍ରତିଷ୍ଠାତା ନିର୍ଦ୍ଦେଶକ ତଥା କ୍ୟୁରେଟର ରଶ୍ମି ରଞ୍ଜନ ପରିଡ଼ା କହିଛନ୍ତି ଯେ, ଚତୁର୍ଥ କାଠମାଣ୍ଡୁ ସଂସ୍କରଣରେ ପ୍ୟାନେଲ ଆଲୋଚନା, ମୁଖ୍ୟ ଭାଷଣ, କବିତା ଆବୃତ୍ତି, ସଙ୍ଗୀତ ପରିବେଷଣ, ଲେଖକମାନଙ୍କ ସହ ଗ୍ରୁପ୍ ଆଲୋଚନା, ପୁସ୍ତକ ଉନ୍ମୋଚନ, କର୍ମଶାଳା, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସୀମାବର୍ତ୍ତୀ ସାହିତ୍ୟିକ ସହଯୋଗ ସ୍ଥାନ ପାଇଛି। ଏହି ମହୋତ୍ସବ ଦକ୍ଷିଣ ଏସିଆର ଅନେକ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ଏକତ୍ରିତ କରିଛି, ଯେଉଁଥିରେ ପ୍ରସିଦ୍ଧ ଗାୟିକା ଇଲା ଅରୁଣ, ପ୍ରଶଂସିତ ଅଭିନେତା, ଗୀତିକାର ତଥା ଲେଖକ ପିୟୁଷ ମିଶ୍ର, ଲେଖକ ତଥା ଚଳଚ୍ଚିତ୍ର ନିର୍ମାତା ରାଜ ଶେଖର ଏବଂ ଆଧ୍ୟାତ୍ମିକ ଚିନ୍ତକ ଆଚାର୍ଯ୍ୟ ପ୍ରଶାନ୍ତ ସାମିଲ ଅଛନ୍ତି। ଅନ୍ୟାନ୍ୟ ପ୍ରମୁଖ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଅଛନ୍ତି ବିକାଶ ସ୍ୱରୂପ, ବଦ୍ରିନାରାୟଣ, ନୀନା ବର୍ମା, ଅର୍ଚ୍ଚନା ସିଂହ, ଜୟପ୍ରକାଶ ପାଣ୍ଡେ, କୁଳ ଶୈକିଆ, ମାଳିନୀ ଅବସ୍ଥୀ, ନାରାୟଣୀ ବସୁ, ସତୀଶ ପଦ୍ମନାଭନ, ଯତୀନ୍ଦ୍ର ମିଶ୍ର, ସନ୍ଦୀପ ସିଂହ, ବିକ୍ରମ ସମ୍ପତ, ଅନନ୍ତ ବିଜୟ, ଯତୀଶ କୁମାର, ବୁଦ୍ଧିସାଗର, ଆଶୁତୋଷ ଅଗ୍ନିହୋତ୍ରୀ, ସୁଜିତ କୁମାର ଓ ୟୁନୁସ ଖାନ ରହିଥିଲେ ।




# ଛତିଶଗଡ଼ ପର୍ଯ୍ୟଟନ ବୋର୍ଡ ପକ୍ଷରୁ ଭୁବନେଶ୍ୱର ରୋଡ୍‌ଶୋ'ରେ ବିଭିନ୍ନ ପର୍ଯ୍ୟଟନ ସୁଯୋଗର ପ୍ରଦର୍ଶନ

## ଭୁବନେଶ୍ୱରରେ ନିଜର ସୂଚନା କେନ୍ଦ୍ର ଖୋଲିବ ଛତିଶଗଡ଼ ପର୍ଯ୍ୟଟନ

**ଭୁବନେଶ୍ୱର, ୮।୬ (ନି.ପ୍ର) :** ଛତିଶଗଡ଼ ପର୍ଯ୍ୟଟନ ବୋର୍ଡ, ଶିଳ୍ପ ସହଯୋଗୀ ଭାବେ ଫିକିର ମିଳିତ ସହଯୋଗରେ ଶୁକ୍ରବାର ଦିନ ଭୁବନେଶ୍ୱରରେ ମେ'ଫେୟାର କନଭେନସନଠାରେ 'ଛତିଶଗଡ଼ ପର୍ଯ୍ୟଟନ ରୋଡ୍ ?ଶୋ'' ସଫଳତାର ସହ ଆୟୋଜନ କରିଛି। ଛତିଶଗଡ଼ର ବିପୁଳ ପର୍ଯ୍ୟଟନ ସମ୍ଭାବନା ବିଷୟରେ ଜାଣିବା ଏବଂ ଏହାର ପ୍ରଚାର ପ୍ରସାର କରିବା ପାଇଁ ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ କ୍ଷେତ୍ର ସହ ଜଡ଼ିତ ବ୍ୟକ୍ତିବିଶେଷ, ପର୍ଯ୍ୟଟନ ବ୍ୟବସାୟ ପ୍ରତିନିଧି, ହୋଟେଲ ମାଲିକ, ଟୁର୍ ଅପରେଟର, ଗଣମାଧ୍ୟମ ପ୍ରତିନିଧି ଏବଂ ସରକାରୀ ଅଧିକାରୀମାନେ ଏକାଠି ହୋଇଥିଲେ। ଏହି ରୋଡ୍ ?ଶୋ'ରେ ଛତିଶଗଡ଼ର ଅନନ୍ୟ ପର୍ଯ୍ୟଟନ ଆକର୍ଷଣ ଗୁଡ଼ିକୁ ସାମ୍ନାକୁ ଅଣାଯାଇଥିଲା, ଯେଉଁଥିରେ ଏହାର ସମୃଦ୍ଧ ଆଦିବାସୀ ଐତିହ୍ୟ, ପ୍ରାଚୀନ ପ୍ରତ୍ନତାତ୍ତ୍ୱିକ ସମ୍ପଦ, ଆଧ୍ୟାତ୍ମିକ ସ୍ଥଳ, ସୁନ୍ଦର ଜଳପ୍ରପାତ, ଘଞ୍ଚ ଜଙ୍ଗଲ, ବନ୍ୟପ୍ରାଣୀ ଅଭୟାରଣ୍ୟ, ଜୀବନ୍ତ କଳା ଏବଂ ପ୍ରକୃତ ସାଂସ୍କୃତିକ ଅନୁଭୂତି ସାମିଲ ରହିଛି। ଏହି ପଦକ୍ଷେପର ଉଦ୍ଦେଶ୍ୟ ଥିଲା ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ପର୍ଯ୍ୟଟନ ସମ୍ପର୍କକୁ ମଜବୁତ କରିବା ଏବଂ ପର୍ଯ୍ୟଟନ ଓ ଆତିଥେୟତା କ୍ଷେତ୍ର ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କ ପାଇଁ ନୂତନ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବା। ଛତିଶଗଡ଼ ପର୍ଯ୍ୟଟନ ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ ଛତିଶଗଡ଼ ପର୍ଯ୍ୟଟନ ବୋର୍ଡର ଅଧ୍ୟକ୍ଷ ଶ୍ରୀ ନୀଲୁ ଶର୍ମା, ଛତିଶଗଡ଼ ସରକାରଙ୍କ ପର୍ଯ୍ୟଟନ ବିଭାଗର ସଚିବ ଡକ୍ଟର ଏସ୍. ଭରତୀ ଦାସନ୍ ଏବଂ ଛତିଶଗଡ଼ ପର୍ଯ୍ୟଟନ ବୋର୍ଡର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବିବେକ ଆଚାର୍ଯ୍ୟ (ଆଇଏଫଏସ)। ଏହା ସହିତ ରାଜ୍ୟର ବରିଷ୍ଠ ସରକାରୀ ଅଧିକାରୀ ଏବଂ ପ୍ରମୁଖ ପର୍ଯ୍ୟଟନ ବ୍ୟବସାୟୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଶ୍ରୀ ଦୀପଙ୍କର ମହାପାତ୍ର (ଆଇଏଏସ) ମଧ୍ୟ ଉପସ୍ଥିତ ଥିଲେ। ଶ୍ରୀମତୀ ପୁନମ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଫିକି ପର୍ଯ୍ୟଟନ କମିଟିର ସହ-ଅଧ୍ୟକ୍ଷ ଡକ୍ଟର ଜେ. କେ. ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ଛତିଶଗଡ଼ ପର୍ଯ୍ୟଟନ ବୋର୍ଡର ମାନ୍ୟବର ଅଧ୍ୟକ୍ଷ ଶ୍ରୀ ନୀଲୁ ଶର୍ମା ସ୍ଥାନୀୟ ପର୍ଯ୍ୟଟନ ବ୍ୟବସାୟୀ - ଯେଉଁଥିରେ ଟୁର୍ ଅପରେଟର, ଟ୍ରାଭେଲ ଏଜେଣ୍ଟ ଏବଂ ହୋଟେଲ ମାଲିକ ଅଛନ୍ତି, ସେମାନଙ୍କୁ ଛତିଶଗଡ଼ ବୁଲି ଦେଖିବା ଏବଂ ସେମାନଙ୍କ ପର୍ଯ୍ୟଟକ ଦଳକୁ ସେଠାକୁ ପଠାଇବା ପାଇଁ ନିମନ୍ତ୍ରଣ କରିଥିଲେ। ପର୍ଯ୍ୟଟନର ବିକାଶ କେବଳ ସରକାରଙ୍କ କାମ ନୁହେଁ, ବରଂ ଏଥିପାଇଁ ସମସ୍ତଙ୍କ ସାମୂହିକ ପ୍ରଚେଷ୍ଟା ଆବଶ୍ୟକ ବୋଲି ଗୁରୁତ୍ୱ ଦେଇ ସେ କହିଥିଲେ ଯେ ଆଞ୍ଚଳିକ ପର୍ଯ୍ୟଟନକୁ ବଢ଼ାଇବା ଏବଂ ମିଳିତ କାର୍ଯ୍ୟକ୍ରମ ମାଧ୍ୟମରେ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବା ପାଇଁ ଓଡ଼ିଶା ସରକାରଙ୍କ ସହ ସୁଦୃଢ଼ ଆନ୍ତଃ-ରାଜ୍ୟ ସହଯୋଗ ଆବଶ୍ୟକ। ସେଠାରେ ଉପସ୍ଥିତ ଲୋକଙ୍କୁ ସମ୍ବୋଧିତ କରି ଡକ୍ଟର ଏସ୍. ଭରତୀଦାସନ୍ (ଓଇ୫) ସ୍ଥାୟୀ ଏବଂ ଅନୁଭୂତିପୂର୍ଣ୍ଣ ପର୍ଯ୍ୟଟନ ପ୍ରତି ରାଜ୍ୟର ପ୍ରତିବଦ୍ଧତା ବିଷୟରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଛତିଶଗଡ଼ ପର୍ଯ୍ୟଟକମାନଙ୍କୁ ଅଛୁଆଁ ପ୍ରାକୃତିକ ସୌନ୍ଦର୍ଯ୍ୟ, ଜୀବନ୍ତ ଆଦିବାସୀ ପରମ୍ପରା, ଆଧ୍ୟାତ୍ମିକ ସ୍ଥଳ ଏବଂ ରୋମାଞ୍ଚକର ପର୍ଯ୍ୟଟନ (ଆଡଭେଞ୍ଚର ଟୁରିଜିମ୍) ର ସୁଯୋଗ ଦେଇଥାଏ, ଯାହା ଏବେ ବି ଅନେକ ମାତ୍ରାରେ ଅନାଲୋଚିତ ହୋଇ ରହିଛି। ଛତିଶଗଡ଼ ସରକାର ବିଭିନ୍ନ ଗଣମାଧ୍ୟମ ଜରିଆରେ କ୍ରମାଗତ ଭାବେ ଏହି ସ୍ଥାନଗୁଡ଼ିକର ପ୍ରଚାର କରୁଛନ୍ତି, ପ୍ରମୁଖ ପର୍ଯ୍ୟଟନ କାର୍ଯ୍ୟକ୍ରମରେ ଭାଗ ନେଉଛନ୍ତି ଏବଂ ନୂଆଦିଲ୍ଲୀ, କୋଲକାତା, ବଦୋଦରା ଓ ଭୋପାଳ ଭଳି ପ୍ରମୁଖ ସହରଗୁଡ଼ିକରେ ସୂଚନା କେନ୍ଦ୍ର ପ୍ରତିଷ୍ଠା କରୁଛନ୍ତି ଏବଂ ଖୁବ୍ ଶୀଘ୍ର ଓଡ଼ିଶାରେ ମଧ୍ୟ ଏକ ସ୍ୱତନ୍ତ୍ର କାର୍ଯ୍ୟାଳୟ ଖୋଲିବାକୁ ଯୋଜନା ଚାଲିଛି। ଶ୍ରୀ ବିବେକ ଆଚାର୍ଯ୍ୟ ଭିତ୍ତିଭୂମିର ବିକାଶ, ପର୍ଯ୍ୟଟକଙ୍କ ଅନୁଭୂତିକୁ ସୁଧାରିବା ଏବଂ ଛତିଶଗଡ଼କୁ ଭାରତର ଅନ୍ୟତମ ଆଶାଜନକ ପର୍ଯ୍ୟଟନ ସ୍ଥଳ ଭାବେ ଗଢ଼ିତୋଳିବା ପାଇଁ ପର୍ଯ୍ୟଟନ ବୋର୍ଡ ଦ୍ୱାରା କରାଯାଉଥିବା ପ୍ରୟାସ ବିଷୟରେ ସୂଚନା ଦେଇଥିଲେ। ସେ ଓଡ଼ିଶାର ପର୍ଯ୍ୟଟନ ବ୍ୟବସାୟୀମାନଙ୍କୁ ରାଜ୍ୟର ବିଭିନ୍ନ ପର୍ଯ୍ୟଟନ ସର୍କିଟ୍ ଏବଂ ଅନୁଭୂତିଗୁଡ଼ିକର ମିଳିତ ପ୍ରଚାର କରିବା ପାଇଁ ଆମନ୍ତ୍ରଣ କରିଥିଲେ। ଏହି କାର୍ଯ୍ୟକ୍ରମ ଛତିଶଗଡ଼ର ସମୃଦ୍ଧ ପରମ୍ପରା ଓ ଐତିହ୍ୟକୁ ପ୍ରଦର୍ଶନ କରୁଥିବା ଏକ ସାଂସ୍କୃତିକ ନୃତ୍ୟ ସହିତ ଆରମ୍ଭ ହୋଇଥିଲା। ଏହାପରେ ରୋଡ୍ ?ଶୋ' ଅଧିବେଶନରେ ରାଜ୍ୟର ପର୍ଯ୍ୟଟନ ଆକର୍ଷଣ, ପୁଞ୍ଜିନିବେଶର ସୁଯୋଗ ଏବଂ ନୂଆ ପର୍ଯ୍ୟଟନ ସାମଗ୍ରୀ ଉପରେ ଉପସ୍ଥାପନା (ପ୍ରେଜେଣ୍ଟେସନ୍) କରାଯାଇଥିଲା। ଏହା ପୂର୍ବରୁ ଦିନରେ ଏକ ବି୨ବି (ଇ୨ଇ) ନେଟୱର୍କ ଅଧିବେଶନ ହୋଇଥିଲା, ଯାହା ଓଡ଼ିଶାର ଟୁର୍‌ଅପରେଟରେ ଏବଂ ଛତିଶଗଡ଼ର ପର୍ଯ୍ୟଟନ ବ୍ୟବସାୟୀଙ୍କ ମଧ୍ୟରେ ଆଲୋଚନାକୁ ସହଜ କରିଥିଲା, ଯାହା ଭବିଷ୍ୟତରେ ଭାଗିଦାରୀ ଏବଂ ବ୍ୟବସାୟିକ ସହଯୋଗ ପାଇଁ ବାଟ ଫିଟାଇଛି। ଏହି କାର୍ଯ୍ୟକ୍ରମ ଏକ ଆନନ୍ଦଦାୟକ ନେଟୱର୍କିଂ ରାତ୍ରିଭୋଜନ ସହିତ ଶେଷ ହୋଇଥିଲା, ଯାହା ଅଂଶଗ୍ରହଣକାରୀମାନଙ୍କୁ ଶିଳ୍ପ ସମ୍ପର୍କକୁ ଆହୁରି ମଜବୁତ କରିବା ଏବଂ ପର୍ଯ୍ୟଟନର ବିକାଶ ପାଇଁ ମିଳିତ ସୁଯୋଗ ଖୋଜିବାର ସୁଯୋଗ ଦେଇଥିଲା। ଏହି ଅବସରରେ ପର୍ଯ୍ୟଟନ ଓ ଆତିଥେୟତା ଶିଳ୍ପର ପ୍ରତିନିଧିମାନେ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ ଏବଂ ଛତିଶଗଡ଼କୁ ଅବସର ବିନୋଦନ, ସାଂସ୍କୃତିକ, ଆଧ୍ୟାତ୍ମିକ ଏବଂ ରୋମାଞ୍ଚକର ପର୍ଯ୍ୟଟନ ପାଇଁ ଏକ ପସନ୍ଦର ସ୍ଥଳ ଭାବେ ପ୍ରଚାର କରିବାକୁ ପ୍ରବଳ ଆଗ୍ରହ ପ୍ରକାଶ କରିଥିଲେ। ଏହି ରୋଡ୍ ?ଶୋ' ଛତିଶଗଡ଼ର ପର୍ଯ୍ୟଟନ ସମ୍ଭାବନା ବିଷୟରେ ସଚେତନତା ବଢ଼ାଇବା ଏବଂ ପ୍ରକୃତି, ସଂସ୍କୃତି, ଐତିହ୍ୟ ଓ ରୋମାଞ୍ଚର ଏକ ସମ୍ପୂର୍ଣ୍ଣ ମିଶ୍ରଣ ପ୍ରଦାନ କରୁଥିବା ଏକ ନୂତନ ପର୍ଯ୍ୟଟନ ସ୍ଥଳ ଭାବେ ଏହାର ସ୍ଥିତିକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ସାଜିଥିଲା।




# ଟିକ୍ରାପଡା ଶୀତଳ ଷଷ୍ଠୀ ମହୋତ୍ସବ ର ପ୍ରସ୍ତୁତି ବୈଠକ



**ବଲାଙ୍ଗିର, ୮।୬ (ଯୁବମୋର୍ଚ୍ଚା):** ଟିକ୍ରାପଡା ଠାରେ ଆସନ୍ତା ଶିତଳ ଷଷ୍ଠୀ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମହୋତ୍ସବ ପାଇଁ ପୂର୍ବତନ ନଗରପାଳ ପ୍ରଦୀପ ସାହୁଙ୍କୁ ସଭାପତି, ବିକାଶ ସା ଙ୍କୁ ସଂପାଦକ ଓ ରାଜେଶ ସାହୁ ଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନିତ କରାଯାଇଛି । ମହୋତ୍ସବ ଉଦ୍ଦେଶ୍ୟରେ ପଡାର ସମସ୍ତ ଘରେ ଆଲୋକ ସାଜସଜ୍ଜା କରାଯିବା ସହ ମହାଦେବ ଙ୍କ କଳସ ଯାତ୍ରାରେ ସମସ୍ତେ ସାମିଲ ହେବା ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ତା ଛଡା ଅଷ୍ଟମ ବର୍ଷ ପାଇଁ ହେଉଥିବା ଏହି ଶିତଳ ଷଷ୍ଠୀ ମହୋତ୍ସବକୁ ମହା ଆଡମ୍ବରରେ ପାଳନ କରିବା ଦିଗରେ ସମସ୍ତେ ସହଯୋଗ କରିବେ ବୋଲି କମିଟି ଅନୁରୋଧ କରିଛି । ଏହି ସଭାରେ ବାବୁ ସା, ସଂଜୟ ଶତପଥି, ତୋଫାନ ସାହୁ, ଆଶୁତୋଷ ସାହୁ, ଅଭିଷେକ ପୁଝାରୀ, ସଂଜିବ ସାହୁ, ଜ୍ୟୋତିଷ କର, ସ୍ୱସ୍ତିକ ମିଶ୍ର, ରାଜେନ୍ଦ୍ର ପାଣି, ଶ୍ୟାମଲାଲ ଅଗ୍ରୱାଲ, ଜ୍ୟୋତି ରାଉତରାଏ, କଲୁ ମହାନ୍ତି, ପଂଚାନନ ପୁଝାରୀ, ସରୋଜ ନନ୍ଦ, ସୁବାଷ ଦାସ, ପ୍ରଦୀପ ଦାଶ, ଟୁଲୁ ସାହୁ, ଆକାଶ ନନ୍ଦ, ସୋନୁ ଅଗ୍ରୱାଲ, ସଂଜୟ ଅଗ୍ରୱାଲ, ରିତେଶ କେଡିଆ, ରଂଜିତ ଦାସ, ଅଶୋକ ଦାସ, ଚିତ୍ତ ରଂଜନ ସାହୁ, ଅମିତ ଦାସ ଓ ସୋମନାଥ ଦାସ ପ୍ରମୁଖ ଉପସ୍ଥିତ ରହି ନିଜସ୍ୱ ମତାମତ ରଖିଥିଲେ ।



## ପେଟ୍ରୋଲ-ଡିଜେଲ ସଞ୍ଚୟ ସହ ଫିଟନେସର ବାର୍ତ୍ତା
# ଛତ୍ରପୁରରେ 'ସଣ୍ଡେ ଅନ ସାଇକଲ' କାର୍ଯ୍ୟକ୍ରମ




ଗଞ୍ଜାମ,୮/୦୬ (ନି.ପ୍ର) : ଦେଶବ୍ୟାପୀ ଭାବେ ବୃଦ୍ଧି ପାଉଥିବା ପେଟ୍ରୋଲ ଓ ଡିଜେଲ ବ୍ୟବହାର, ଇନ୍ଧନ ସଞ୍ଚୟର ଆବଶ୍ୟକତା ଏବଂ ଫିଟ୍ ଇଣ୍ଡିଆ ମିଶନ ଅଧୀନରେ ସୁସ୍ଥ ଜୀବନଶୈଳୀ ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଗଞ୍ଜାମ ଥାନା ଅନ୍ତର୍ଗତ ଛତ୍ରପୁର ଓଏସଏପି ଅଷ୍ଟମ ବାଟାଲିୟନ ପକ୍ଷରୁ "ସଣ୍ଡେ ଅନ ସାଇକଲ" କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଅଷ୍ଟମ ବାଟାଲିୟନର ଦୁର୍ଗପତି ସାରଦା ପ୍ରସାଦ ଦାସଙ୍କ ନେତୃତ୍ୱରେ ସିପାହୀ, ହାବିଲଦାର ଓ କର୍ମଚାରୀମାନେ ବାଟାଲିୟନ ପରିସରରୁ ଜାତୀୟ ରାଜପଥ ପର୍ଯ୍ୟନ୍ତ ଏକ ବୃହତ ସାଇକଲ ରାଲିରେ ଅଂଶଗ୍ରହଣ କରିଥିଲେ। ରାଲି ମାଧ୍ୟମରେ ନିୟମିତ ବ୍ୟାୟାମ, ସାଇକଲ ବ୍ୟବହାର ଏବଂ ସୁସ୍ଥ ଜୀବନଶୈଳୀ ଅପଣାଇବା ପାଇଁ ସାଧାରଣ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ଦୁର୍ଗପତି ଶ୍ରୀ ଦାସ କହିଥିଲେ ଯେ, ବର୍ତ୍ତମାନ ସମୟରେ ପେଟ୍ରୋଲ ଓ ଡିଜେଲ ଉପରେ ବଢୁଥିବା ନିର୍ଭରଶୀଳତା, ଇନ୍ଧନ ବ୍ୟୟ ଏବଂ ପରିବେଶ ପ୍ରଦୂଷଣ ଚିନ୍ତାର ବିଷୟ ପାଲଟିଛି। ଏପରି ସ୍ଥିତିରେ ଛୋଟ ଦୂରତା ପାଇଁ ସାଇକଲ ବ୍ୟବହାର କରିବା ଦ୍ୱାରା ଇନ୍ଧନ ସଞ୍ଚୟ ସହ ଶାରୀରିକ ସୁସ୍ଥତା ଏବଂ ପରିବେଶ ସୁରକ୍ଷାକୁ ମଧ୍ୟ ପ୍ରୋତ୍ସାହନ ମିଳିବ। "ସୁସ୍ଥ ଶରୀର ହିଁ ସୁସ୍ଥ ସମାଜର ମୂଳ ଆଧାର। ପ୍ରତ୍ୟେକ ବ୍ୟକ୍ତି ପ୍ରତିଦିନ ଅତି କମରେ ଅଧା ଘଣ୍ଟା ଶାରୀରିକ କାର୍ଯ୍ୟକଳାପ କରିବା ଉଚିତ," ବୋଲି ସେ ସାମାଜିକ ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ବାଟାଲିୟନର ଉପ-ଦୁର୍ଗପତି ଯଶୋବନ୍ତ ସେଠୀ, ସହ-ଦୁର୍ଗପତି ପବିତ୍ର ମୋହନ ମୁଣ୍ଡା, ସୁବେଦାର ଯୁଧିଷ୍ଠିର ରେଡ୍ଡୀ, ପ୍ରସନ୍ନ ସୁବୁଦ୍ଧି, କେ.କେ. ନାୟକଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ହାବିଲଦାର ସଂଘର ସଭାପତି ଯଶୋବନ୍ତ ସ୍ୱାଇଁ, ସମ୍ପାଦକ ଜଗନ୍ନାଥ ସେଠୀ, ସୁଶାନ୍ତ ସେଠୀ ପ୍ରମୁଖ ମଧ୍ୟ ଯୋଗଦେଇଥିଲେ। ବାଟାଲିୟନର ସମସ୍ତ ହାବିଲଦାର, କର୍ମଚାରୀ ଓ ସିପାହୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। "ସଣ୍ଡେ ଅନ ସାଇକଲ" କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାସ୍ଥ୍ୟ ସଚେତନତା, ପରିବେଶ ସୁରକ୍ଷା ଏବଂ ପେଟ୍ରୋଲ-ଡିଜେଲ ସଞ୍ଚୟର ବାର୍ତ୍ତା ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଯାଇଥିଲା। ଏହି ପଦକ୍ଷେପ ଏକ ସୁସ୍ଥ, ସଚେତନ ଓ ପରିବେଶ-ବନ୍ଧବ ସମାଜ ଗଠନ ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ ବୋଲି ମତ ପ୍ରକାଶ ପାଇଛି।

# ବାପି ସର୍ଖେଲର କଳା ସାମ୍ରାଜ୍ୟର ପତନ ଘଟାଇବାକୁ ମୋହନ ସରକାରଙ୍କୁ ଦାବି

## ବସନ୍ତ ବିଶ୍ୱାଳଙ୍କ ଘର ଉପରେ ହୋଇଥିବା ବୋମା ମାଡ ଘଟଣା ଏବେ ଉଗ୍ର ରୂପ ନେଉଛି

ପାରାଦୀପ,୮।୬ (ନି.ପ୍ର): ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କ ଘର ଓ ପରିବାର ଉପରେ ଆକ୍ରମଣ ସହିତ ପାରାଦୀପରେ କେତେଗୁଡିଏ ଜଘନ୍ୟ ହତ୍ୟାକାଣ୍ଡ ଘଟଣା ଓ ଏହା ପଛ ର ଷଡଯନ୍ତ୍ର ଏବଂ ଏହାର ମୁଖ୍ୟ ଖଳନାୟକ ତଥା ଅପରାଧିକ ପୃଷ୍ଠପୋଷକ ପାଲଟି ଥିବା ବାପି ସର୍ଖେଲ ଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରବିବାର ଦିନ ପ୍ରମୁଖ ରାଜନୈତିକ ଦଳ ଓ ସଂଗଠନ ପକ୍ଷରୁ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ପୃଥକ ପୃଥକ ଭାବେ ଦାବିପତ୍ର ପ୍ରଦାନ କରାଯାଇଛି । ପୌରାଧକ୍ଷ ଙ୍କ ବାସଗୃହ କୁ ବୋମା ମାଡ଼ କେବଳ ଯେ ଟେଣ୍ଡର ବଣ୍ଟନ ନେଇ ଘଟିଛି, ଏହା ବିଶ୍ୱାସ ଯୋଗ୍ୟ ନୁହେଁ। ଏହା ପଛରେ ଷଡଯନ୍ତ୍ର ଓ ମନ୍ଦ ଉଦ୍ଦେଶ୍ୟ ରହିଛି । ଜ୍ୟୋତିକାନ୍ତ ପରିଡା (ବାପୁ) ଓ ଅନ୍ୟ ତିନିଜଣ ସହିତ ଆହୁରି ଅନେକ ଲୋକଙ୍କ ଭାଗିଦାରୀ ରହିଛି । ଏହି ଆକ୍ରମଣ ପଛରେ ମୁଖ୍ୟ କାର୍ପଟଦାର ଶ୍ରମିକ ନେତା ବୋଲାଉଥିବା ଅରିନ୍ଦମ ସର୍କେଲ (ବାପି) ର ନିଶ୍ଚୟ ପ୍ରଚ୍ଛଦ ସହଯୋଗ ଓ ସହାୟତା ରହିଛି । ବାପି ସର୍ଖେଲ ପାରାଦୀପ ରେ ଥିବା ନିଜ ଅଫିସ କାର୍ଯ୍ୟାଳୟ ରେ ଘଟଣାର ସମସ୍ତ ବ୍ଲୁପ୍ରିଣ୍ଟ ରଚିଥିଲା । ପାରାଦୀପ ରେ ଯେତିକି ଜଘନ୍ୟ ହତ୍ୟାକାଣ୍ଡ ଘଟାଇବା ପୂର୍ବରୁ ନାଟକ ରଚିଥାଏ ଠିକ ସମାନ ଢଙ୍ଗରେ ଘଟଣା ଘଟିବା ସମୟରେ ବାପି ସର୍କେଲ ପ୍ରାୟ ଏକ ଘଣ୍ଟା ପରେ ବାପି ସର୍କେଲ, ବାପୁ ପରିଡା ଓ ତାଙ୍କର ସହଯୋଗୀ ମାନେ ପାରାଦୀପ ରୁ ଫେରାର ହୋଇଯାଇଥିଲେ। ଯାହାକି






ବାପି ସର୍କେଲ ର କାର୍ଯ୍ୟାଳୟରେ ଲାଗିଥିବା ସିସି ଟିଭି ଯାଞ୍ଚ କଲେ ନିଶ୍ଚିତ ଭାବେ ସତ୍ୟ ଘଟଣା ଜଣାପଡିବ। ଏଣୁ ସିସି ଟିଭି ଯାଞ୍ଚ କରାଯିବା ସହିତ ବାପି ସର୍କେଲ କୁ ମୁଖ୍ୟ ଷଡଯନ୍ତ୍ରକାରୀ ଭାବେ ନିଆଯାଇ ଗିରଫ କରାଯିବା ସହିତ ଫେରାର ଅଭିଯୁକ୍ତ ବାପୁ ପରିଡା କୁ ତୁରନ୍ତ ଗିରଫ କରାଯିବା ନେଇ ଦୃଢ ଦାବୀ ହୋଇଛି । ଆଇଓସିଏଲ, ପୋସ୍କୋ ଓ ବିଭିନ୍ନ ଶିଳ୍ପ ସଂସ୍ଥା ମାନଙ୍କରୁ କୋଟି କୋଟି ଟଙ୍କା କମେଇ ପେଟ ପୁରିନ ଥିଲାବେଳେ ସ୍ୱେ ପାରାଦୀପର ବିକାଶ କ୍ଷେତ୍ରରେ କେନ୍ଦ୍ର ସରକାର ପୁଞ୍ଜି ନିବେଶକାରୀ କମ୍ପାନୀ ମାନଙ୍କ ଆଗମନ ଦେଖି ରଚିଛି ଆଉଏକ ଅପରାଧିକ କାହାଣୀ । ଯୋଉ କାହାଣୀ ପଛରେ ଡାହାଣୀ ହୋଇ ଲାଗି ଗୁଣିଆ ହୋଇ ଝଡ଼ିବା ଓ ନିଜ ଧର୍ମପତ୍ନୀ ଙ୍କୁ ବିଜେଡି ରେ ପ୍ରବେଶ କରାଇ ସବୁ ଶ୍ରେୟ ନେବା ପାଇଁ ଜାରିରଖିଥିବା ଉଦ୍ୟମକୁ ପାରାଦୀପ ବାସୀ ବେଶ ଭଲ ଭାବରେ ବୁଝି ଆଜି ମିଳିତ ଭାବେ ଯୋଉ ଇଞ୍ଜେକେସନ ଦେଇଛନ୍ତି ବିକାଶ ନାଁ ରେ ଭୁଆଁ ବୁଲାଇବାର ଯୁଗ ଶେଷ ହୋଇଗଲା ବୋଲି ଲୋକଆଲୋଚନା ରୁ ସ୍ପଷ୍ଟ ବାରିହୋଇ ପଡୁଥିଲା । ମାତ୍ର ଏବେ ବଦଳି ଯାଇଛି ସମୀକରଣ । ଦୀର୍ଘ ୨୪ବର୍ଷ ଶାସନ କରିଥିବା ବିଜେଡି ସରକାର ଙ୍କୁ ଧୂଳି ଚଟାଇ ଗଠନ ହୋଇଛି ନୂଆ ସରକାର ଓ ପାରାଦୀପ କୁ ମିଳିଛି ମନ୍ତ୍ରୀ ପଦ । ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପାରାଦୀପ କୁ ଶିଳ୍ପ ଆଣି ଅଞ୍ଚଳ ର ବିକାଶ କ୍ଷେତ୍ରରେ ଅଣ୍ଟା ଭିଡ଼ିଛନ୍ତି ତାହା ବୋଧେ ବାଂଲାଦେଶୀ ବହିରାଗତ ବାପି ସର୍ଖେଲ ର ହଜମ ହେଉନ ଥିବାରୁ ନିଜର ଅସଲି ଚେହେରା କୁ ଲୁଚାଇବାକୁ ଯାଇ ଯୁବ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଙ୍କ ନାଁ ରେ ଯୋଉ ଅପପ୍ରଚାର କରିବାସହ ମିଥ୍ୟା ମାମଲାରେ ଛନ୍ଦି। ଘଟଣା କୁ ଲୋକ ମାନେ ସହଜରେ ହଜମ କରୁନଥିଲା ବେଳେ ପାରାଦୀପ ର ସର୍ବେସର୍ବା ହେବାର ସୁନେଲି ସପ୍ନ ରେ ମସଗୁଲ ରହି ବସନ୍ତ ଙ୍କ ଘର ଉପରେ ହୋଇଥିବା ବୋମାମାଡ଼ ଘଟଣାର ମାଷ୍ଟର ମାଇଣ୍ଡ ବାପି ସର୍ଖେଲ ପାଗଳ ପ୍ରଳାପ ପରି କାର୍ଯ୍ୟ କରୁଛି । ତାର ଅସଲି ଚେହେରା ପାରାଦୀପ ବାସୀ ଜାଣିଲା ପରେ ବାଂଲାଦେଶୀ ହଟାଓ ପାରାଦୀପ ବଞ୍ଚାଅ ସ୍ୱର ଶାଣିତ ହେବାରେ ଲାଗିଛି । ଏବେ କିନ୍ତୁ ଚୋର ମୁହଁ ଟାଣ ପରି ମୁହଁ ଜାକି ଦେଇଥିବା ବାଂଲାଦେଶୀ ବହିରାଗତ ବାପି ସର୍ଖେଲ ବିଷ ନ ଥିବା ଢମଣା ସାପ ପରି ଫଁ ଫଁ ହୋଇ ଯୁବ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଙ୍କ ନାଁରେ ଯେତେ ଡିଣ୍ଡିମ ବାଡ଼େଇଲେବି ଅଞ୍ଚଳବାସୀ ବିଷ ନ ଥିବା ଢମଣା ସାପକୁ ଆଉ ବିଶ୍ୱାସକୁ ନେଉ ନାହାନ୍ତି । ଏହାର ଏକମାତ୍ର କାରଣ ତାର ଅସଲି ଚେହେରା କୁ ପ୍ରକାଶ ଓ ବସନ୍ତ ଲୋକଲୋଚନକୁ ଆଣି ଥିବାରୁ ବିଷ ନଥିବା ଢମଣାଟି କେବେ କିଙ୍ଗକୋବ୍ରା ଙ୍କ ଭୟରେ ପାରାଦୀପ ଛାଡି ଅନ୍ୟ କୋଉ ଅଞ୍ଚଳର ଗାତକୁ ଯାଇ ମୂଷା ଖାଉଛି ଦେଖିବାକୁ ବାକି ରହିଲା । କିନ୍ତୁ ପାରାଦୀପ ରେ ଚର୍ଚ୍ଚା ଚାଲିଛି ଜେ ବାଂଲାଦେଶୀ ବହିରାଗତର ରାଜନୈତିକ ଅନ୍ତ କରିଦେବା ପାଇଁ ଓ କମେଇଥିବା କଳା ସାମ୍ରାଜ୍ୟର ଟଙ୍କାକୁ ମୋହନ ସରକାର କେବେ ଅନ୍ତ କରିବେ ଚାଲିଛି ଆଲୋଚ୍ୟ ବିଷୟ । ପାରାଦୀପରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି କରିବା ଲକ୍ଷ୍ୟ ରଖିଛି ଏହି ଅସାମାଜିକ ସର୍କେଲ। ୨୦୦୦ ମସିହାରେ ବାପି ସର୍କେଲ ର ପାରାଦୀପରେ ଆବିର୍ଭାବ ହେବା ପରଠାରୁ ବିଗତ ୨୫ ବର୍ଷ ମଧ୍ୟରେ ପାରାଦୀପ ସହରରେ ଯେତେ ଘଟଣା ଯଥା ମୁନା ପତି ହତ୍ୟା ଘଟଣା, ଦୁର୍ଯ୍ୟୋଧନ ସ୍ୱାଇଁ ହତ୍ୟା ଘଟଣା, ଦିବାଲୋକରେ ପାରାଦୀପର ମାଉସୀ ମା ଛକରେ ଚର୍ଚ୍ଚିତ ମହେନ୍ଦ୍ର ସ୍ୱାଇଁ ହତ୍ୟା ଘଟଣା ଓ ଆକ୍ରମଣ, ବୋମାମାଡ, ବନ୍ଧୁକରୁ ଗୁଳି ଫୁଟାଇ ଆକ୍ରମଣ କରାଇବା ଭଳି ଅନେକ ଗୁଡିଏ ଘଟଣାରେ ବାପି ସର୍କେଲ ର ନିଶ୍ଚିତ ଭାବେ ଭୂମିକା ରହିଛି ବୋଲି ଅଭିଯୋଗ ହୋଇଛି । ଉପରୋକ୍ତ ୨ ଜଣ ପାରାଦୀପ ଯୁବକ ମାନଙ୍କୁ ନିଶାଗ୍ରସ୍ତ କରି, ବିଭିନ୍ନ ଅସାମାଜିକ ତଥା ଅପରାଧିକ ଘଟଣା ଘଟଉଛନ୍ତି। ଏତଦବ୍ୟତୀତ ରାଜ୍ୟ ବାହାରେ ଓ କେତେବେଳେ ଦୁବାଇ ରେ ରହି ଖାଲିଦ ଖାଁ ନାମକ ଜନୈକ ବ୍ୟକ୍ତି ବାପି ଓ ବାପୁ ଙ୍କ ଦ୍ୱାରା ଇଫକୋ ଓ ପିଆଇସିଟି ର ସମଗ୍ର କାମକୁ କରାୟତ କରିବା ସହିତ ଏଠାର ସମସ୍ତ ବ୍ୟବସାୟକୁ କରାଗତ କରିବା ପାଇଁ ବିପୁଳ ଆର୍ଥିକ ସହାୟତା କରିବା ସହ ମାଫିଆ ସହାୟତା ମଧ୍ୟ ଯୋଗାଇ ଦେଉଥିବା ପାରାଦ୍ୱୀପ ସିଟିଜେନ ଫୋରମ ଅଭିଯୋଗ କରିଛି। ଏଣୁ ପାରାଦୀପର ସ୍ୱାର୍ଥ, ଶୃଙ୍ଖଳା, ଶାନ୍ତି ଓ ଭାଇଚାରା ପାଇଁ ଦଳମତ ନିର୍ବିଶେଷରେ ପାରାଦୀପର ସମସ୍ତ ଦଳର ପ୍ରତିନିଧି ମାନେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଜିଂକ୍ୟ ବାବୁରାଓ ମାନେ ଙ୍କୁ ଦାବିପତ୍ର ପ୍ରଦାନ କରି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ। ବିଜେପି ପାରାଦୀପ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ,ବିଜେପି ନେତା ସର୍ବେଶ୍ୱର ବଳିୟାରସିଂହ, ବିଜେଡି ସଭାପତି କୁମରବର ନାୟକ, ବିଜେଡି ରାଜ୍ୟ ଉପସଭାନେତ୍ରୀ ସବିତା ମହାପାତ୍ର, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଚିନ୍ମୟ ରଞ୍ଜନ ପରିଡା, ଶଙ୍କର ପ୍ରସାଦ ରାଉତ, ବିଜେଡି ମହିଳା ସଭାନେତ୍ରୀ ଚପଳା ସ୍ୱାଇଁ, କଂଗ୍ରେସ ସଭାପତି କେଦାର ବିଶ୍ୱାଳ, କୁଜଙ୍ଗ, ପାରାଦୀପ ଆଞ୍ଚଳିକ କମିଟି ର ସିପିଆଇ ନେତା ସୁବାସ ମହାପାତ୍ର ଓ ପାରାଦୀପ ସିଟିଜେନ ଫୋରମ ସଭାପତି ଶଶାଙ୍କ ଆଚାର୍ଯ୍ୟ, ରବିନ୍ଦ୍ର ଜେନା, ବିବେକାନନ୍ଦ ରାଉତ ପ୍ରମୁଖ ଙ୍କ ନେତୃତ୍ୱରେ ଶତାଧିକ ଦଳୀୟ ସମର୍ଥକ ଓ ସ୍ୱେଚ୍ଛାସେବୀ ମାନେ ପାରାଦୀପ ଆଦର୍ଶ ଥାନାରେ ପହଞ୍ଚି ପୃଥକ ଭାବେ ଦାବୀ ପତ୍ର ପ୍ରଦାନ କରିଥିଲେ।

# ଠଣଠଣା ପ୍ରାଥମିକ ବିଦ୍ୟାଳୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟରେ ସାମିଲ

ପିପିଲି, ୮।୬ (ନି.ପ୍ର): ପିପିଲି ବ୍ଲକ ଦୁର୍ଗାଦାଶପୁର ପଞ୍ଚାୟତ ଅନ୍ତର୍ଗତ ଠଣଠଣା ପ୍ରାଥମିକ ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ସାମିଲ କରାଯାଇଛି। ପିପିଲି ବ୍ଲକର ପ୍ରଥମ ବିଦ୍ୟାଳୟ ଭାବେ ଏହି ସ୍କୁଲ ଆଜି ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା ପାଇଥିବା ବେଳେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଉତ୍ସାହର ସହ ଅନୁଷ୍ଠିତ ହୋଇଛି। ରାଜ୍ୟରେ ଆବାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ୨ୟ ପର୍ଯ୍ୟାୟ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପିପିଲି ବ୍ଲକ ସ୍ଥିତ ଠଣଠଣା ପ୍ରାଥମିକ ବିଦ୍ୟାଳୟର ପରିସରସ୍ଥିତ କାର୍ଯ୍ୟକ୍ରମରେ ପୁରୀ ସାଂସଦ ସମ୍ବିତ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ



ଉପସ୍ଥିତ ରହିଥିଲେ। ସେହିପରି ବ୍ଲକ ଶିକ୍ଷାଅଧିକାରୀ ପୀତବାସ ସେଠୀ, ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ,ପୁରୀ ଜିଲ୍ଲା ସହଶିକ୍ଷାଧିକାରୀ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଟୁନୁ ମଣି ମଲ୍ଲିକ, ଦୁର୍ଗାଦାସପୁର ସରପଞ୍ଚ ବିଭୂତି ଭୂଷଣ ନାଥ, ଏବିଇଓ ଶରତ ଚନ୍ଦ୍ର ଚଉଁରୀ ଏବଂ ସାହେବ ପାତ୍ର, ସମିତିସଭ୍ୟା ସସ୍ମିତା ଦଳେଇ, ଆଞ୍ଚଳିକ ସାଧନ କର୍ମି ସୁବାସ ଚନ୍ଦ୍ର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ବ୍ରହ୍ମା ପ୍ରଧାନ , ପ୍ରଧାନଶିକ୍ଷକ ମାର୍କଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାଜକିଶୋର ଦାସ ପ୍ରମୁଖ ଯୋଗଦେଇ ଥିଲେ ।ଏହି ଅବସରରେ ଅତିଥିମାନେ ଶିକ୍ଷାର ଗୁଣାତ୍ମକ ବିକାଶ, ଆଧୁନିକ ଭିତ୍ତିଭୂମି ସୃଷ୍ଟି ଏବଂ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ଏହି ଆଦର୍ଶ ବିଦ୍ୟାଳୟର ଭୂମିକା ଉପରେ ଆଲୋକପାତ କରିଥିଲେ ।ପିପିଲି ବ୍ଲକର ପ୍ରଥମ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ଠଣ ଠଣା ପ୍ରାଥମିକ ବିଦ୍ୟାଳୟର ଏହି ସଫଳତା ସମଗ୍ର ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ବିଷୟ ପାଲଟିଛି।

# ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି, ୧୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବିପିଏମ ସ୍ଥାନାନ୍ତରିତ

ଜଟଣୀ,୮।୬ (ନି.ପ୍ର): ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି, ଖୋର୍ଦ୍ଧାଜିଲ୍ଲାର, ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅଧୀନରେ ଥିବା ୧୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ବ୍ଲକ ପ୍ରୋଗାମିଙ୍ଗ ମାନେଜର ମାନଙ୍କର ସ୍ଥାନାନ୍ତରିତ ହୋଇଛି। ଦିର୍ଘ ଦିନରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନଙ୍କରେ ମାଡିବସି ରହିଥିବା, ବ୍ଲକ ପ୍ରୋଗାମିଙ୍ଗ ମାନେଜର ମାନଙ୍କର ଚେର ମାଟିତଳେ ବହୁତ ଗଭୀରକୁ ମାଡି ଯାଇଥିଲା। ତାକୁ ଓପାଡ଼ି ପିଙ୍ଗିବା ପାଇଁ ଅବଶ୍ୟ କିଛିଦିନ ଅପେକ୍ଷା କରିବାକୁ ପଡିଥିଲା। ହେଲେ ଦିର୍ଘ ମିଆଦି ଅପେକ୍ଷାର ଅନ୍ତ ଘଟିଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମାନଙ୍କ ଦୟା ଏବଂ ଆଶୀର୍ବାଦ ସେମାନଙ୍କୁ ଏତେ ଦିନ ପର୍ଯ୍ୟନ୍ତ ରହିବାର ସୁଯୋଗ ମିଳିଥିଲା। ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ନିର୍ଭାଇ ଅଧିକାରି ମାନଙ୍କର ଘଣ୍ଟ ଘୋଡାଇବା ନିତି ସେମାନଙ୍କୁ ପ୍ରୋତ୍ସାହନରେ ସହଯୋଗ ହୋଇଥିଲା। ସେହି ସୁଯୋଗରେ ବିପିଏମ ମାନେ ସରକାରୀ ଅନୁଦାନ ପାଣ୍ଠିକୁ ଚଳୁ କରୁଥିବା କଥା ପଦାରେ ପଡିବା ପରେ, ସେମାନଙ୍କର ସ୍ଥାନାନ୍ତରିତ କରିବା ନିଶ୍ଚିତ ହୋଇଥିଲା। ଅଧିକାରୀ ମାନଙ୍କର ବିପିଏମ ମାନଙ୍କ ପ୍ରତି ଏତେ ଦୟା ଅଜାଡି ହୋଇ ପଡୁଥିଲା କଣ ପାଇଁ। ବିଶେଷ ସୂତ୍ରରୁ ଯାହା ଖବର ସଂଗ୍ରହ କରା ଯାଇଛି। ସେମାନେ ଜଣେ ଜଣେ ଦକ୍ଷ ମଧ୍ୟସ୍ଥି ଥିଲେ ସରକାରୀ ଅନୁଦାନକୁ ଭାଗ ବଣ୍ଟିବାରେ। ପ୍ରତେକ ବିପିଏମ ମାନଙ୍କ ମଧ୍ୟରେ ଜଟଣୀ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ ଅନ୍ୟତମ। ଯିଏକି ସହକାରୀ ଅନୁଦାନକୁ ଚଳୁ କରିବାରେ ଯେପରି ଧୁରନ୍ଧର, ସେହିପରି ଅଧିକାରୀ ମାନଙ୍କୁ ଫଳେପୁଷ୍ପ ଦେଇ ହାତେଇବାରେ ଆହୁରୀ ଧୁରନ୍ଧର। ବିପିଏମ ଜଣେ କଣ୍ଟ୍ରାକ୍‌ଚୁଆଲ ସାଧାରଣ କର୍ମଚାରୀ ହୋଇଥିଲେ ମଧ୍ୟ ସରକାରଙ୍କ ଦାଇତ୍ୱ ସମ୍ପର୍ଣ କାର୍ଯ୍ୟ ତୁଲାଇବା ପାଇଁ ନିଯୁକ୍ତି କରାଯାଇଥିଲା। ତାର ମାନେ ନୁହେଁ ସରକାରୀ ଅନୁଦାନକୁ ଶତପ୍ରତିଶତ ନିଜର ପାଣ୍ଠିରେ ମିସାଇବା। ଯେମିତିକି ରୋଗି କଲ୍ୟାଣ ସମିତି, କାୟାକଳ୍ପ ଭଳି ଅନେକ ଛୋଟବଡ ଯୋଜନା ମିଟିଙ୍ଗ ବୈଠକ ପାଇଁ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଆସୁଛି, ବର୍ଷ ବର୍ଷ ଧରି ମାନେଜିଙ୍ଗ କମିଟିର ମିଟିଙ୍ଗ ହେଉ




ନଥିଲା। ଯଦିଓ ଆକସ୍ମିକ ମିଟିଙ୍ଗ୍ ବସୁଥିଲା ୨୦ ଟଙ୍କା ପୁଡିଆରେ ମିଟିଙ୍ଗ୍ ଶେଷ। ବାର୍ଷିକ ଏତେ ଗୁଡାଏ ଟଙ୍କା ହେଉଥିଲା କଣ, ମେଡିକାଲ ସୁପରିଟେଣ୍ଡେଣ୍ଟ ମାନଙ୍କ ଗ୍ୟାନ୍ତରେ ହେଉଥିବା ଭିତିରି ଗୁଜବ ହେଉଥିଲା। ଲକ୍ଷ ଲକ୍ଷ ଟଙ୍କା ଏକୁଟିଆ ଗିଳିବାରେ ପାରଙ୍ଗମ ଥିଲା, ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲକ ପ୍ରୋଗାମିଙ୍ଗ ମାନେଜର। ଏହା ଆମେ କହୁନୁ କହିଛନ୍ତି ତାଙ୍କ ଆପଣାର କର୍ମଚାରୀ ମାନେ। ବିପିଏମ ବିଦାୟ ହେବାପରେ ସତକଥା ପଦାରେ ପଡିଛି। ସ୍ୱାସ୍ଥ୍ୟକର୍ମୀ ଆହୁରୀ ମଧ୍ୟ କହିଛନ୍ତି, ଦବା ନବା କାର୍ଯ୍ୟକ୍ରମ ତଳଠୁ ଉପର ପର୍ଯ୍ୟନ୍ତ ଚାଲୁଥିଲା। ଏହା ଥିଲା ଦିର୍ଘ ଦିନର ବେବସାୟ। ରୋଗୀସେବା, ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅବହେଳିତ ଅବସ୍ଥାରେ ଚାଲିଥିବା ନେଇ କୌଣସି ଅଧିକାରୀଙ୍କ ନଜର ରହୁ ନଥିଲା। ରୋଗୀ ସେବାରେ ଅବହେଳା କରି ପକେଟ ଗରମ କଲେ ଭଗବାନ ସହିବେ ନାହିଁ। ବିପିଏମ ମାନେ କାହାର ସହାୟତାରେ ଏବଂ କାହାର ସହଯୋଗରେ ଏତେ ଉଦ୍ଧତ ହୋଇଥିଲେ, ପଦସ୍ଥ ଅଧିକାରୀ ମାନେ ସମିକ୍ଷା କରିବା ପାଇଁ ସହମତି ଦେଇଛନ୍ତି। ବିପିଏମ ମାନଙ୍କର କର୍ତ୍ତବ୍ୟରେ ଅନେକ ଅବହେଳା ଦେଖାବାକୁ ମିଳୁଥିଲା। ସେଥି ମଧ୍ୟରୁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ ଏକ ନମ୍ବର। ନିଜର କର୍ତ୍ତବ୍ୟରେ ଅନେକ ଅବହେଳା ଏବଂ ଅପବ୍ୟବହାର କରିବାର ଅନେକ ପ୍ରମାଣ ରହିଛି। ଜଟଣୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର କିଛି ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମ୍ପୂର୍ଣ୍ଣ ସହଯୋଗ ପାଉ ଥିବା କଥା କିଛି ବାର୍ତ୍ତାଳାପରେ ଜାଣିବାକୁ ମିଳିଥିଲା। ଏକଥା ମଧ୍ୟ ଜାଣିବାକୁ ପାଇଥିଲୁ ଜିଲ୍ଲା ଅଧିକାରୀଙ୍କ ସମ୍ପୂର୍ଣ୍ଣ ସହୋଯୋଗ ଥିଲେ ବିପିଏମ ମାନେ। ଯାହା ପ୍ରମାଣରେ ମିଳିଲା ସମସ୍ତ ୯ ଜଣ ବିପିଏମ ଙ୍କର ମନଇଚ୍ଛା ସ୍ଥାନାନ୍ତରିତ କରିଥିବା ବଳେ। ଜଟଣୀର ବିପିଏମକୁ ନିଜ ଗ୍ରାମ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖିବା ପାଇଁ ସହୋଯୋଗର ହାତ ବଢ଼ାଇଥିବା କଥା ଗୁଜବ ହେଉଛି। ଏହା ଅତ୍ୟନ୍ତ ସମ୍ବେଦନଶୀଳ ଲୋକହସା ନୁହେଁକି।

# ଏସବିଆଇ ମାଲକାନଗିରି ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ




ମାଲକାନଗିରି, ୮/୬(ମନ୍ଥନ) : ବିଶ୍ୱ ପରିବେଶ ଦିବସ ଅବସରରେ ଭାରତ ସରକାରଙ୍କ ମାନ୍ୟବର ପ୍ରଧାନମନ୍ତ୍ରୀ ଏବଂ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ 'ମା'ଙ୍କ ନାମରେ ଗୋଟିଏ ଗଛ ' ଅଭିଯାନ ଅନ୍ତର୍ଗତ ୦୭/୦୬/୨୦୨୬ ତାରିଖରେ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ) ମାଲକାନଗିରି ଶାଖା ପରିସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରକୃତି ବନ୍ଧୁ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ, ଶାଖାର ମୁଖ୍ୟ ପ୍ରବନ୍ଧକ ଶ୍ରୀ ବିନୋଦ କୁମାର ବିଷୋୟୀ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ। ଏହା ବ୍ୟତୀତ ଉପ-ଶାଖା ପ୍ରବନ୍ଧକ ଶ୍ରୀ ଅଜିତ କୁମାର ଆଚାର୍ଯ୍ୟ, ଆରଏମ୍‌ଏସଏମ୍‌ଇ ଅଧିକାରୀ ଶ୍ରୀ ବୈଷ୍ଣବ ହାଁସଦା, କ୍ୟାସ ଅଫିସର ଶ୍ରୀ ନିର୍ମଳ କୁମାର ବାବର୍ତ୍ତା, ଫିଲ୍ଡ଼ ଅଫିସର ଶ୍ରୀ ରୋହିତ କୁମାର ଟପ୍ପ,ଶ୍ରୀ ସବ୍ୟସାଚୀ ଦାସ ଏବଂ ମାଲକାନଗିରି ସରକାରୀ ମହାବିଦ୍ୟାଳୟର +୩ ବାଣିଜ୍ୟ ବିଭାଗର ଛାତ୍ର ଛାତ୍ରୀମାନେ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

କାର୍ଯ୍ୟକ୍ରମ ଅବସରରେ ବ୍ୟାଙ୍କ ପରିସରରେ ଗୋଟିଏ ଆମ୍ବ ଗଛ, ଗୋଟିଏ ପିଜୁଳି ଗଛ, ଦୁଇଟି ଓଉ ଗଛ ସମେତ ଅନ୍ୟାନ୍ୟ ଫଳଜ ଓ ଅନେକ ଛାୟାଦାୟୀ ବୃକ୍ଷ ରୋପଣ କରାଯାଇଥିଲା କ୍ଷ ପରିବେଶ ସୁରକ୍ଷା, ସବୁଜିମା ବୃଦ୍ଧି ଏବଂ ଆଗାମୀ ପୀ ? ପାଇଁ ଏକ ସୁସ୍ଥ ଓ ସୁନ୍ଦର ପରିବେଶ ଗଠନ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା । ମୁଖ୍ୟ ଅତିଥି ଡକ୍ଟର ସ୍ୱାଇଁ ତାଙ୍କ ବକ୍ତବ୍ୟରେ ବୃକ୍ଷର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଶ୍ରୀ ବିଷୋୟୀ ସମସ୍ତଙ୍କୁ ପରିବେଶ ସୁରକ୍ଷା ପାଇଁ ଅଧିକରୁ ଅଧିକ ବୃକ୍ଷ ରୋପଣ କରିବାକୁ ଆହ୍ୱାନ ଜଣାଇଥିଲେ। ଶେଷରେ ଉପସ୍ଥିତ ଅତିଥି ଓ ଅଂଶଗ୍ରହଣକାରୀମାନେ 'ମା'ଙ୍କ ନାମରେ ଗୋଟିଏ ଗଛ' ଅଭିଯାନକୁ ଜନ ଆନ୍ଦୋଳନରେ ପରିଣତ କରି ପରିବେଶ ସୁରକ୍ଷାରେ ସାମିଲ ହେବା ପାଇଁ ସମସ୍ତ ନାଗରିକଙ୍କୁ ଆହ୍ୱାନ ଜଣାଇଥିଲେ।

# କୋର୍ଟ ଆଦେଶ ଅବମାନନା ସହ ଭଡା ଘର ନଛାଡିବା ଅଭିଯୋଗରେ ଦମ୍ପତି ଗିରଫ

ବୁଗୁଡ଼ା, ୮।୬ (ନି.ପ୍ର) : ବୁଗୁଡ଼ା ଥାନା ଅନ୍ତର୍ଗତ ବାଲିପଦର ମୁଖ୍ୟ ସଡକରେ ଥିବା ଏକ ଭଡା ଘରକୁ ଅକ୍ତିଆର କରି ନଛାଡିବା ସହ କୋର୍ଟ ଆଦେଶକୁ ଅବମାନନା କରିବା ଅଭିଯୋଗରେ ଦମ୍ପତି ଗିରଫ ହୋଇଥିବା ଜଣାଯାଇଛି କ୍ଷ ଗିରଫ ଦମ୍ପତି ହେଲେ ବାଲିପଦର ଗ୍ରାମର ବିଜୟ ସାସମଲ (୫୦) ଓ ସୁକାନ୍ତି ସାସମଲ (୪୦) । ଏ ନେଇ କେସ୍ ନଂ ୨୭୬/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ବାଲିପଦର ଗ୍ରାମର କେ.ସୁବାସ ଚନ୍ଦ୍ର ପାତ୍ରଙ୍କ ମୁଖ୍ୟ ସଡକରେ ଥିବା ଘରକୁ ବିଜୟଙ୍କ ପରିବାର ୧୯୯୧ ମସିହାରୁ ଦୀର୍ଘ ୩୫ ବର୍ଷ ହେଲା ଭଡାରେ ରହି ଘର ଛାଡୁ ନଥିଲେ କ୍ଷ ଏ ନେଇ କେ.ସୁବାସ ଚନ୍ଦ୍ର ପାତ୍ର ଅଦାଲତର ଆଶ୍ରୟ ନେଇଥିଲେ କ୍ଷ ଭଞ୍ଜନଗର ସିଭିଲ୍ ଜଜ୍ ସିନିୟର୍ ଡିଭିଜନ୍ ବିଚାରପତି ସୁବାସଙ୍କ ସପକ୍ଷରେ ରାୟ ପ୍ରଦାନ କରିବା ପରେ ଗତ ୧୮ ତାରିଖରେ କୋର୍ଟ ଅଧିକାରୀଙ୍କ ଉପସ୍ଥିତିରେ ପୋଲିସ ସୁବାସଙ୍କୁ ଉକ୍ତ ଘର ହସ୍ତାନ୍ତର କରିଥିଲେ। ତେବେ ଅଭିଯୁକ୍ତ ଦମ୍ପତି ଉକ୍ତ ଘର ତାଲା ଭାଙ୍ଗିବା ସହ ଅବୈଧ ପ୍ରବେଶ କରି ନାନା ପ୍ରକାର ଧମକଚମକ ଦେଉଥିବା ଫଳରେ ଆଜି ପୋଲିସ ଉକ୍ତ ଘର ସୁବାସଙ୍କୁ ହସ୍ତାନ୍ତର କରିବା ସହ ଅଭିଯୁକ୍ତ ଦମ୍ପତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡିଙ୍କଠାରୁ ପ୍ରକାଶ ପାଇଛି।

# ସାଇଭକ୍ତ ଯୁଗଳ ଚରଣ ଦାଶଙ୍କ ଆକସ୍ମିକ ଦେହାନ୍ତ

ବୁଗୁଡା, ୮।୬ (ନି.ପ୍ର): : ସ୍ଥାନୀୟ ସତ୍ୟସାଇ ସେବା ସମିତିର ପ୍ରତିଷ୍ଠାତା ସଦସ୍ୟ ତଥା ପ୍ରାକ୍ତନ ଆବାହକ ଯୁଗଳ ଚରଣ ଦାଶ(୬୫)ଙ୍କ ଆକସ୍ମିକ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ରବିବାର ସକାଳେ ସେ ତାଙ୍କର ସିମାଞ୍ଚଳ ମାର୍ଗସ୍ଥିତ ବାସଭବନରେ ବ୍ରେନ୍ ଷ୍ଟ୍ରୋକର ଶିକାର ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ବୁଗୁଡା



ମେଡିକାଲକୁ ଅଣାଯାଇଥିଲା । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସାହିବାସିନ୍ଦା ଏବଂ ସତ୍ୟସାଇ ସେବା ସମିତିର ସଦସ୍ୟଗଣ ତାଙ୍କ ବାସଭବନକୁ ଅନ୍ତିମ ଦର୍ଶନ ସହ ତାଙ୍କର ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ସେ ଜଣେ ଉତ୍ତମ ଭଜନ ଗାୟକ ସାଙ୍ଗକୁ ସମାଜସେବୀ ଓ ମେଳାପୀ ବ୍ୟକ୍ତି ଥିଲେ। ତାଙ୍କର ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ବୁଗୁଡ଼ା ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ, ଗୁଳୁଗୁଳିରୁ ଲୋକେ ଛଟପଟ
# ବିଦ୍ୟୁତ ଉପଭୋକ୍ତାଙ୍କୁ କ୍ଷତିପୂରଣ ଦାବୀ

ବୁଗୁଡ଼ା, ୮।୬ (ନି.ପ୍ର): ରାଜ୍ୟ ସରକାର ଚବିଶି ଘଣ୍ଟା ବିଦ୍ୟୁତ୍ ଯୋଗାଣର ଡିଣ୍ଡିମ ପିଟୁଥିବା ବେଳେ ଅଘୋଷିତ ବିଦ୍ୟୁତ କାଟ ଘଟଣା ବୁଗୁଡା ଅଞ୍ଚଳବାସୀଙ୍କ ପାଇଁ ପରିହାସ ସଦୃଶ ହୋଇଛି କ୍ଷ ମେଘ କିମ୍ବା ସାମାନ୍ୟ ପବନ ହେଲେ ବିଦ୍ୟୁତ୍ ଯୋଗାଣ ଠପ୍ ହୋଇ ଯାଉଥିବା ସାଧାରଣ ଘଟଣା ପାଲଟିଥିବା ବେଳେ ବିନା ମେଘ ପବନରେ ମଧ୍ୟ ଘଣ୍ଟା ଘଣ୍ଟା ଧରି ବାରମ୍ବାର ବିଦ୍ୟୁତ କାଟ ହେଉଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଓ ଅସହ୍ୟ ଗରମ ସାଙ୍ଗକୁ ଗୁଳୁ ଗୁଳିରେ ଲୋକେ ଛଟପଟ ହେଉଥିବାବା ବେଳେ ଦୀର୍ଘ ସମୟ ଧରି ବିଦ୍ୟୁତ କାଟ ଫଳରେ ଜଳ ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହେଉଛି। ଦୀର୍ଘ ସମୟ ଧରି ବିଦ୍ୟୁତ କାଟ ଯୋଗୁଁ ଇନଭେଟର୍ ମଧ୍ୟ କାମ କରୁନଥିବାରୁ କେବଳ ସରକାରୀ କାର୍ଯ୍ୟାଳୟ ସମେତ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନର କାର୍ଯ୍ୟରେ ମଧ୍ୟ ବ୍ୟାଘାତ ସୃଷ୍ଟି ହେଉଛି । ଗତକାଲି ବୁଗୁଡ଼ା ସହରରେ ସାମାନ୍ୟ ବର୍ଷା ହେବାରୁ ଅପରାହ୍ନ ୪ଟାରୁ ବିଦ୍ୟୁତ କଟିଗଲା ଯେ ପାହାନ୍ତିଆ ୪ଟା



ସମୟରେ ବିଦ୍ୟୁତ ଆସିଲା । ଆଜି ବର୍ଷା ନାହିଁ କି ପବନ ନାହିଁ ତଥାପି ସକାଳ ୮ଟାରୁ ବାରମ୍ବାର ବିଦ୍ୟୁତ ବିଭ୍ରାଟ ଲାଗି ରହିଥିଲା ଏବଂ ଅପରାହ୍ନ ୨ଟାରୁ ବିଦ୍ୟୁତ କଟିଲା ଯେ ଆଉ ଆସିବାର ନାଁ ଧରୁନି। ବୁଗୁଡ଼ା ସହର ବ୍ୟତୀତ ଗ୍ରାମାଞ୍ଚଳରେ ମଧ୍ୟ ବିଦ୍ୟୁତ କାଟ ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୁଗୁଡ଼ା ବ୍ଲକ ଅନ୍ତର୍ଗତ କରଚୁଲି ଓ ଗୋଳିଆ ପଞ୍ଚାୟତରେ ଶନିବାର ସକାଳ ୯ରୁ ବିଦ୍ୟୁତ କଟିଛି ଯେ ରବିବାର ସନ୍ଧ୍ୟା ପର୍ଯ୍ୟନ୍ତ ବିଦ୍ୟୁତ ଆସି ନଥିଲା କ୍ଷ କରଚୁଲି ଗ୍ରାମରେ କୂଅ ପୋଖରୀ ଶୁଖିଲା ପଡ଼ିଥିବା ବେଳେ ଲୋକେ ପାଇପ ପାଣି ଉପରେ ନିର୍ଭର କରି ଚଳୁଥିଲେ। ତେବେ ୩୬ ଘଣ୍ଟା ହେଲା ବିଦ୍ୟୁତ ଯୋଗାଣ ବନ୍ଦ ରହିଥିବାରୁ ଲୋକେ ପାଣି ପାଇଁ ଡହଳବିକଳ ହୋଇ ଗଲେଣି। କେଉଁ କାରଣରୁ ଏଭଳି ଅଘୋଷିତ ବିଦ୍ୟୁତ କାଟ ହେଉଛି ସେନେଇ ଗୁହାରି ଜଣାଇବାକୁ ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କ ଦେଖା ମିଳୁ ନଥିବା ବେଳେ ସେମାନଙ୍କ ଫୋନ ମଧ୍ୟ ସ୍ୱିଚ୍ ଅଫ୍ କରିଦେଉଛନ୍ତି। କୌଣସି ଅଞ୍ଚଳରେ ୬ଘଣ୍ଟାରୁ ଅଧିକ ସମୟ ବିଦ୍ୟୁତ କାଟ ହେଲେ ହିତାଧିକାରୀଙ୍କୁ କ୍ଷତିପୂରଣ ଦେବାକୁ ନିୟମ ଥିବା ବେଳେ ବୁଗୁଡ଼ା ଅଞ୍ଚଳରେ ଅଧିକାଂଶ ଦିନ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ ପାଇଁ ଉପଭୋକ୍ତା ମାନଙ୍କୁ କିଏ କ୍ଷତି ପୂରଣ ଦେବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦରେ ଜନ ଆନ୍ଦୋଳନ କରିବା ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା ବେଳେ ଅସନ୍ତୁଷ୍ଟ ଜନତା ବିଦ୍ୟୁତ୍ ବିଭାଗର ମନମାନି ବିରୁଦ୍ଧରେ ରାଜରାସ୍ତାକୁ ଓହ୍ଲାଇବାକୁ ସଜବାଜ ହେଉଥିବା ଜଣାଯାଇଛି।

# ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତି ପ୍ରସ୍ତର ସ୍ଥାପନ

ବଲଙ୍ଗା, ୮।୬ (ନି.ପ୍ର): ରାଜ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଆଭାସି ମାଧ୍ୟମରେ ନିମାପଡା ବ୍ଲକ ଅନ୍ତର୍ଗତ ସାଇଁଶ ଗ୍ରାମ ପଞ୍ଚାୟତର ଦକ୍ଷିଣ ରାଉସ ଉଚ୍ଚ ବିଦ୍ୟାଳୟ ଠାରେ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଗୋଦାବରିଶ ଆଦର୍ଶ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ସାଙ୍ଗକୁ ଚରିତ୍ର ବାନ ଛାତ୍ର ଛାତ୍ରୀ ଗଠନର ମୁଖ୍ୟ ମାଧ୍ୟମ ଓ ସୁସ୍ଥ ସମାଜ ଓ ପରିବାର ଗଠନ ଦିଗରେ ମୁଖ୍ୟ ସହାୟକ ବୋଲି ସେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଆଇନ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଉତ୍ତର ଭୁବନେଶ୍ୱର ବିଧାୟକ ବାବୁ ସିଂ, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଓ ବିଭାଗୀୟ ସଚିବ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ବିଦ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ସମିତି ସଭ୍ୟା ସନ୍ଧ୍ୟାରାଣୀ ରଥ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ଡି ଏସ ଏସ ଉମାକାନ୍ତ ମିଶ୍ର, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀଧର ସିଠ ପ୍ରମୁଖ ସାମିଲ୍ ଥିଲେ।

# ଜିନ୍ଦଲ ଷ୍ଟିଲ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ଯୋଡ଼ା/ବଡ଼ବିଲ: ଜିନ୍ଦଲ ଷ୍ଟିଲ ପକ୍ଷରୁ ବଡ଼ବିଲ ପେଲେଟ ପ୍ଲାଣ୍ଟ, କାଶିଆ ଓ ଟେନସା ମାଇନ୍ସରେ ବେଶ ଉତ୍ସାହର ସହ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାପକ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ବିଶ୍ୱ ପରିବେଶ ଦିବସ ଅବସରରେ ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ତଥା ମାନ୍ୟବର କୁରୁକ୍ଷେତ୍ର ସାଂସଦ ଶ୍ରୀ ନବୀନ ଜିନ୍ଦଲ ସୋସିଆଲ ମିଡିଆରେ ଶୁଭେଚ୍ଛା ଜଣାଇବା ଅବସରରେ କହିଛନ୍ତି, "ଭବିଷ୍ୟତ ପିଢ଼ି ପାଇଁ ଆମେ କେମିତି ପୃଥିବୀ ଛାଡ଼ିଯିବୁ, ତାହା କେବଳ ଆମେ କଣ ନିର୍ମାଣ କରିଛୁ ତାହା ଦ୍ୱାରା ନୁହେଁ, ବରଂ ଆମେ କଣ ସଂରକ୍ଷଣ କରିଛୁ ତାହା ଦ୍ୱାରା ମଧ୍ୟ ନିର୍ଦ୍ଧାରିତ ହେବ। ଦେଶ ଯେପରି ନିରନ୍ତର ଉନ୍ନତି ଓ ଅଗ୍ରଗତିର ପଥରେ ଆଗେଇ ଚାଲିଛି, ସେହିପରି ଆମ ବିକାଶର ଯାତ୍ରା, ଜୀବନ ଓ ଜୀବିକାର ଆଧାର ଥିବା ପ୍ରାକୃତିକ ସମ୍ପଦ ଏବଂ ପରିବେଶ ବ୍ୟବସ୍ଥା ପ୍ରତି ସଚେତନ ଓ ଦାୟିତ୍ୱଶୀଳ ହେବା ଆବଶ୍ୟକ। ଆସନ୍ତୁ, ଆମେ ଆଜି ଯେଉଁ ବିଶ୍ୱ ଗଢୁଛୁ, ତାହାର ଉତ୍ତରାଧିକାରୀ ହେବାକୁ ଯାଉଥିବା ଆଗାମୀ ପିଢ଼ିଙ୍କ ପ୍ରତି ଆମର କର୍ତ୍ତବ୍ୟ ଓ ଦାୟିତ୍ୱକୁ ସମ୍ମାନ ଜଣାଇ ସଚେତନମୂଳକ ପଦକ୍ଷେପ ନେବା।"



ବଡ଼ବିଲ ପେଲେଟ ପ୍ଲାଣ୍ଟ ପରିସରରେ ୟୁନିଟ ହେଡ୍ ଶ୍ରୀ ସତୀଶ ସିନ୍ଦୁରିଆଙ୍କ ନେତୃତ୍ୱରେ ଏକ ମିନି ମାରାଥନର ଆୟୋଜନ ହୋଇଥିଲା। ଏହା ସହିତ ବ୍ୟାପକ ବୃକ୍ଷରୋପଣ ମଧ୍ୟ ହୋଇଥିଲା। ଏଥିରେ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ସାମିଲ ହୋଇଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା।

ସେହିପରି କାଶିଆ ମାଇନ୍ସରେ ୟୁନିଟ ହେଡ୍ ଶ୍ରୀ ପ୍ରମୋଦ ପାତ୍ରଙ୍କ ନେତୃତ୍ୱରେ 'ଏକ ପେଡ୍ ମା କେ ନାମ' ଅଭିଯାନରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ସହିତ ପରିବେଶ ଶପଥ ଗ୍ରହଣ ଉତ୍ସବ ଓ ପଥପ୍ରାନ୍ତ ନାଟକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀ ରାଜୀବ କୁମାର ଏବଂ ବିକେଟି- ବିଜନେସ ହେଡ୍ ଶ୍ରୀ ଆଶିଷ ପାଣ୍ଡେ ଯୋଗଦେଇଥିଲେ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ କୁମାର ଏକ ଆମ୍ବୁଲାନ୍ସର ଶୁଭାରମ୍ଭ କରିଥିଲେ। ଏହା ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀଙ୍କ ସେବାରେ ନିୟୋଜିତ ରହିବ।

ଟେନସା ମାଇନସରେ ମଧ୍ୟ ବିଶ୍ୱ ପରିବେଶ ଦିବସ ବେଶ ଉତ୍ସାହରେ ପାଳିତ ହୋଇଛି। ମାଇନ୍ସ ମୁଖ୍ୟ ଶ୍ରୀ ରାଜେଶ ପଟେଲ ଓ ମାଇନ୍ସ ମ୍ୟାନେଜର ଶ୍ରୀ ଭରଦ୍ୱାଜ ରାଉତଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ, ଶପଥ ଗ୍ରହଣ ଓ ସଫେଇ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ସମସ୍ତ କାର୍ଯ୍ୟକ୍ରମ ପରିବେଶ ପରିଚାଳନା ବିଭାଗର ସକ୍ରିୟ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା।

ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ଫଳ ବୃକ୍ଷ ରୋପଣ କରାଯାଇଥିଲା। ସ୍କୁଲ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ସହ ସଚେତନତାମୂଳକ ପଥପ୍ରାନ୍ତ ନାଟକ ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ଦେଓଝରେ ଜିନ୍ଦଲ ନଗରରେ ପ୍ରକୃତି ସୁରକ୍ଷା ଏବଂ ପ୍ଲାଷ୍ଟିକ ବ୍ୟବହାର ବର୍ଜନ ଆଧାରିତ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା।

## ବିଧାୟକଙ୍କ ଦ୍ୱାରା ବହୁ ପ୍ରତିକ୍ଷିତ ସିଦ୍ଧାର୍ଥ ନଗର ପାଠାଗାରର ଶୁଭ ଉଦଘାଟନ

ବ୍ରହ୍ମପୁର,୮ ।୬(ମନ୍ଥନ): ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ ୩୫ ସ୍ଥିତ ସିଦ୍ଧାର୍ଥ ନଗର ଠାରେ ମହାନଗର ନିଗମ ଦ୍ୱାରା ନିର୍ମାଣ ହୋଇଥିବା ପାଠାଗାର ଶୁଭ ଉଦଘାଟନ ହୋଇଯାଇଛି। ସ୍ଥାନୀୟ କର୍ପୋରେଟର ସମୀର କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ଉଦ୍ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମାନ୍ୟବର ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର ଯୋଗଦାନ କରିଥିବା ବେଳେ, ସମ୍ମାନିତ ଅତିଥି ରୂପେ ମାନନୀୟ ମେୟର ସଂଘମିତ୍ରା ଦଳେଇ, କମିଶନର ଏ ସସ୍ୟା ରେଡ୍ଡୀ, ଡେପୁଟି ମେୟର ଇ ବିବେକ ରେଡ୍ଡୀ ପ୍ରମୁଖ ଯୋଗଦେଇ ଉକ୍ତ ପାଠାଗାର ଉଦଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ କର୍ପୋରେଟର ଶ୍ରୀ ମିଶ୍ର କହିଛନ୍ତି ଯେ, ଏହି ପାଠାଗାରର ଉଦଘାଟନ ପାଇଁ ସେ ଦୀର୍ଘ ସମୟ ଧରି ନିଗମ ବୈଠକରେ ଦାବି ଉପସ୍ଥାପନ କରି ଆସୁଥିଲେ। ଯାହାକି ବର୍ତ୍ତମାନ ପୂରଣ ହୋଇଥିବା ନେଇ ସେ ମାନ୍ୟବର ବିଧାୟକ, ମେୟର, ଉପ ମେୟର ଏବଂ କମିଶନରଙ୍କୁ ସାଧୁବାଦ ଜଣାଇଥିଲେ ଗତକାଲି। ସେହିପରି ମାନ୍ୟବର ବିଧାୟକ ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି ଯେ, ବ୍ରହ୍ମପୁର ମହାନଗର ନିଗମର ପ୍ରତିଟି ୱାର୍ଡରେ ଆଗକୁ ଏହିପରି ପାଠାଗାର ମାନ ନିର୍ମାଣ କରାଯିବା ସହ ସହରବାସୀଙ୍କ ସାମୁହିକ ବିକାଶ କରିବା ଓଡିଶାର ସରକାରଙ୍କ ଲକ୍ଷ୍ୟ ରହିଛି ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ୱାର୍ଡର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ମାନଙ୍କ ସମେତ ବରିଷ୍ଠ ନାଗରିକ, ଯୁବ ଛାତ୍ର, ମହିଳା ମାନେ ଉପସ୍ଥିତ ଥିଲେ । ତେବେ ସୂଚନା ଅନୁସାରେ ଏହି ପାଠାଗାର ନିର୍ମାଣ ପାଇଁ ବ୍ୟୟ ଅଟକଳ ପରିମାଣ ୨୪ଲକ୍ଷ୍ୟ ରହିଥିବା ବେଳେ, ଆଗାମୀ ଦିନରେ ଜଗପତି ନଗର ବରିଷ୍ଠ ନାଗରିକ ପାଠାଗାର ନିର୍ମାଣ ୨୦ ଲକ୍ଷ୍ୟ ଟଙ୍କାର ଅନୁଦାନ ରାଶିରେ ନିର୍ମାଣ ହେବାକୁ ଯାଉଛି ବୋଲି କର୍ପୋରେଟର ଶ୍ରୀ ମିଶ୍ର କହିଛନ୍ତି। ଏହି ପାଠାଗାର ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ମାନେ ଉଭୟ କର୍ପୋରେଟର, ମେୟର, ଉପ ମେୟର ଏବଂ ବିଧାୟକଙ୍କୁ ସାଧୁବାଦ ଜଣାଇଥିଲେ।

## ପାରାଦୀପ ବେଳାଭୂମିରେ ୧୦୦ତମ 'ସ୍ୱଚ୍ଛତା ହିଁ ସେବା'

ପାରାଦୀପ - ପାରାଦୀପ କଲେଜ ଏନ୍ ?ସିସି ଆଲୁମ୍ନି ଆସୋସିଏସନ୍ ? ପକ୍ଷରୁ ପାରାଦୀପ ବେଳାଭୂମିରେ ୧୦୦ତମ "ସ୍ୱଚ୍ଛତା ହିଁ ସେବା" କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପାରାଦୀପ ପୌରପାଳିକା ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଭାରତୀୟ ତଟ ରକ୍ଷୀ ବାହିନୀର କମାଣ୍ଡାଣ୍ଟ କୃଷ୍ଣକାନ୍ତ ଚୌବେ, ୮ ନମ୍ବର ୱାର୍ଡର ପାରିଷଦ ଅଜିତ ଷଡ଼ଙ୍ଗୀ ଏବଂ ଏନ୍ ?ସିସି ଆଲୁମ୍ନି ଆସୋସିଏସନ ର ଉପଦେଷ୍ଟା ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।



ଏନ୍‌ସିସିଆଲୁମ୍ନିଆସୋସିଏସନ୍ ?ର ସଭାପତିଅମ୍ବିକା ପ୍ରସାଦ ମହାପାତ୍ର, ଉପସଭାପତିବିବେକାନନ୍ଦ ମହାପାତ୍ରଓ ବିକ୍ରମ ସିଂ ମହାରଣା, ସମ୍ପାଦକ ପଦ୍ମନାଭ ଦାସ, ସହ-ସମ୍ପାଦକ ନଳିନୀ ପ୍ରିୟଦର୍ଶିନୀ, ଅନାଦିସେନାପତି, ହୃଦାନନ୍ଦ ନାଥ ଶର୍ମାଙ୍କ ସମେତ କାର୍ଯ୍ୟକାରିଣୀ ସଦସ୍ୟ ସୋମନାଥମହାପାତ୍ର, ଲିପୁନ ବାରିକ, ସନ୍ତୋଷମହାପାତ୍ର, ସୁଭାଷିଷତ୍ରିପାଠୀ, ଦୀପକ ଓଝା, ଜିତେନ୍ଦ୍ର ବାରିକ, ପିଙ୍କୁନ ସେନାପତି, ଅରୁଣିମା ନାୟକ, ସୁଚରିତା ରାଉତ, ତେଜସ୍ୱିନୀ ଏବଂ ବହୁ ସଂଖ୍ୟକ ଏନ୍ ?ସିସି କ୍ୟାଡେଟ ଓ ଆଲୁମ୍ନି ସଦସ୍ୟ ଉପସ୍ଥିତ ରହି ବେଳାଭୂମି ସଫେଇ କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପଲିଥିନ ଓ ଏକକ ବ୍ୟବହାର ପ୍ଲାଷ୍ଟିକ ବର୍ଜନ, ବର୍ଜ୍ୟବସ୍ତୁର ସଠିକ ପୃଥକୀକରଣ ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।ଏନ୍‌ସିସି ଆଲୁମ୍ନି ଆସୋସିଏସନ୍ "ରାଷ୍ଟ୍ର ସର୍ବପ୍ରଥମ" ଆଦର୍ଶକୁ ନେଇ ସମାଜ ଓ ପରିବେଶ ସେବାରେ ନିରନ୍ତର କାର୍ଯ୍ୟ କରିଆସୁଛି। ଗତ ଶହେ ରବିବାର ଧରି ବେଳାଭୂମି ସଫେଇ, ବାର୍ଷିକ ରକ୍ତଦାନ ଶିବିର ମାଧ୍ୟମରେ ୧୧୦ରୁ ଅଧିକ ୟୁନିଟ୍ ରକ୍ତ ସଂଗ୍ରହ, ନିଶା ନିବାରଣ ସଚେତନତା, ଗ୍ରୀଷ୍ମ ପ୍ରବାହ ସମୟରେ ଦହିପାଣି ବଣ୍ଟନ, ପକ୍ଷୀଙ୍କ ପାଇଁ ଜଳପାତ୍ର ଓ ଖାଦ୍ୟପାତ୍ର ବ୍ୟବସ୍ଥା, ସଡ଼କ ସୁରକ୍ଷା ଏବଂ ଟ୍ରାଫିକ ସଚେତନତା ଭଳି ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଚଳାଇ ଆସୁଛି।ଭବିଷ୍ୟତରେ ମଧ୍ୟ ଏଭଳି ଜନହିତୈଷୀ ଓ ପରିବେଶ ସୁରକ୍ଷାମୂଳକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର ପ୍ରକାଶ କରିଛନ୍ତି ।

## ସମାଜରୁ କୁସଂସ୍କାର ହଟାଇବାକୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ

ମାଲକାନଗିରି, ୮/୬/୨୬(ମନ୍ଥନ):ସମାଜକୁ କଳଙ୍କିତ କରୁଥିବା ଅନ୍ଧବିଶ୍ୱାସ, କୁସଂସ୍କାର ଏବଂ ଡାହାଣୀ ସନ୍ଦେହରେ ହେଉଥିବା ଜଘନ୍ୟ ହିଂସାକାଣ୍ଡର ସମ୍ପୂର୍ଣ୍ଣ ଦୂରୀକରଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବଡ଼ ଧରଣର ଅଭିଯାନ ଆରମ୍ଭ ହୋଇଛି। ଏହି ସାମାଜିକ ବ୍ୟାଧିକୁ ମୂଳପୋଛ କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ସଭାପତିତ୍ୱରେ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍ ଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଜିଲ୍ଲାର ସମସ୍ତ ଥାନା ଅଧିକାରୀ, ପୋଲିସ କର୍ମଚାରୀ ଓ ପ୍ରଶାସନିକ ଅଧିକାରୀ ମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଭର୍ଚୁଆଲ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗ୍ରାମାଞ୍ଚଳ, ବିଶେଷ କରି ଉପାନ୍ତ ଓ ଜନଜାତି ବହୁଳ ଅଞ୍ଚଳରେ ଘଟୁଥିବା ଏଭଳି ସମ୍ବେଦନଶୀଳ ଘଟଣାଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବାକୁ ପୋଲିସ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ସ୍ଥାନରେ ଡାହାଣୀ ସନ୍ଦେହ କିମ୍ବା ଗୁଣିଗାରେଡ଼ି ଅଭିଯୋଗ ଆସିଲେ, ପ୍ରଶାସନ ତୁରନ୍ତ ଏବଂ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସ୍ପଷ୍ଟ କରାଯାଇଛି। କେବଳ ଆଇନଗତ କାର୍ଯ୍ୟାନୁଷ୍ଠାନ ନୁହେଁ, ବରଂ ଲୋକଙ୍କ ମନରୁ ଭୟ ଓ ଅନ୍ଧବିଶ୍ୱାସ ଦୂର କରିବା ପାଇଁ ଗ୍ରାମ ସ୍ତରରେ ବ୍ୟାପକ ସଚେତନତା ସଭା, ପଥପ୍ରାନ୍ତ ନାଟକ ଏବଂ କମ୍ୟୁନିଟି ପୋଲିସିଂ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି।

## ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

ଅନୁଗୋଳ : ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟଙ୍କ ଅଧକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ




୩୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା୩୪ଟି ବ୍ୟକ୍ତିଗତ ଓ ୫ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣିକରାଯାଇଥିଲା । ସେଥିମଧ୍ୟରୁ ୫ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୨ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୫ ହଜାର ଟଙ୍କା ଓ ୩ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୭ ହଜାର ୫୦୦ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।

# ଦୀର୍ଘ ୪୧ ବର୍ଷ ଧରି ପରିବେଶ ସୁରକ୍ଷା କାର୍ଯ୍ୟ ପାଇଁ ମହାନ୍ ସଂଘ ପ୍ରଶଂସିତ

ବ୍ରହ୍ମପୁର,୫ ।୬(ମନ୍ଥନ): ସ୍ତନିଆୟ ହିଲପାଟଣା କାର୍ଯ୍ୟଳୟ ନିକଟସ୍ଥ ପଡିଆ ଠାରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଆଜି ମହାନ୍ ସଂଘ୍ ପକ୍ଷରୁ ବୃକ୍ଷ ରୋପଣ ସହ ସୁରକ୍ଷା କରିବା ନେଇ ଶପଥ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଭାପତି ସୁଶାନ୍ତ କୁମାର ସାବତଙ୍କ ପ୍ରତ୍ୟକ୍ଷ ତତଭାନରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସଂଘ ଉପଦେଷ୍ଟା ଶ୍ରୀ ଚନ୍ଦ୍ର ଶେଖର ସାହୁ, ଅନ୍ୟତମ ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ଡ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, ପୂର୍ବତନ ହିଞ୍ଜିଳି ବିଧାୟକ ଉଦୟ ନାଥ ନାୟକ, ପୂର୍ବତନ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମର ଅଧକ୍ଷ ସୁବାଷ ଚନ୍ଦ୍ର ମହାରଣା ଅତିଥି ଭାବେ ଯୋଗଦେଇ ମହାନ୍ ସଂଘ ଦୀର୍ଘ ୪୧ ବର୍ଷ ଧରି ପରିବେଶ ଦିଗରେ କାର୍ଯ୍ୟର ଉଚ୍ଚ ପ୍ରସଂଶା କରିବା ସହ ବୃକ୍ଷ ରୋପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ସାବତ କହିଛନ୍ତି ଯେ, ବର୍ତ୍ତମାନ ବିଶ୍ୱରେ ଯେପରି ପରିବେଶ ଅବନତି ଘଟୁଛି, ପ୍ରାଣୀ ଜଗତ ବଞ୍ଚିବା କଷ୍ଟକର ହୋଇ ପଡୁଛି, ଏଣୁ ସବୁ ସ୍ତରରେ ପରିବେଶ ସୁରକ୍ଷା ସହ ବ୍ୟାପକ ଆବଶ୍ୟକ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗଣେଶ ନାୟକ, ଡ ଧନ ଲକ୍ଷ୍ମୀ ପଟ୍ଟନାୟକ, ସମର ପାତ୍ର, ଶ୍ରୀକାନ୍ତ ଚନ୍ଦ୍ର ସାବତ, ରିତାଞ୍ଜଳି ସ୍ୱାଇଁ, ପ୍ରଭାକର ସାହୁ, ସୁଦୀପ ସାହୁ, ସୁନିର ବିଶ୍ୱାସ, ଚିନ୍ମୟ ନାରାୟଣ ରଥ, ଆଦିତ୍ୟ ରଥ, ପ୍ରକାଶ ଭାଜନି, ସଞ୍ଜୟ ମାଝୀ, ସୀମାଞ୍ଚଳ ପାଣିଗ୍ରାହୀ, ହରିକୃଷ୍ଣ ମିଶ୍ର, ଡ ସନ୍ଧ୍ୟା ରାଣୀ ପଟ୍ଟନାୟକ, ତପନ ପଣ୍ଡା, ମନୋଜ ମହାପାତ୍ର, ଡ ସୁରଜିତ ପାଣିଗ୍ରାହୀଙ୍କ ସମେତ ସଂଘର ବହୁ ସଦସ୍ୟ ସଦସ୍ୟା ଓ ହିଲପାଟଣା ନିବାସୀ ଅଂଶ ଗ୍ରହଣ କରି ବୃକ୍ଷ ରୋପଣ କରିଥିଲେ । ଚଳିତ ବର୍ଷ ସଂଘ ପକ୍ଷରୁ ବ୍ୟାପକ ଭାବେ ବୃକ୍ଷ ରୋପଣ କରାଯିବ ବୋଲି ସଭାପତି ଶ୍ରୀ ସାବତ ସୂଚନା ଦେଇଛନ୍ତି।

## ରାଜଗାଙ୍ଗପୁରରେ ପ୍ରଥମ ଥର ଅଧିକ ମାସ ଅବସରରେ ଭାଗବତ କଥା

ରାଜଗାଙ୍ଗପୁର : ରାଜଗାଙ୍ଗପୁର ତଥା ଜିଲ୍ଲା ର ବିଶିଷ୍ଟ ସମାଜସେବୀ ହୀନ୍ଦୁ ସନାତନ ଧର୍ମ ବରିଷ୍ଠ ନେତା କମଳ ଅଗ୍ରୱାଲ ତାଙ୍କ ସହ ଧର୍ମୀଣି ଅନିତା ଅଗ୍ରୱାଲ ମାରୱାଡି ମହିଳା ସମିତିର ଅଧ୍ୟକ୍ଷା ଉମା ଅଗ୍ରୱାଲ ସମାଜସେବୀ ରେଖା ଅଗ୍ରୱାଲ ଓ ମାରୱାଡି ସମାଜ ର ବହୁ ସଦସ୍ୟ ଙ୍କ ଉପସ୍ଥିତିରେ ପ୍ରଥମ ଥର ପବିତ୍ର ଅଧିକ ମାସ ଅବସରରେ ସଂଗୀତ ମୟ ଶ୍ରୀ ମଦ ଭାଗବତ କଥା ବାଚକ ମାରୱାଡି ଧର୍ମଶାଳା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଯୋଧ୍ୟା ରୁ ଆସିଥିବା ମହାନ୍ ପୂଜ୍ୟ ଶ୍ରୀ ଅଚ୍ୟୁତ୍ୟ ପ୍ରଶନ୍ନାଚାର୍ଯ୍ୟ ଜୀ ମହାରାଜ ଦିବ୍ୟ ବାଣି କାର୍ଯ୍ୟକ୍ରମ ରବିବାର ସାତ ଜୁନ୍ ରୁ ମଙ୍ଗଳବାର ସୋହଲ ଜୁନ୍ ଅପରାହ୍ନ ତିନିଟା ରୁ ରାତି ସାତଟା ଯାଏ କଥା ବାଚକ ଅନୁଷ୍ଠିତ ହୋଇଛି ।ତାଳକିପଡା ସ୍ଥିତ ମାଁ ଦୂର୍ଗା ମନ୍ଦିର ରେ ପବିତ୍ର ଶ୍ରୀ ମଦ ଭାଗବତ ଗ୍ରନ୍ଥ ବିଧିବଦ୍ଧ ଭାବେ ପୂଜା ଅର୍ଚ୍ଚନା କଳସ ଶୋଭାଯାତ୍ରା ରେ କମଳ ଅଗ୍ରୱାଲ ଗ୍ରନ୍ଥ ମୁଣ୍ଡରେ ବହନ କରି ମାରୱାଡି ଧର୍ମଶାଳା ଠାରେ ସ୍ଥାପନା କରାଯାଇ ଧାର୍ମିକ ପ୍ରବଚନ ହୋଇଥିଲା



ଉକ୍ତ କାର୍ଯ୍ୟକ୍ରମରେ ସନାତନ ଧର୍ମ ପ୍ରଚାରକ ରାମ ବାଳକ ଦାସ୍ ଅଯୋଧ୍ୟା ଜୀ ସମସ୍ତ ସନାତନ ପ୍ରେମି ମାରୱାଡି ସମାଜ ଓ ସାଧାରଣ ଲୋକ ଙ୍କୁ ସଂଗିତ ମୟ ଶ୍ରୀ ମଦ ଭାଗବତ କଥା ବାଚକ କାର୍ଯ୍ୟକ୍ରମ ରେ ଯୋଗଦାନ କରିବାକୁ ନିବେଦନ କରିଥିଲେ।

## ପାଉଁଶ ଗାଡ଼ି ପାଇଁ ଅସନ୍ତୋଷ

ରାଜଗାଙ୍ଗପୁର : ରାଜଗାଙ୍ଗପୁର ବେଆଇନ ପାଉଁଶ ପଠାଉଥିବା ଗାଡ଼ି ବିରୁଦ୍ଧରେ ଜନ ଅସନ୍ତୋଷ। ରାଜଗାଙ୍ଗପୁର ବିଜୁ ରାଜ୍ୟ ରାଜପଥ ପଦା ଗ୍ରାମ ନିକଟରେ ରାଜଗାଙ୍ଗପୁର ଓ ଆଖପାଖ ଅଞ୍ଚଳର ବିଭିନ୍ନ କଳ କାରଖାନା ର ଅଦରକାରୀ କଳା,ଧଳା ପାଉଁଶ ବଡ଼ ବଡ଼ ହାଇୱା ଗାଡ଼ି ଓ ଡମ୍ଫର ଯୋଗେ ରାସ୍ତା କଡ଼ରେ ପଠାଉଥିବା ସମ୍ବନ୍ଧରେ ସୂଚନା ପାଇ ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କିଶୋର ଦାଶ ଙ୍କ ନିର୍ଦ୍ଦେଶନାରେ ଏସ ଆଇ ହେମନ୍ତ ଧିରୁଆ ପୋଲିସ ଟିମ ସହ ଘଟଣାସ୍ଥଳରେ ପହଞ୍ଚିବା ପୁର୍ବରୁ ଗାଡ଼ି ଚାଳକ ଗାଡ଼ି ନେଇ ଫେରାର ହୋଇଯାଇଥିଲା ଉକ୍ତ ଗାଡ଼ି ସମ୍ବନ୍ଧରେ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।

## ୭ମ ରାତ୍ର କୋଇଡା ମାଇନିଂ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୬
## ବିଏଲ୍ ଜାଗୁଆର ବଲାଣି ଚାମ୍ପିୟନ୍

କୋଇଡା: କୋଇଡା କ୍ରିକେଟ ଆସୋସିଏସନ ଟ୍ରଷ୍ଟ ଆନୁକୂଲ୍ୟରେ ସପ୍ତମ ରାତ୍ର କୋଇଡା ମାଇନିଂ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୬ ସ୍ଥାନୀୟ ଗୋପବନ୍ଧୁ ପଡିଆ ଠାରେ ଉଦଯାପିତ ହୋଇଯାଇଛି । ଗତ ୨ ଜୁନ୍ ରୁ ପ୍ରାରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ଦେଶର ବିଭିନ୍ନ ପ୍ରାନ୍ତରୁ ମୋଟ୍ ୧୬ ଗୋଟି ଦଳ ଭାଗ ନେଇଥିବା ବେଳେ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଆଦିବାସୀ କଲ୍ୟାଣ ଓ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ ସାଂସଦ ଜୁଏଲ ଓରାମ ସମେତ ଅନ୍ୟ ଅତିଥି ଗଣ ଯୋଗଦେଇ କୋଇଡା ରେ କ୍ରୀଡାର ବିକାଶ ପାଇଁ ପ୍ରତିଜ୍ଞାବଦ୍ଧ ହୋଇଥିବା ଆୟୋଜକ କୋଇଡା କ୍ରିକେଟ ଆସୋସିଏସନ ଟ୍ରଷ୍ଟ କୁ ଧନ୍ୟବାଦ୍ ଦେବା ସହ ପଡିଆ ମଧ୍ୟରେ ପହଞ୍ଚି ସେମିଫାଇନାଲିଷ୍ଟ ଦଳ ମାନଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରେରଣ କରିଥିଲେ ।ଜାତୀୟ ଅନ୍ତର୍ଜାତୀୟ ଖେଳାଳି ସହ ରାତ୍ରି କାଳୀନ ମ୍ୟାଚ୍ ଖେଳାଯାଉଥିବାରୁ ଖେଳାଳୀ ଓ ଦର୍ଶକ ଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଯାଇଥିଲା । ଏହାର ଫାଇନାଲ ମୁକାବିଲା ମ୍ୟାଚ୍ ବିଏଲ୍ ଜାଗୁଆର ବଲାଣି ବନାମ କେସିଏଟି ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ବିଏଲ୍ ଜାଗୁଆର ଦଳ ଚମତ୍କାର ପ୍ରଦର୍ଶନ କରି ବିଜୟୀ ହୋଇ ଚଳିତ ବର୍ଷ ଚାମ୍ପିୟନ୍ ହୋଇଥିଲେ । ଅତିଥି ଗଣ ବିଜେତା ଦଳକୁ ୧ ଲକ୍ଷ ନଗଦ ସହ ଟ୍ରଫି ଓ ଉପବିଜେତା ଦଳକୁ ୭୦ ହଜାର ନଗଦ ସହ ଟ୍ରଫି ପ୍ରଦାନ କରିଥିଲେ । ସେହିପରି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ କେରଳମ୍ ର ତାରକା ଖେଳାଳି ରିୟାଜ ମଲିଙ୍ଗା ସମେତ ଶ୍ରେଷ୍ଠ ଫିଲ୍ଡର, ସିକ୍ସର୍ , କିପର୍ ଆଦିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଟୁର୍ଣ୍ଣାମେଣ୍ଟକୁ ସିଧାପ୍ରସାରଣ ଟେଲିକାଷ୍ଟ ରେ ମଧ୍ୟ ଘରେ ବସି ଲୋକ ବେଶ୍ ଉପଭୋଗ କରିଥିଲେ। କୋଇଡା କ୍ରିକେଟ ଆସୋସିଏସନ ଟ୍ରଷ୍ଟ ପକ୍ଷରୁ ସଭାପତି ରାଜେନ୍ଦ୍ର ରଣା,ରାଜେଶ ଜୟସ୍ୱାଲ,ଦିପକ ବାର୍ଲା, କପିଳ ଦାସ , ଭକ୍ତ ବାରିକ ସମେତ ବରିଷ୍ଠ ଓ କନିଷ୍ଠ ସମସ୍ତ ସଦସ୍ୟଗଣ ଟୁର୍ଣ୍ଣାମେଣ୍ଟ ଆୟୋଜନ ଓ ପରିଚାଳନା ରେ ସକ୍ରିୟ ସହଯୋଗ କରିଥିଲେ ।

## ହାଓଡ଼ା-ପୁରୀ-ହାଓଡ଼ା ଶତାବ୍ଦୀ ଏକ୍ସପ୍ରେସ୍ ବାତିଲ୍ ।

ଭୁବନେଶ୍ୱର:ଲିଙ୍କ୍ ଟ୍ରେନ୍ ବିଳମ୍ବ ହେତୁ, ଟ୍ରେନ୍ ନମ୍ବର ୧୨୨୭୮ ପୁରୀ-ହାଓଡ଼ା ଶତାବ୍ଦୀ ଏକ୍ସପ୍ରେସ୍ ୯ ଜୁଲାଇ ୨୦୨୬ ରେ ବାତିଲ ରହିବ।ସେହିପରି, ଟ୍ରେନ୍ ନମ୍ବର ୧୨୨୭୭ ହାଓଡ଼ା-ପୁରୀ ଶତାବ୍ଦୀ ଏକ୍ସପ୍ରେସ୍ ମଧ୍ୟ ୯ ଜୁଲାଇ ୨୦୨୬ ରେ ବାତିଲ ରହିବ।

ଯାତ୍ରୀମାନଙ୍କୁ ଉପରୋକ୍ତ ପରିବର୍ତ୍ତନ ଗୁଡ଼ିକ ପ୍ରତି ଧ୍ୟାନ ଦେବାକୁ ଏବଂ ସେହି ଅନୁସାରେ ସେମାନଙ୍କର ଯାତ୍ରା ଯୋଜନା କରିବାକୁ ପରାମର୍ଶ। ଅପଡେଟ୍ ହୋଇଥିବା ଟ୍ରେନ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଜାତୀୟ ଟ୍ରେନ୍ ତଦନ୍ତ ପ୍ରଣାଳୀ ପରିଦର୍ଶନ କରିପାରିବେ କିମ୍ବା ସରକାରୀ ରେଳ ତଦନ୍ତ ସେବା ବ୍ୟବହାର କରିପାରିବେ।

## 'ଯୁବ ଜାଗୃତି ଅଭିଯାନ' କାର୍ଯ୍ୟକ୍ରମ

ଯୋଡ଼ା, ଶାସ୍ତ୍ରୀ ନଗର: ଶାସ୍ତ୍ରୀ ନଗର ୟୁଥ୍ କ୍ଲବ୍ ପରିସରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଯୁବ ଜାଗୃତି ଅଭିଯାନ' କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଯୁବପିଢ଼ିଙ୍କୁ ନିଶା ସେବନରୁ ଦୂରେଇ ରଖିବା, ସେମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରିବା ଏବଂ ଏ ନୂତନ ତଥା ସୁସ୍ଥ ସମାଜ ଗଠନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଯଦ୍ଦ୍ୱାରା ଦେଶର ଯୁବକମାନେ ଏକ ନୂତନ ଉତ୍ସାହ ଓ ଉଦ୍ଦୀପନା ସହିତ ରାଷ୍ଟ୍ର ଗଠନରେ ନିଜର ଯୋଗଦାନ ଦେଇପାରିବେ।ମୁଖ୍ୟ ଅତିଥି ଏବଂ ବିଶିଷ୍ଟ ବ୍ୟକ୍ତିମାନଙ୍କ ଗରିମାମୟ ଉପସ୍ଥିତି: ଏହି କାର୍ଯ୍ୟକ୍ରମରେ ସମାଜର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଯୁବକମାନଙ୍କୁ ମାର୍ଗଦର୍ଶନ କରିଥିଲେ। ମୁଖ୍ୟ ଅତିଥି : ଦିନେଶ ବେହେରା ବ୍ଲକ୍ ଡେଭେଲପମେଣ୍ଟ ଅଫିସର - ସମ୍ମାନିତ ଅତିଥି ଯୋଡ଼ାର ଜଣାଶୁଣା ଚିକିତ୍ସକ ଡାକ୍ତର ରାମ ସାର୍ ଏବଂ ଓଡ଼ିଶା ହାଇକୋର୍ଟର ଆଡଭୋକେଟ୍ ସତ୍ୟମ ଦାସ ପଟ୍ଟନାୟକ। ବ୍ରହ୍ମାକୁମାରୀ ସଂସ୍ଥାରୁ ବିଶିଷ୍ଟ ଅତିଥି: ବିକେ କବି ସୂର୍ଯ୍ୟ ଜୀ ଜେନେରାଲ ମ୍ୟାନେଜର ।ମୁଖ୍ୟ ବକ୍ତା ବିକେ ଜୟନ୍ତୀ ଭଉଣୀ ମୁଖ୍ୟ ସଞ୍ଚାଳିକା, ବ୍ରହ୍ମାକୁମାରୀ ବଡ଼ବିଲ, ଯିଏ କି ସମାଜରେ ନିଜର ୩୦ ବର୍ଷର ନିସ୍ୱାର୍ଥପର ତଥା ଦୀର୍ଘକାଳୀନ ସେବା ଅଭିଜ୍ଞତାକୁ ସଭାରେ ସାମ୍ନାକୁ ରଖିଥିଲେ।



## ରାଜଗାଙ୍ଗପୁର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ପ୍ରତିବାଦ ସଭା

ରାଜଗାଙ୍ଗପୁର: ରାଜଗାଙ୍ଗପୁର ପଞ୍ଚାୟତ ଅଞ୍ଚଳର ଜନସାଧାରଣ ବିଭିନ୍ନ ସମସ୍ୟା କୁ ନେଇ ରାଜଗାଙ୍ଗପୁର ବ୍ଲକ କଂଗ୍ରେସ ସଭାପତି ଲଳିତ ଲାକ୍ରା ମାନ୍ୟବର ବିଧାୟକ ଡଃ ସିଏସ ରାଜନ୍ ଏକ୍କା ଙ୍କ ବ୍ଲକ ପ୍ରତିନିଧି ଅରୁଣ ସାମଲ ଅବଜରଭର ଅଗୁସଟିନ ମିଞ୍ଜ ମହେନ୍ଦ୍ର ସିଂହ ବରିଷ୍ଠ ନେତା ଶସି ଭୁଷଣ ଚୈରସିଆ ଆଲବଟ କିଣ୍ଡୋ ସରପଞ୍ଚ ବିନୟ ଭୂଷଣ ବାର୍ଲା ଅଜିତ ଏକ୍କା ଏଡି ଏଜାଜ ଶୁକ୍ରା କୁଜୁର ଚମ୍ପା ବାର୍ଙ୍କରା ରିଲା ଶୁସିଲା ଟୋପୋ ଅଲିସା ତିର୍କୀ ମହିମା ଟୋପୋ ସୁମି ଟୋପୋ ଲିଲିମା ଶୁକାନ୍ତି ବା ପ୍ରସନଦୀପ କୁଜୁର ଚମ୍ପାବତି ଏକ୍କା ଓ ବିଭିନ୍ନ ପଞ୍ଚାୟତ ର ସରପଞ୍ଚ ସମିତି ମେମ୍ବର ବରିଷ୍ଠ ନେତା କର୍ମୀ ଙ୍କ ଉପସ୍ଥିତି ରେ ଲୋକ ଙ୍କ ବିଭିନ୍ନ ସମସ୍ୟା କୁ ନେଇ ରାଜଗାଙ୍ଗପୁର ବିଡ଼ିଓ ଅକ୍ଷୟ



କୁମାର ବାଗ ଙ୍କୁ ତାଙ୍କର କାର୍ଯ୍ୟକାଳ ଠାରେ ଭେଟି ମହାମହିମ ରାଜ୍ୟପାଳ ଙ୍କ ଉଦେଶ୍ୟ ରେ ସ୍ମାରକ ପତ୍ର ପ୍ରଦାନ କରି ଯଥାଶୀଘ୍ର ସମାଧାନ ପାଇଁ ପାଇଁ ଦାବି କରିଥିଲେ।

# ବ୍ୟାପକ ସୁରକ୍ଷା ଏବଂ ପ୍ରସ୍ତୁତିମୂଳକ ପଦକ୍ଷେପ ସହିତ ମୌସୁମୀ ପାଇଁ ପ୍ରସ୍ତୁତ ହେଉଛି ପୂର୍ବତଟ ରେଳପଥ

ଭୁବନେଶ୍ୱର,୮।୬(ନି.ପ୍ର.): ମୌସୁମୀ ଋତୁ ଆରମ୍ଭ ହେବା ସହିତ, ବର୍ଷା ଦିନେ ସୁରକ୍ଷିତ, ନିର୍ଭରଯୋଗ୍ୟ ଏବଂ ନିରବଚ୍ଛିନ୍ନ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଏହାର ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଏବଂ ରାୟଗଡ଼ା ଡିଭିଜନ ଗୁଡିକରେ ୧୦ ଜୁନ୍ରୁ ୨୫ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ 'ମୌସୁମୀ ସତର୍କତା' ଉପରେ ଏକ ସ୍ୱତନ୍ତ୍ର ସୁରକ୍ଷା ଅଭିଯାନ ଆରମ୍ଭ କରାଯାଇଛି।

ଏହି ଅଭିଯାନରେ ପ୍ରବଳ ବର୍ଷା ଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ଥିବା ରେଳ ସମ୍ପତ୍ତି ଗୁଡ଼ିକର ବ୍ୟାପକ ଯାଞ୍ଚ, ପ୍ରତିଷେଧକ ରକ୍ଷଣାବେକ୍ଷଣ ଏବଂ ତୀକ୍ଷ୍ଣ ତଦାରଖ ରଖାଯିବା ଅନ୍ତର୍ଭୁକ୍ତ। ଟ୍ରାକ୍, ବ୍ରିଜ୍ (ପୋଲ), କଲଭର୍ଟ, ଟନେଲ୍ (ସୁଡ଼ଙ୍ଗ), ଏମ୍ବାଙ୍କମେଣ୍ଟ (ବନ୍ଧ), କଟିଙ୍ଗ୍, ଡ୍ରେନେଜ୍ ବ୍ୟବସ୍ଥା, ସିଗନାଲିଂ ବ୍ୟବସ୍ଥା, ବୈଦ୍ୟୁତିକ ସମ୍ପତ୍ତି ଏବଂ ଓଭରହେଡ୍ ଉପକରଣ ଉପରେ ବିଶେଷ ଧ୍ୟାନ ଦିଆଯାଉଛି। ପ୍ରସ୍ତୁତିମୂଳକ ପଦକ୍ଷେପ ସ୍ୱରୂପ ରେଳ ଧାରଣା ସଂଲଗ୍ନ ନଦୀ, ପୋଲ ଏବଂ କଲଭର୍ଟ ଗୁଡ଼ିକର ଜଳସ୍ତର ଉପରେ କଡ଼ା ନଜର ରଖାଯିବ।ବନ୍ୟା, ମୃତ୍ତିକା କ୍ଷୟ, ଭୂସ୍ଖଳନ , ପାହାଡ଼ ଧସିବା ଏବଂ ପଥର ଖସିବା ଭଳି ଆଶଙ୍କା ଥିବା ସମ୍ବେଦନଶୀଳ ସ୍ଥାନଗୁଡ଼ିକ ଉପରେ ବିଶେଷ ଦୃଷ୍ଟି ଦିଆଯାଉଛି। ରିଟେନିଂ ୱାଲ୍ (ପ୍ରତିରୋଧକ ପ୍ରାଚୀର), ବୋଲ୍ଡର ନେଟ୍ ଏବଂ ନଦୀ-ପ୍ରଶିକ୍ଷଣ କାର୍ଯ୍ୟ ଭଳି ସୁରକ୍ଷାମୂଳକ ଗଠନଗୁଡ଼ିକୁ ଭଲଭାବେ ଯାଞ୍ଚ କରାଯାଉଛି ଏବଂ ଆବଶ୍ୟକ ସ୍ଥଳେ ସୁଦୃଢ଼ କରାଯାଉଛି। ପ୍ରତିକୂଳ ପାଗ ସମୟରେ ପ୍ରଭାବଶାଳୀ ନଜର ରଖିବା ଏବଂ ଉତ୍ତମ ଦୃଶ୍ୟମାନତା ସୁନିଶ୍ଚିତ କରିବା ପାଇଁ ପୋଲ ଏବଂ ରେଳଧାରଣା ନିକଟରେ ଥିବା ଗଛଲତା ଓ ବୁଦାଗୁଡ଼ିକୁ ମଧ୍ୟ ସଫା କରାଯାଉଛି।

ଏହି ମୌସୁମୀ ସୁରକ୍ଷା ଅଭିଯାନରେ ଦୁର୍ବଳ ଟ୍ରାକ୍ ସେକ୍ସନ ଗୁଡ଼ିକରେ ବ୍ୟାପକ ପାଟ୍ରୋଲିଂ, ସମ୍ବେଦନଶୀଳ ସ୍ଥାନଗୁଡ଼ିକର ନିୟମିତ ଯାଞ୍ଚ ଏବଂ ଚିହ୍ନଟ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ୱାଚ୍ ?ମ୍ୟାନ୍ (ଜଗୁଆଳି) ମୁତୟନ କରାଯିବା ଅନ୍ତର୍ଭୁକ୍ତ ଅଟେ। ଯେକୌଣସି ଜରୁରୀକାଳୀନ ପରିସ୍ଥିତିରେ ତୁରନ୍ତ ପଦକ୍ଷେପ ନେବା ପାଇଁ ବାଲିବସ୍ତା, ବାଲାଷ୍ଟ (ପଥରଗୁଡ଼ି) ଏବଂ ମୋରମ ସହିତ ପର୍ଯ୍ୟାପ୍ତ ପରିମାଣର ଜରୁରୀକାଳୀନ ସାମଗ୍ରୀ ରଣନୀତିକ ଭାବେ ଗଚ୍ଛିତ କରି ରଖାଯାଇଛି।ଜଳବନ୍ଦୀ ଏବଂ ଆଦ୍ରତା ଦ୍ୱାରା ସୃଷ୍ଟି ହେଉଥିବା ବ୍ୟାଘାତକୁ ରୋକିବା ପାଇଁ ସିଗନାଲିଂ ଏବଂ ଦୂରସଞ୍ଚାର ବ୍ୟବସ୍ଥା, ଟ୍ରାକ୍ ସର୍କିଟ୍, ରିଲେ ରୁମ୍, ପଏଣ୍ଟ ମେସିନ୍ ଏବଂ ଲୋକେସନ ବକ୍ସ ପ୍ରତି ମଧ୍ୟ ବିଶେଷ ଧ୍ୟାନ ଦିଆଯାଉଛି। ସିଗନାଲ ଗୁଡ଼ିକର ସଠିକ୍ ଦୃଶ୍ୟମାନତା ସୁନିଶ୍ଚିତ କରିବା, ଝୁଲୁଥିବା ଗଛର ଡାଳଗୁଡ଼ିକୁ କାଟିବା ଏବଂ ପ୍ରଭାବଶାଳୀ ଆର୍ଥିଂ ଓ ସର୍ଜ ସୁରକ୍ଷା ବ୍ୟବସ୍ଥା ମାଧ୍ୟମରେ ବୈଦ୍ୟୁତିକ ଏବଂ ସିଗନାଲିଂ ସଂସ୍ଥାପନ ଗୁଡ଼ିକର ସୁରକ୍ଷା ପାଇଁ ମଧ୍ୟ ଅନେକ ଗୁଡିଏ ପଦକ୍ଷେପ ନିଆଯାଉଛି।ଟ୍ରାକସନ ଏବଂ ବୈଦ୍ୟୁତିକ କ୍ଷେତ୍ରରେ, ପାଣି ପଶିବାକୁ ରୋକିବା ଏବଂ ପ୍ରତିକୂଳ ପାଗ ସମୟରେ ପରିଚାଳନାଗତ ନିର୍ଭରଯୋଗ୍ୟତା ବଜାୟ ରଖିବା ପାଇଁ ଓଭରହେଡ୍ ଉପକରଣ, ସୁଇଚିଂ ପୋଷ୍ଟ, ସବ୍-ଷ୍ଟେସନ ଏବଂ ଲୋକୋମୋଟିଭ୍ (ଇଞ୍ଜିନ) ଉପକରଣଗୁଡ଼ିକର ବିସ୍ତୃତ ଯାଞ୍ଚ କରାଯାଉଛି।

ପ୍ରବଳ ବର୍ଷା, ବନ୍ୟା, ଭୂସ୍ଖଳନ, ଘୂର୍ଣ୍ଣିଝଡ଼ କିମ୍ବା ଅନ୍ୟ କୌଣସି ପାଣିପାଗ ସମ୍ବନ୍ଧୀୟ ଜରୁରୀକାଳୀନ ପରିସ୍ଥିତିରେ ତୁରନ୍ତ ଏବଂ ସମନ୍ୱିତ ପଦକ୍ଷେପ ସୁନିଶ୍ଚିତ କରିବା ପାଇଁ ମୌସୁମୀ ପ୍ରସ୍ତୁତି କାର୍ଯ୍ୟକ୍ରମ ଏବଂ ସୁରକ୍ଷା ସୂଚନା ମାଧ୍ୟମରେ ବିଭିନ୍ନ ବିଭାଗର ଫିଲ୍ଡ ଷ୍ଟାଫ୍ ?ମାନଙ୍କୁ ସଚେତନ କରାଯାଉଛି। ଏହି ବ୍ୟାପକ ପ୍ରସ୍ତୁତିମୂଳକ ପଦକ୍ଷେପ ମାଧ୍ୟମରେ, ପୂର୍ବତଟ ରେଳପଥ ଭିତ୍ତିଭୂମିର ସ୍ଥିରତା ବୃଦ୍ଧି କରିବା, ପରିଚାଳନାଗତ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ମୌସୁମୀ ଋତୁରେ ଯାତ୍ରୀ ଓ ମାଲ୍ ପରିବହନ ଗ୍ରାହକମାନଙ୍କ ପାଇଁ ସମୟାନୁବର୍ତ୍ତୀ, ନିର୍ଭରଯୋଗ୍ୟ ଏବଂ ସୁରକ୍ଷିତ ରେଳ ସେବା ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛି।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

**Editor : Sarat Raut**

ସଂପାଦକ: ଶରତ ରାଉତ